# ସ୍ୱର୍ଗୀୟ ନିଷ୍ପତ୍ତି

## (ଆସମାନୀ ଫଏସଲା)

ଲେଖକ:
**ହଜରତ ମିର୍ଜା ଗୁଲାମ ଅହମଦ** [ଆସ]
ପ୍ରତିଶ୍ରୁତ ମସିହ ଓ ମେହଦୀ

# ସ୍ୱର୍ଗୀୟ ନିଷ୍ପତ୍ତି

## (ଆସମାନୀ ଫଏସଲା)

ଲେଖକ:
**ହଜରତ ମିର୍ଜା ଗୁଲାମ ଅହମଦ**[ଅସ]
ପ୍ରତିଶ୍ରୁତ ମସିହ ଓ ମେହଦୀ

# ସ୍ୱର୍ଗୀୟ ନିଷ୍ପତ୍ତି

ମୂଳ ଉର୍ଦ୍ଦୁ : 'ଆସ୍‌ମାନୀ ଫଏସଲା'
ଲେଖକ : **ହଜରତ ମିର୍ଜା ଗୁଲାମ ଅହମଦ**ଅସ, ପ୍ରତିଶ୍ରୁତ ମସିହ ଓ ମେହଦୀ
ଅହମଦୀୟା ମୁସଲିମ ଜମାଅତର ସଂସ୍ଥାପକ
ଓଡିଆ ରୂପାନ୍ତର: **ମୌ. ଫକୀରୁଦ୍ଦିନ୍ ଖାନ୍**, ଏଚ.ଏ.
ପ୍ରକାଶକ : ନଜାରତ ନଶରୋ ଇଶାଅତ୍, କାଦିୟାନ ଜିଲ୍ଲା: ଗୁରୁଦାସ୍‌ପୁର,
ପଞ୍ଜାବ (ଭାରତ)-୧୪୩୫୧୬
ମୁଦ୍ରକ : ଫଜଲେ ଉମର୍ ପ୍ରିଣ୍ଟିଙ୍ଗ୍ ପ୍ରେସ୍, କାଦିୟାନ (ଭାରତ)
ପ୍ରକାଶନ ବର୍ଷ : ୨୦୨୦, ପ୍ରଥମ ଓଡିଆ ସଂସ୍କରଣ (ମୁଦ୍ରଣ ସଂଖ୍ୟା:୧୦୦୦)

## SWARGIYA NISPATI
## 'Asmani Faisla'

*Author of the Book* : **Hadhrat Mirza Ghulam Ahmad**as
Promised Messiah & Mahdi,
Founder of Ahmadiyya Muslim Jama'at
*Translated to Odia* : **Mlv. Fakiruddin Khan**, H.A. Missonary
*Published by* : NAZARAT NASHR-O-ISHA'AT, Qadian
Dist.Gurdaspur, Punjab (India) - 143516
*Year of Publication* : 2020, First Edition in Odia (1000 copies)
*Printed at* : Fazle Umar Printing Press, Qadian (India)

*No part of this translation and commenrtary may be reprduced in any form without prior permission from the Publisher, except for the quotation of brief passages in criticism.*

**ISBN:**

ٹائیٹل بار اوّل

هٰذَا الَّذِیْ کُنْتُمْ بِهٖ تَسْتَعْجِلُوْنَ

(یہ وُہی ہے جس کے لئے تم جلدی کرتے تھے)

میاں نذیر حسین صاحب دہلوی اور اُن کے شاگرد بٹالوی کو جو مؤلف رسالہ ہذا صاحب کتاب ازالۂ اوہام و توضیح مرام کو کافر اور دجال اور کذّاب اور مُلحد اور بے ایمان اور ملعون اور دور از رحمتِ رحمٰن ٹھہراتے ہیں اور ایسا ہی اُن کے تمام ہمخیالوں مولویوں صوفیوں پیرزادوں فقیروں سجادہ نشینوں کو آسمانی فیصلہ کی طرف دعوت اور نیز اُنکے گذشتہ مباحثات کی کیفیت

والحمد للہ والمنّت کہ یہ رسالہ موسومہ

# آسمانی فیصلہ

مطبع ہند ریاض امرتسر میں چھپا

ایک ہزار جلد فی سبیل اللہ تقسیم کیگئی ہے

# ଆଭିମୁଖ୍ୟ

## (ସ୍ୱର୍ଗୀୟ ନିଷ୍ପତ୍ତି)

ଯେତେବେଳେ ଗୁରୁମାନଙ୍କର ଗୁରୁ ବୋଲାଉଥିବା ଭାରତର ଶୀର୍ଷ ସ୍ତରୀୟ ମୌଲବୀ ନଜୀର ହୁସେନ ଦେହଲୁଇ ଓ ମୌଲବୀ ମୁହମ୍ମଦ ହୁସେନ ବଟାଲୁଭି ତଥା ଅନ୍ୟାନ୍ୟ ମୌଲବୀଗଣ ହଜରତ ଯୀଶୁ ମସିହଙ୍କ ପବିତ୍ର ଜୀବନ ଓ ମୃତ୍ୟୁର ପ୍ରସଙ୍ଗ ଉପରେ ହଜରତ ମିର୍ଜା ଗୁଲାମ ଅହମଦ ସାହେବ କାଦିୟାନୀଙ୍କ ସହିତ ଶାସ୍ତ୍ରୀୟ ବିତର୍କ ପାଇଁ କରାଯାଇଥିବା ଅନୁରୋଧକୁ ପ୍ରତ୍ୟାଖାନ କଲେ ଏବଂ ହଜରତ ମିର୍ଜା ସାହେବଙ୍କୁ କାଫିର (ଅବିଶ୍ୱାସକାରୀ) କହିବାରୁ କ୍ଷାନ୍ତ ହେଲେ ନାହିଁ, ସେତେବେଳେ ସେ ଡିସେମ୍ବର, ୧୮୯୧ ମସିହାରେ 'ଆସମାନୀ ଫଏସଲା' ନାମକ ଏକ ଉର୍ଦ୍ଦୁ ପୁସ୍ତକ ରଚନା କଲେ । ଏଥିରେ ଉପରୋକ୍ତ ବିଦ୍ୱାନମାନଙ୍କ ଦ୍ୱାରା ଦିଆଯାଇଥିବା କାଫିରର ଫତୱା (ଅବିଶ୍ୱାସକାରୀ ହୋଇଥିବାର ଅଧାଦେଶ)ର ବାସ୍ତବିକତା ବର୍ଣ୍ଣନା କରି ହଜରତ ଅହମଦ[ଅସ] ସମସ୍ତ ବିରୋଧି ମୌଲବୀଗଣଙ୍କୁ ବିଶେଷତଃ ତଥାକଥିତ ପୀଠାସୀନ ମିଆଁ ନଜୀର ହୁସେନ ସାହେବ ଯେ କି ନିଜକୁ ଗୁରୁଶ୍ରେଷ୍ଠ ବୋଲାଉଥିବା କାରଣରୁ ଅନ୍ୟମାନଙ୍କ ଅପେକ୍ଷା ଅଧିକ ବିଖ୍ୟାତ ଥିଲେ, ସ୍ୱର୍ଗୀୟ ନିଦର୍ଶନ ଦେଖାଇବା ସକାଶେ ଆହ୍ୱାନ କଲେ । ସେମାନଙ୍କୁ ସମ୍ବୋଧନ କରି ସେ କହିଲେ– ସତ୍ୟ ଓ ନୈଷ୍ଠିକ ବିଶ୍ୱାସକାରୀଙ୍କ ମହତ୍ତ୍ୱ ସମ୍ବନ୍ଧରେ କୁରଆନ ଓ ହଦିସ ଦ୍ୱାରା ଦିଆଯାଇଥିବା ଚିହ୍ନଗୁଡିକୁ ଆଧାର କରି ମୋ ସହିତ ମୁକାବିଲା କରନ୍ତୁ । କିନ୍ତୁ ମହାମାନ୍ୟ ହଜରତ ଅହମଦଙ୍କ ସହିତ ମୁକାବିଲା କରିବା ପାଇଁ ତାଙ୍କର ସମ୍ମୁଖୀନ ହେବାକୁ କାହାର ବି ସତସାହାସ ହେଲା ନାହିଁ ।

ତେବେ ପ୍ରାସଙ୍ଗୀକତାକୁ ଦୃଷ୍ଟିରେ ରଖି ଏହି ପୁସ୍ତକର ଲେଖକ ହଜରତ ମିର୍ଜା ଗୁଲାମ ଅହମଦ ସାହେବ ଉଲ୍ଲେଖ କରିଛନ୍ତି ଯେ ସେ ଐଶି ନିର୍ଦ୍ଦେଶ କ୍ରମେ ନିଜକୁ ପ୍ରତିଶ୍ରୁତ ମସିହ ଓ ମେହଦୀ (ଆଧ୍ୟାତ୍ମିକ ଚିକିତ୍ସକ ଓ ପ୍ରଶିକ୍ଷକ) ରୂପେ ଦାବୀ ଉପସ୍ଥାପନ କରି ତାଙ୍କର ଦୀକ୍ଷା ଗ୍ରହଣ କରିବା ଉଦ୍ଦେଶ୍ୟରେ ବାରମ୍ବାର ତାଙ୍କୁ ସାକ୍ଷାତ କରିବା ଓ ତାଙ୍କର ଦିବ୍ୟ ସଙ୍ଗତିରେ ରହିବା ସହିତ ଆଧ୍ୟାତ୍ମିକ ବିଷୟ ଶୁଣିବା ଓ ଶୁଣାଇବା ଉଦ୍ଦେଶ୍ୟରେ ବର୍ଷକରେ ତିନିଦିନ ଧର୍ମ ସମ୍ମିଳନୀ

ଅନୁଷ୍ଠିତ କରାଇବା ଓ ସେମାନେ ସେଥିରେ ଉପସ୍ଥିତ ରହିବାକୁ ଆମନ୍ତ୍ରଣ କରିଥିଲେ, ଯାହା ପାଇଁ ମହାମାନ୍ୟ ହଜୁରଙ୍କ ଦ୍ୱାରା ଡିସେମ୍ବର ୨୬, ୨୭ ଓ ୨୮ ତାରିଖ ନିର୍ଦ୍ଧାରିତ ହୋଇଥିଲା । ସୁତରାଂ ଏହି ଦୃଷ୍ଟିରୁ ପାଠକମାନଙ୍କୁ ନିବେଦନ ଯେ ଏହି ପୁସ୍ତକକୁ ଧ୍ୟାନପୂର୍ବକ ଅଧ୍ୟୟନ କରିବା ସଙ୍ଗେସଙ୍ଗେ ହଜରତ ଅହମଦ[ଅସ]ଙ୍କ ଦ୍ୱାରା ପ୍ରଣୀତ ଶିକ୍ଷାବଳୀ ଅନୁଯାୟୀ ଯଥାସାଧ୍ୟ ନିଜ ଜୀବନକୁ ଅତିବାହିତ କରନ୍ତୁ ।

ଓଡିଆ ଭାଷାରେ ଅନୁବାଦିତ ଏହି ପୁସ୍ତକ 'ସ୍ୱର୍ଗୀୟ ନିଷ୍ପତ୍ତି'ର ପ୍ରଥମ ସଂସ୍କରଣ ପ୍ରକାଶିତ କରିବା ପାଇଁ କେନ୍ଦ୍ରୀୟ ପ୍ରସାରଣ ଓ ପ୍ରକାଶନ ନିର୍ଦ୍ଦେଶାଳୟ, କାଦିୟାନ, ଅହମଦିୟା ସମ୍ପ୍ରଦାୟର ମହାମାନ୍ୟ ପଞ୍ଚମ ଖଲିଫାଙ୍କ ସଦୟ ସ୍ୱୀକୃତି ଲାଭ କରିଛନ୍ତି । ଏହାର ଅନୁବାଦ ଫକୀରୁଦ୍ଦିନ ଖାନ୍, ଏଚ.ଏ ତଥା ଏହାର ସମୀକ୍ଷା ଓ ସଂଶୋଧନ କାର୍ଯ୍ୟ ଇଂ. ରୌଶନ୍ ଖାନ୍, ଅଧ୍ୟକ୍ଷ ରିଭ୍ୟୁ କମିଟି ଓଡିଶାଙ୍କ ଦ୍ୱାରା ସମ୍ପାଦିତ ହୋଇଛି । ଶବ୍ଦ ଅଳଙ୍କରଣରେ ମୌଲବୀ ଅନୱର ଅହମଦ ଖାନ୍, ଇନଚାର୍ଯ ଓଡିଆ ଡେସ୍କ, କାଦିୟାନ ସହାୟତା କରିଛନ୍ତି । ଈଶ୍ୱର ସମସ୍ତଙ୍କୁ ଏହାର ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ । ଏହି ପୁସ୍ତକ ପାଠକମାନଙ୍କ ସତ୍‌ମାର୍ଗ ପ୍ରାପ୍ତିର ସାଧନ ହେଉ । ଏହା ହିଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା ।

ଭବଦୀୟ
ହାଫିଜ ମଖଦୁମ୍ ଶରିଫ୍
ନାଜର ନଶରୋ ଇଶାଅତ୍
କେନ୍ଦ୍ରୀୟ ପ୍ରସାରଣ ଓ ପ୍ରକାଶନ ବିଭାଗ
କାଦିୟାନ୍

بسم اللہ الرّحمٰن الرّحیم

نَحْمَدُهٗ وَنُصَلِّیْ عَلٰی رَسُوْلِهِ الْکَرِیْمِ

لَنْ یَّجْعَلَ اللّٰهُ لِلْکَافِرِیْنَ عَلَی الْمُؤْمِنِیْنَ سَبِیْلًا

ଏହା କଦାପି ସମ୍ଭବ ନୁହେଁ ଯେ ବିଶ୍ୱାସକାରୀଙ୍କୁ ଦୋଷାରୋପ କରିବା ପାଇଁ ଅବିଶ୍ୱାସକାରୀଙ୍କ ପକ୍ଷେ କୌଣସି ରାସ୍ତା ମିଳିପାରିବ ।

[اے خداوند رہنمائے جہان
صادقاں را ز کاذبانِ بُرہان]

[آتش افتاد درجہان ز فساد
الغیاث اے مغیث عالمیان ①]

# ନଜୀର ହୁସୈନ୍ ସାହେବଙ୍କ ଫତୱାର ସତ୍ୟାସତ୍ୟ ଏବଂ ତାଙ୍କର କୃତ୍ରିମ ସଫଳତାର ବାସ୍ତବ ରୂପ ତାଙ୍କୁ ତଥା ତାଙ୍କ ଭଳି ସମ ବିଚାରଧାରା ସମ୍ପନ୍ନ ଲୋକମାନଙ୍କୁ ସ୍ୱର୍ଗୀୟ ନିଷ୍ପତ୍ତି ଆଡ଼କୁ ଆହ୍ୱାନ ।

ଦିଲ୍ଲୀ ନିବାସୀ ମିଆଁ ନଜୀର ହୁସେନ ସାହେବ ଯଦିଓ ସ୍ୱୟଂ ମଧ୍ୟ ଅବିଶ୍ୱାସକାରୀ ହୋଇଥିବାର ଫତୱା (ଧାର୍ମିକ ନିଷ୍ପତ୍ତି)ରୁ ବର୍ତ୍ତି ଯାଇନାହାନ୍ତି, ଏପରିକି ଭାରତବର୍ଷରେ ସବୁଠାରୁ ଆଗ ଧାଡିର କାଫିର ହୋଇଥିବାର ସ୍ଥିରୀକୃତ ହୋଇଛନ୍ତି, ତଥାପି ତାଙ୍କର ଅନ୍ୟାନ୍ୟ ମୁସଲମାନମାନଙ୍କୁ କାଫିର୍ କରିବାରେ ଏତେ ମାତ୍ରାରେ ଆଗ୍ରହ ରହିଛି ଯେ ସତେ ଯେମିତି ସଦାତ୍ମା ବ୍ୟକ୍ତିଙ୍କୁ ମୁସଲମାନ କରିବାରେ ବିଶେଷ ଆଗ୍ରହ ରହିଥାଏ । ସେ ଏହି କଥାର ବଡ଼ ଇଚ୍ଛୁକ ଜଣାପଡ଼ନ୍ତି ଯେ କୌଣସି ମୁସଲମାନ ଉପରେ ଅକାରଣରେ ଫତୱା ଲାଗିଯାଉ, କୁଫର୍ ବା ଅବଜ୍ଞାକାରୀ ଥିବାର ଗୋଟିଏ ହେଲେ କାରଣ ମିଳୁ ନଥାଉ ପଛକେ ଏବଂ ତାହାଙ୍କ ଆଜ୍ଞାକାରୀ ଶିଷ୍ୟ ମିଆଁ ମୁହମ୍ମଦ ହୁସେନ୍ ବଟାଲା ନିବାସୀ ଯିଏ ନିଜକୁ କୁଳବୃଦ୍ଧ (ଶେଖ୍) ବୋଲାନ୍ତି ତାଙ୍କରି ପଦଚିହ୍ନର ଅନୁସରଣ କରନ୍ତି । ବରଂ କହିବାକୁ ଗଲେ ଶେଖ ମହୋଦୟ ତ କେତେ ମାତ୍ରାରେ ଅଧିକ ଉତ୍ସାହ ଦେଖାନ୍ତି ଓ ଫତୱା ଦେବାର ରୁଚିରେ ନିଜ ଗୁରୁଙ୍କ ଠାରୁ ମଧ୍ୟ ଆଗକୁ ବଢ଼ିଯାଆନ୍ତି । ଏହି ଗୁରୁଶିଷ୍ୟ ଦ୍ୱୟଙ୍କ ଚିନ୍ତାଧାରା ଏପରି ଜଣାପଡେ ଯେ ବିଶ୍ୱାସର ଯଦି ଅନେଶ୍ୱତ କାରଣ ସ୍ୱଷ୍ଟ ରୂପେ ତାଙ୍କ ଦୃଷ୍ଟିରେ ରହିଥିବ ଏବଂ ଗୋଟିଏ ବିଶ୍ୱାସଜନିତ କାରଣ ନିଜ ସଂକୀର୍ଣ୍ଣତା

① "ହେ ସଂସାରର ସତଶିକ୍ଷାଦାତା ପରମେଶ୍ୱର ! ସତ୍ୟକୁ ମିଥ୍ୟାର କବଳରୁ ମୁକ୍ତ କର । ଉପଦ୍ରବ କାରଣରୁ ସଂସାରରେ ନିଆଁ ଲାଗିଯାଇଛି । ହେ ଲୋକମାନଙ୍କ ଗୁହାରି ଶ୍ରବଣକାରୀ ! ଆମକୁ ସହାୟତା ପ୍ରଦାନ କର ।"

ଯୋଗୁଁ ବୁଝା ପଡୁନଥିବ, ତା'ହେଲେ ବି ଏମିତି ଲୋକଙ୍କୁ କାଫିର୍ କହିବାଟା ପ୍ରଯୁଜ୍ୟ ହେବ । ସୁତରାଂ ଏହି ବିନୀତ ସହିତ ସେହି ମହାଶୟମାନଙ୍କ ଏତାଦୃଶ ବ୍ୟବହାର ପ୍ରଦର୍ଶନ କଲେ । ଯେଉଁ ବ୍ୟକ୍ତି ଏହି ବିନୀତର ରଚନାବଳୀ, **ବରାହୀନେ ଅହମଦିୟା** ଏବଂ **ଶୁରମା ଚଶ୍ମା ଆରୟା** ଇତ୍ୟାଦି ପୁସ୍ତକାଦିକୁ ଧ୍ୟାନପୂର୍ବକ ପାଠ କରିବ, ତାହା ପ୍ରତି ପୂର୍ଣ୍ଣତଃ ସ୍ୱଷ୍ଟ ହୋଇଯିବ ଯେ ଏହି ବିନୀତ କେଉଁ ପ୍ରକାର ଇସଲାମ ଧର୍ମର ସେବକ ଏବଂ **ହଜରତ ମୁହମ୍ମଦସଅଙ୍କ** ମହାନତାକୁ ପ୍ରସାରିତ କରିବାରେ କେତେ ମାତ୍ରାରେ ନିମଗ୍ନ ରହିଛି । ତଥାପି ମିଆଁ ନଜିର ହୁସେନ ସାହେବ ଓ ତାଙ୍କର ଶିଷ୍ୟ ବଟାଲଭ୍ୱୀ ଧୈର୍ଯ୍ୟରକ୍ଷା କଲେ ନାହିଁ, ଯେପର୍ଯ୍ୟନ୍ତ ଏହି ରୂପେ ଆଖ୍ୟାୟିତ ନକରିବା ପର୍ଯ୍ୟନ୍ତ ନୀରବ ହୋଇ ବସିଲେ ନାହିଁ । ମିଆଁ ନଜିର ହୁସେନ୍‌ଙ୍କ ଦଶା ଅତ୍ୟନ୍ତ ଚିନ୍ତାଜନକ ଯେକି ପରିଣତ ବୟସରେ ପହଞ୍ଚିଥିଲେ ସୁଦ୍ଧା ନିଜ ଶୋଚନୀୟ ପରିଣତିର ତିଳେହେଲେ ଖାତିର କଲେ ନାହିଁ । ଏବଂ ଏହି ବିନୀତକୁ କାଫିର୍‌ସିଦ୍ଧ କରିବା ପାଇଁ ବିଶ୍ୱସ୍ତତା ଏବଂ ସଂଯମକୁ ପୂର୍ଣ୍ଣତଃ ପାଶୋରି ପକାଇଲେ । ଏବଂ କବରରେ ପାଦ ଲଟକାଇ ରଖିଥିଲେ ମଧ୍ୟ ନିଜ ରୁଗ୍ଣ ମାନସିକତାର ଅତ୍ୟନ୍ତ ମନ୍ଦ ନମୁନା ପ୍ରଦର୍ଶନ କଲେ । ମନରେ ଈଶ୍ୱର ଭୟ ପୋଷଣ କରୁଥିବା ଧାର୍ମୀକ ତଥା ଶୁଦ୍ଧପୁତ ବିଦ୍ୱାନ ବ୍ୟକ୍ତିଙ୍କର ଏହା କର୍ତ୍ତବ୍ୟ ଯେ ଯେପର୍ଯ୍ୟନ୍ତ ତାଙ୍କ ହସ୍ତରେ କାହାରିକୁ କାଫିର୍ ସ୍ଥିର କରିବାକୁ ସଠିକ୍ ପ୍ରମାଣ ନାହିଁ, ଯେଉଁ ଆଧାରରେ ତା'ଉପରେ ଅମାନ୍ୟ କରିବାର ଦୋଷ ଲଗାଯିବ ଏବଂ କୁଫର୍‌ର ଆରୋପସିଦ୍ଧ କରୁଥିବା ସେହି ବିଷୟକୁ ସେ ସ୍ୱୟଂ ନିଜ ମୁଖରେ ସ୍ୱଷ୍ଟ ରୂପେ ସ୍ୱୀକାର କରୁଥିବ, ସେପର୍ଯ୍ୟନ୍ତ ଏମିତି ବ୍ୟକ୍ତିକୁ କାଫିର୍ ସାବ୍ୟସ୍ତ କରିବାରେ ବ୍ୟଗ୍ରତା ଦେଖାଇଥାନ୍ତି । ଏବେ ଆମକୁ ଦେଖିବାର ଅଛି ଯେ ମିଆଁ ନଜୀର ହୁସେନ ଧର୍ମନିଷ୍ଠତାର ପଥକୁ ଅନୁସରଣ କରିଛନ୍ତି କି ଅନ୍ୟ ଆଡ଼େ ପାଦ ବଢାଉଛନ୍ତି । ସୁତରାଂ ଏହା ସ୍ୱଷ୍ଟ ହେଉଛି ଯେ ମିଆଁ ନଜିର ହୁସେନ ଧର୍ମନିଷ୍ଠତା ଓ ବିଶ୍ୱାସର ମାର୍ଗକୁ ପୂର୍ଣ୍ଣତଃ ଜଳାଞ୍ଜଳୀ ଦେଇ ସାରଛନ୍ତି । **ମୁଁ ଦିଲ୍ଲୀରେ** ତିନିଗୋଟି ଘୋଷଣାପତ୍ର ଦେଇଛି ଏବଂ ନିଜର ସେହି ଘୋଷଣାପତ୍ରରେ ବାରମ୍ବାର ଏହା ସ୍ୱଷ୍ଟ କରିଛି ଯେ ମୁଁ ହେଉଛି ମୁସଲମାନ ଏବଂ ଇସଲାମର ପ୍ରତି ସଂପୂର୍ଣ୍ଣ ଆସ୍ଥା ରଖିଛି । ଆହୁରି ମଧ୍ୟ ମୁଁ ସର୍ବମୟ ଅଲ୍ଲାଃଙ୍କ ପ୍ରତିଜ୍ଞା କରି ଏହି ବାର୍ତ୍ତା ପହଞ୍ଚାଇଛି ଯେ ମୋର କୌଣସି ଏକ ଲେଖା ବା ଭାଷଣରେ କୌଣସି ଏପରି କଥାର ଉଲ୍ଲେଖ ନାହିଁ, ଯାହା ଇସଲାମୀୟ ଆସ୍ଥାର ବିରୁଦ୍ଧାଚରଣ କରୁଥିବ । ନଉଜୁବିଲ୍ଲାଃ (ଅଲ୍ଲାଃଙ୍କ ଆଶ୍ରୟ ଲୋଡୁଛି) ଯେ ଅଭିଯୋଗକାରୀଙ୍କର ନିଜର ଭୁଲ ବୁଝାମଣା ରହିଛି । ବରଂ ମୁଁ ଇସଲାମର ସମସ୍ତ ବିଶ୍ୱାସର ମୂଳମନ୍ତ୍ର

ଉପରେ ମନପ୍ରାଣ ଢାଳି ବିଶ୍ୱାସ ରଖେ ଏବଂ ଇସଲାମର ମୌଳିକ ସିଦ୍ଧାନ୍ତ ବିରୁଦ୍ଧରେ ବିମୁଖ ହୋଇ ନଥାଏ । କିନ୍ତୁ ମିଆଁ ନଜୀର ହୁସେନ ମୋ କଥା ପ୍ରତି କର୍ଣ୍ଣପାତ କଲେ ନାହିଁ ଏବଂ କିଛି ପଚରା ଉଚୁରା ଓ ଖୋଜ ଖବର ନରଖି ମୋତେ କାଫିର୍ କହିଦେଲେ । ଏପରିକି ମୋ ନିକଟରୁ **ଆନା ମୁମିନୁ ଆନା ମୁମିନୁ** ଅର୍ଥାତ 'ମୁଁ ବିଶ୍ୱାସକାରୀ ମୁଁ ବିଶ୍ୱାସକାରୀ' ବୋଲି ସ୍ପଷ୍ଟ ସ୍ୱୀକାରୋକ୍ତି ଶୁଣିବା ସତ୍ତ୍ୱେ ସେ କହିଲେ, **ଲସ୍‌ତା ମୁମିନା** ଅର୍ଥାତ 'ତୁମେ ବିଶ୍ୱାସକାରୀ ନୁହଁ' । ଏବଂ ଥରକୁ ଥର ନିଜର ଲେଖା, ଭାଷଣ ଓ ନିଜର ଚେଲା ଚାମୁଣ୍ଡାଙ୍କ ଦ୍ୱାରା ପ୍ରଚଳିତ ଖବର କାଗଜରେ ଏହି ବିନୀତର ନାମ କାଫିର୍, ବିଧର୍ମୀ ଓ ଦଜ୍ଜାଲ (ଧୂର୍ତ୍ତ) ରଖିଲେ ଏବଂ ଚତୁର୍ପାର୍ଶ୍ୱରେ ଏହି କଥାକୁ ପ୍ରଘଟ କରିଦେଲେ ଯେ, ଏହି ବ୍ୟକ୍ତିଜଣକ ଅମାନ୍ୟକାରୀ ଓ ବିଶ୍ୱାସଘାତକ ତଥା ଈଶ୍ୱର ଓ ତାଙ୍କ ପ୍ରେରିତମାନଙ୍କ ଠାରୁ ବିମୁଖ ହେଉଛି । ସୁତରାଂ ମିଆଁ ସାହେବଙ୍କର ଉକ୍ତ ବାକ୍ୟବାଣରେ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସ୍ୱରୂପ ବିରୋଧର ଏକ ଭୀଷଣ ଝଡ ସୃଷ୍ଟି ହେଲା । ସମଗ୍ର ଭାରତବର୍ଷ ବିଶେଷତଃ ପଞ୍ଜାବର ଲୋକମାନେ ଏକ ବଡ଼ ଧରଣର ଅଭିସନ୍ଧିର ସମ୍ମୁଖୀନ ହେଲେ । ବିଶେଷତଃ ଦିଲ୍ଲୀର ଅଧିବାସୀ ମିଆଁ ସାହେବଙ୍କର ସେହି ବିରୋଧାତ୍ମକ ଅଗ୍ନିଶିଖା ଫଳରେ କ୍ରୋଧାଗ୍ନିରେ ଜଳିବାକୁ ଲାଗିଲେ । ଦିଲ୍ଲୀରେ ସମ୍ଭବତଃ ଷାଠିଏ ଅବା ସତୁରୀ ହଜାର ମୁସଲମାନ ବସବାସ କରୁଥିବେ । କିନ୍ତୁ ସେମାନଙ୍କ ମଧ୍ୟରେ ଜଣେ ଅଧେ ଥିବେ ଯେ କି ଏହି ବିନୀତ ବିରୁଦ୍ଧରେ ପ୍ରୟୋଗ କରାଯାଉଥିବା ଅପଶବ୍ଦ, ଅଭିଶାପ ଦେବା ତଥା ଉପହାସ କରିବା ଓ ଶୁଣିବାରେ ସମ୍ମିଳିତ ହୋଇ ନଥିବେ । ଏହି ସମସ୍ତ ଷଡ଼ଯନ୍ତ୍ରରେ ମିଆଁ ସାହେବ ଅବଶ୍ୟ ସଂମ୍ପୃକ୍ତ ଥିଲେ, ଯାହାକୁ ସେ ନିଜ ଜୀବନର ଅସ୍ତମିତ ଦିନମାନଙ୍କରେ ପରଲୋକ ଗତି ପାଇଁ ଏକତ୍ରିତ କଲେ । ସେ ସତ୍ୟର ପ୍ରମାଣକୁ ଗୋପନ ରଖି ଲକ୍ଷାଧିକ ଲୋକଙ୍କ ମନରେ ଏକଥାକୁ ବସାଇ ଦେଇଥିଲେ ଯେ, ଏହି ବ୍ୟକ୍ତି ବାସ୍ତବରେ ଜଣେ କାଫିର ଓ ଲାଞ୍ଛିତ ଓ ଉପହସିତ ହେବା ଯୋଗ୍ୟ ଏବଂ ଇସଲାମ ଧର୍ମରୁ ବହିଷ୍କୃତ । ମୁଁ ସେହି ସମୟରେ ଯେତେବେଳେ ଦିଲ୍ଲୀରେ ଅବସ୍ଥାନ କରୁଥିଲି, ସହର ଭିତରେ ମୋ ନାମରେ ଅପବାଦ ପ୍ରଚାରର ଏକ ବ୍ୟାପକ ସ୍ୱର ଉଠୁଥିବାର ଦେଖି ଏକ ସ୍ୱତନ୍ତ୍ର ବିଜ୍ଞାପନ ଲେଖି ସେହି ଘୋଷଣାନାମାରେ ମିଆଁ ସାହେବଙ୍କୁ ସମ୍ବୋଧନ କରି ପ୍ରକାଶ କଲି ତଥା ଅନ୍ୟ କେତୋଟି ପତ୍ର ମଧ୍ୟ ତାଙ୍କୁ ଲେଖିଲି ଏବଂ ଅତି ବିନମ୍ରତାର ସହିତ ଏହା ସ୍ପଷ୍ଟ କଲି ଯେ, ମୁଁ କାଫିର ନୁହେଁ ଏବଂ ଈଶ୍ୱର ଜାଣନ୍ତି ଯେ ମୁଁ ହେଉଛି ମୁସଲମାନ । ଅଧିକନ୍ତୁ ମୁଁ ସମସ୍ତ ଇସଲାମୀୟ ସିଦ୍ଧାନ୍ତ ଉପରେ ବିଶ୍ୱାସ ରଖେ, ଯାହାକୁ **ଅହଲେ**

**ସୁନ୍ନତ ଓ୍ୱଲ ଜମାଅତ** ସ୍ୱୀକାର କରୁଛନ୍ତି । ତତ୍‌ସହିତ କଲିମା ତୈଅବା **ଲାଇଲାହା ଇଲ୍ଲାଲାହୁ ମୁହମ୍ମଦୁର ରସୁଲୁଲ୍ଲା***ର ମୂଳମନ୍ତ୍ରକୁ ମୁଁ ଅନ୍ତରରେ ଗ୍ରହଣ କରେ ଏବଂ କିବଲା ଆଡ଼କୁ ମୁହଁ କରି ନମାଜ ପାଠ କରେ । କିନ୍ତୁ ମୁଁ ସ୍ୱତନ୍ତ୍ର ପ୍ରକାର ନବୁଓ୍ୱତ (ଅବତାରତ୍ୱ)ର ଦାବୀଦାର ନୁହେଁ ।** ବରଂ ଏପରି ଘୋଷଣାକାରୀକୁ ଇସଲାମର ପରିସରରୁ ବହିଷ୍କୃତ ବୋଲି ମନେ କରିଥାଏ । ସେଥିରେ ଏହା ମଧ୍ୟ ଉଲ୍ଲେଖ କଲି ଯେ ମୁଁ ଦେବଦୂତଙ୍କ ଅସ୍ତିତ୍ୱକୁ ଖଣ୍ଡନ କରୁ ନାହିଁ । ଅଲ୍ଲାଃଙ୍କ ପ୍ରତିଜ୍ଞା କରି କହୁଅଛି ଯେ ମୁଁ ସେହିପରି ଦେବଦୂତଗଣଙ୍କୁ ସ୍ୱୀକାର କରେ, ଯେପରି ପୂର୍ବବର୍ତ୍ତୀ ଲୋକମାନେ ସ୍ୱୀକାର କରି ଆସୁଛନ୍ତି । ଏଠାରେ ଅନ୍ୟ ଏକ କଥା ବର୍ଣ୍ଣନା କରିଦେଉଛି ଯେ ମୁଁ **ଲୈଲତୁଲ କଦର** (ସର୍ବଶ୍ରେଷ୍ଠ ସୌଭାଗ୍ୟଶାଳୀ ରାତ୍ରୀ)ର ମଧ୍ୟ ଅସ୍ୱୀକାର କରେ ନାହିଁ । ବରଂ ଏଥି ପ୍ରତି ସଂପୂର୍ଣ୍ଣ ରୂପେ ବିଶ୍ୱାସ ସ୍ଥାପନ କରେ, ଯାହାର ବ୍ୟାଖ୍ୟା ପବିତ୍ର କୁରଆନ ଓ ପବିତ୍ର ହଦିସରେ ଉଲ୍ଲେଖ କରାଯାଇଛି । ଏକଥା ମଧ୍ୟ ସ୍ପଷ୍ଟ କରି ଦେଇଥିଲି ଯେ ମୁଁ ଜିବ୍ରାଇଲଙ୍କ ଅସ୍ତିତ୍ୱ ତଥା ଦୈବିବାଣୀ ଅବତୀର୍ଣ୍ଣ ହେବାକୁ ମଧ୍ୟ ସ୍ୱୀକାର କରେ, ଯାହାର ମୁଁ କଦାପି ଅମାନ୍ୟ କରେ ନାହିଁ । ମୁଁ ମୃତ୍ୟୁ ପରାନ୍ତ ଅନ୍ତିମ ବିଚାର ଦିବସ ଓ ପୁନରୁତ୍‌ଥାନ ଦିବସର ଅମାନ୍ୟ କରୁ ନାହିଁ କି ନିର୍ବୋଧ ପ୍ରକୃତିବାଦୀଙ୍କ ପରି ମୁଁ ନିଜ ପାଳନକର୍ତ୍ତାଙ୍କ ମହାନ ବିଶେଷତ୍ୱ ଓ ସେ ସର୍ବଶକ୍ତିମାନ ହୋଇଥିବାର ତଥା ତାଙ୍କ ଅଲୌକିକ ନିଦର୍ଶନକୁ ସନ୍ଦେହପୂର୍ଣ୍ଣ ଦୃଷ୍ଟିରେ ଦେଖେ ନାହିଁ । ଏବଂ ନା ବୋଧଶକ୍ତିର ଅଭାବରୁ ଈଶ୍ୱରଙ୍କ ଚମ୍‌କାରୀତାକୁ ମାନିବାରୁ ମୁହଁ ଫେରାଇ ନେଇଥାଏ । ବରଂ ଅନେକ ସମାବେଶରେ ମୁଁ ପ୍ରକାଶ କରିଛି ଯେ ସର୍ବଶକ୍ତିମାନ ପ୍ରଭୁଙ୍କର ଅସୀମ ଶକ୍ତି ଉପରେ ମୁଁ ଦୃଢ ଆସ୍ଥା ରଖୁଛି । ଏବଂ ମୋ ମତରେ ପ୍ରକୃତିର ସୀମାହୀନ ବିସ୍ତାର ଈଶ୍ୱରତ୍ୱର ଏକ ଅପରିହାର୍ଯ୍ୟ ଅଙ୍ଗ । ଯଦି ଆମେ ଈଶ୍ୱରଙ୍କୁ ସ୍ୱୀକର କରିବା ଅନ୍ତେ ତାଙ୍କୁ କୌଣସି କାର୍ଯ୍ୟ ସମ୍ପାଦନ କରିବାରେ ଅସହାୟ ମନେ କରିବା, ତେବେ ଏପରି ଈଶ୍ୱର ବାସ୍ତବରେ ଈଶ୍ୱର ବୋଲାଇବେ ନାହିଁ । ନଉଜୁବିଲ୍ଲାଃ (ଈଶ୍ୱରଙ୍କ ଶରଣ ଲୋଡୁଅଛି) ଯଦି ଈଶ୍ୱର ଏଭଳି ଦୁର୍ବଳ, ତେବେ ଭାବିନେବେ ଯେ ତାଙ୍କ ପ୍ରତି ଆସ୍ଥା ପୋଷଣକାରୀମାନେ ଜୀବନ୍ତ ଥାଇ

* ଅର୍ଥାତ ଅଲ୍ଲାଃଙ୍କ ଅତିରିକ୍ତ ଅନ୍ୟ କେହି ଉପାସ୍ୟ ନାହିଁ ଏବଂ ମୁହମ୍ମଦ[ସଅ] ତାହାଙ୍କ ରସୁଲ (ବାର୍ତ୍ତାବହ) ।

** ଅର୍ଥାତ ସ୍ୱତନ୍ତ୍ର ନବୁଓ୍ୱତ ଯାହା କୌଣସି ନବୀଙ୍କ ଅନୁସରଣ ବିନା ମିଳିଥାଏ । ଏହାର ସମ୍ପୂର୍ଣ୍ଣ ସ୍ପଷ୍ଟୀକରଣ ଲେଖକଙ୍କ ପୁସ୍ତକ 'ଏକ ଗଲତି କା ଇଜାଲା' ତଥା ଅନ୍ୟାନ୍ୟ କେତେକ ପୁସ୍ତକରେ ଦିଆଯାଇଛି ।

ମଧ୍ୟ ମରିଗଲେ ଓ ସେମାନଙ୍କ ସମସ୍ତ ଆଶା ମାଟିରେ ମିଶିଗଲା । ଏହା ନିଃସନ୍ଦେହ ଯେ କୌଣସି କଥା ତାଙ୍କ ପକ୍ଷେ ଅସମ୍ଭବ ନୁହେଁ । ହଁ, ସେହି ବିଷୟ ଏପରି ହେବା ଉଚିତ, ଯାହା ଈଶ୍ୱରଙ୍କର ମହିମା ଓ ପବିତ୍ରତାକୁ ଶୋଭା ଦେଉଥିବ ଓ ଅସାଧ କାର୍ଯ୍ୟ ମଧ୍ୟ ସମ୍ଭବ ହେଉଥିବ । ତାଙ୍କ ଅପାର ବୈଶିଷ୍ଟ୍ୟ ଓ ସତ୍ୟ ପ୍ରତିଶ୍ରୁତିର ବିପରୀତ ହୋଇ ନଥିବ । କିନ୍ତୁ ମିଆଁ ସାହେବ ଏସବୁ ସତ୍ତ୍ୱେ ମୋର ସମସ୍ତ ସ୍ୱୀକାରୋକ୍ତିକୁ ଭ୍ରୁକ୍ଷେପ ନକରି ସଫା ସଫା ଲେଖିଦେଲେ ଯେ ତୁମ ଉପରେ ଅମାନ୍ୟକାରୀ ହେବାର ନିଷେଧାଜ୍ଞା ଲାଗି ଯାଇଛି । ଆମେ ତୁମକୁ ଅବିଶ୍ୱାସକାରୀ ଓ ବିଶ୍ୱାସଘାତକ ମନେ କରୁଅଛୁ । ବରଂ ୧୮୯୧ ମସିହା ଅକ୍ଟୋବର ମାସ ୨୦ ତାରିଖରେ ବିତର୍କ କରିବାର ଯେଉଁ ତାରିଖ ଧାର୍ଯ୍ୟ କରା ଯାଇଥିଲା ଓ ଏଥି ପୂର୍ବରୁ ଉପରୋକ୍ତ ଘୋଷଣାପତ୍ର ମଧ୍ୟ ବଣ୍ଟନ ହୋଇ ସାରିଥିଲା । କିନ୍ତୁ ମିଆଁ ସାହେବଙ୍କ ତରଫରୁ ଏହି ବିତର୍କ ସଭାକୁ ଟାଳି ଦେବା ପାଇଁ ବାରମ୍ବାର ସେ ଏହି ବାହାନା କରୁଥିଲେ ଯେ ତୁମେ ତ କାଫିର । ପ୍ରଥମେ ନିଜକୁ ଇସଲାମର ସିଦ୍ଧାନ୍ତବାଦୀ ମୁସଲମାନ ବୋଲି ସାବ୍ୟସ୍ତ କର, ତା'ପରେ ଯାଇ ଆମ ସହିତ ବିତର୍କ କରିବ । ସେତେବେଳେ ମଧ୍ୟ ଶିଷ୍ଟାଚାରକୁ ବଜାୟ ରଖି ମୋ ପକ୍ଷରୁ ଏହା କୁହାଗଲା ଯେ ମୁଁ ବିଧର୍ମି (କାଫିର୍) ନୁହେଁ । ବରଂ ସେ ସମସ୍ତ ବିଷୟ ଉପରେ ବିଶ୍ୱାସ ରଖୁଛି, ଯାହା ମହିମାମୟ ଅଲ୍ଲାଃ ମୁସଲମାନମାନଙ୍କ ପାଇଁ ବିଶ୍ୱାସ ରଖିବାକୁ ଧାର୍ଯ୍ୟ କରିଛନ୍ତି । ବରଂ ଯେପରିକି ୧୯୮୧ମସିହା ଅକ୍ଟୋବର ମାସ ୨୩ ତାରିଖର ଘୋଷଣାପତ୍ରରେ ଉଲ୍ଲେଖ ଅଛି ଓ ମୁଁ ନିଜର ଗୋଟିଏହାତଲେଖା ପତ୍ର ମଧ୍ୟ ପ୍ରଦାନ କରିଥିଲି ଯେ ମୁଁ ସେ ସମସ୍ତ ଆସ୍ଥା ଉପରେ ବିଶ୍ୱାସ ରଖୁଛି । କିନ୍ତୁ ଦୁଃଖର ବିଷୟ ଯେ ଏସବୁ କରାଯିବା ସତ୍ତ୍ୱେ ତଥାପି ମିଆଁ ସାହେବ ବିନୀତକୁ କାଫିର ହିଁ କହିଲେ ଓ ଲେଖିଲେ ତଥା ମୋତେ କାଫିର ମଧ୍ୟରେ ପରିଗଣିତ କଲେ । ଏହି ଏକମାତ୍ର ବାହାନା ତାଙ୍କ ହାତରେ ଥିଲା ଯଦ୍ୱାରା ସେ ଯୀଶୁ ମସିହଙ୍କ **ମୃତ ଅବା ଜୀବନ୍ତ** ଥିବା ବିଷୟରେ ମୋ ସହିତ ଆଦୌ ତର୍କ କଲେ ନାହିଁ । କାରଣ ସେ ମୋତେ ଲାଞ୍ଛନା ଦେଇ କହିଥିଲେ ଯେ ଏହି ବ୍ୟକ୍ତି ତ କାଫିର ଓ ଜଣେ କାଫିର ସହିତ କଣ ବା ତର୍କ କରିବା ? ଯଦି ତାଙ୍କ ହୃଦୟରେ କିଞ୍ଚିତ ମାତ୍ର ଈଶ୍ୱରଭୟ ଥା'ନ୍ତା, ତେବେ ସେହି ମୁହୂର୍ତ୍ତରୁ ଯେଉଁଦିନ ମୋ ପକ୍ଷରୁ ଇସଲାମୀୟ ସିଦ୍ଧାନ୍ତ ତଥା ମୁଁ ସ୍ୱୟଂ ମୁସଲମାନ ହେବାର ଘୋଷଣା କରିଥିଲି, ସେ ମୋ ଉପରେ କାଫିର୍‌ର ଫତୱା ଦେବାରୁ ନିବୃତ୍ତ ହୋଇ ରହିଥାନ୍ତେ । ଯେପରି ହଜାର ହଜାର ଲୋକଙ୍କ ମଧ୍ୟରେ ମୋତେ ଅପଧର୍ମୀ ଘୋଷଣା କରି ବିଜ୍ଞାପିତ କରାଗଲା, ସେହିପରି ସାଧାରଣ ଜଲସାରେ ନିଜର ତ୍ରୁଟିକୁ ସ୍ୱୀକାର କରି ମୋର ରହିଥିବା

ଇସଲାମ ସମ୍ବନ୍ଧରେ ବିଶ୍ୱାସ ମତର ସ୍ପଷ୍ଟ ସାକ୍ଷ୍ୟ ପ୍ରଦାନ କରିଥାନ୍ତେ ଏବଂ ବୃଥା ଭ୍ରାନ୍ତ ଧାରଣାର ବଶବର୍ତ୍ତୀ ନହୋଇ ସେଥିରୁ ନିଜକୁ ରକ୍ଷା କରି ନେଇଥାନ୍ତେ । ତତ୍‌ସହିତ ସତ୍ୟ ବିରୁଦ୍ଧରେ ନିଜ କୁଫର୍‌ର ଫତୱାକୁ ବିଖ୍ୟାତ କରି ସେ ଯେଉଁ ଅନୈତିକ କାର୍ଯ୍ୟ କରିଛନ୍ତି, ତାହାର ନିବାରଣ ପୂର୍ବକ ଅଲ୍ଲାଃଙ୍କ ନିକଟରେ କ୍ଷମା ପ୍ରାର୍ଥନା କରି ପାରିଥାନ୍ତେ । କିନ୍ତୁ ସେ ଆଦୌ ଏପରି କଲେ ନାହିଁ । ବରଂ ଯେପର୍ଯ୍ୟନ୍ତ ମୁଁ ଦିଲ୍ଲୀରେ ରହିଥିଲି, ଏହା ହିଁ ଶୁଣୁଥିଲି ଯେ ମିଆଁ ସାହେବ ଏହି ଅଧମ ସମ୍ବନ୍ଧରେ ଅଶ୍ଳୀଳ ଓ ଅସଭ୍ୟ ଶବ୍ଦମାନ ହିଁ ନିଜ ତୁଣ୍ଡରୁ ବାହାର କରୁଥିଲେ । ମୋତେ ନିନ୍ଦା ଓ କୁତ୍ସା ରଚନା କରିବାରୁ କ୍ଷାନ୍ତ ହେଲେ ନାହିଁ । ଯଥାସାଧ୍ୟ ଚେଷ୍ଟା କରାଗଲା ଯେ ସେ ଏହି କୁତ୍ସିତ କର୍ମରୁ ନିବୃତ୍ତ ରହନ୍ତୁ । କିନ୍ତୁ ଏହି ବିନୀତ ସକାଶେ କାଫିର କହିବା ତାଙ୍କ ମୁଖରେ ଏପରି ବସା ବାନ୍ଧିଥିଲା ଯେ ସେ ନିଜ ଜିହ୍ୱାକୁ ରୋକିପାରି ନଥିଲେ । ତାମସିକ ପ୍ରବୃତ୍ତି (ନଫସେ ଅମାରା) ତାଙ୍କ ମନ ଭିତରେ ଏମିତି ଆଧିପତ୍ୟ ବିସ୍ତାର କରିଥିଲା ଯେ ତାଙ୍କ ହୃଦୟରେ ଈଶ୍ୱରଭୟ ରହିଲା ନାହିଁ ।

فَاعْتَبِرُوْا يٰۤاُولِی الْاَبْصَارِ

**ଫାତବିରୁ ୟା ଉଲିଲ୍ ଅବ୍‌ସାର** 'ହେ ଜ୍ଞାନୀଜନ ! ଏଥିରୁ କିଛି ଶିକ୍ଷା ହାସଲ କର ।' ବର୍ତ୍ତମାନ ମୁଁ ତାଙ୍କ କୁତ୍ସାରଚନାକୁ ଅଧିକ ଦୀର୍ଘ କରିବାକୁ ଚାହୁଁ ନାହିଁ । ପ୍ରତ୍ୟେକ ବ୍ୟକ୍ତିକୁ ତାହାର ଉଚ୍ଚାରଣ ଓ ଆଚରଣ ସମ୍ବନ୍ଧରେ ପଚରାଯିବ । ତାଙ୍କ କର୍ମ ତାଙ୍କ ସହିତ ଏବଂ ମୋ କର୍ମ ମୋ ସହିତ ଅଛି । କିନ୍ତୁ ଦୁଃଖ ଲାଗୁଛି ଯେ ଅଯଥାଟାରେ ମନଗଢା, ମିଥ୍ୟା ଓ ଭିତ୍ତିହୀନ ଆରୋପ ଲଗାଇବାରେ ସେ ଅଧିକ ଧ୍ୟାନ ଦେଲେ । ଏବଂ ଅସଲ ପ୍ରସଙ୍ଗ ଯାହା ସମ୍ବନ୍ଧରେ ଆମର ବିବାଦ ରହିଛି, ଅର୍ଥାତ **ଯୀଶୁଙ୍କ ମୃତ୍ୟୁର ସତ୍ୟାସତ୍ୟ** ବିଷୟ ପ୍ରତି ସେ କ୍ଷଣିକ ପାଇଁ ହେଲେ ମନଯୋଗ ଦେଲେ ନାହିଁ । ମୁଁ ତାଙ୍କ ନିକଟକୁ ବହୁବାର ପତ୍ର ପଠାଇଛି ଯେ ଅନ୍ୟ କୌଣସି ଧର୍ମମତ ଉପରେ ମୁଁ ଆପଣଙ୍କୁ ବିରୋଧ କରୁ ନାହିଁ । ମାତ୍ର ଏହି ବିଷୟରେ ଯେ ମୁଁ ଆପଣଙ୍କ ପରି ହଜରତ ଯୀଶୁ ମସିହ[ଅସ]ଙ୍କୁ ଭୌତିକ କଳେବର ସମେତ ଚତୁର୍ଥ ଆକାଶରେ ଜୀବିତ ରହିଥିବା ସପକ୍ଷରେ ଆଦୌ ସମର୍ଥନ କରୁ ନାହିଁ । ବରଂ ମୁଁ ହଜରତ ଇସା ମସିହ[ଅସ]ଙ୍କୁ ପ୍ରାକୃତିକ ମୃତ୍ୟୁ ହୋଇଥିବାର ଓ ମୃତ୍ୟୁଲୋକରେ ପ୍ରବେଶ କରିଥିବାର ଦୃଢ ବିଶ୍ୱାସ ରଖୁଛି । ସେ ମୃତ୍ୟୁବରଣ କରିଥିବାର କାହିଁକି ବା ବିଶ୍ୱାସ କରିବି ନାହିଁ ଯେବେକି ମୋର ମୁନୀବ ତଥା ସ୍ୱାମୀ ନିଜର ପ୍ରିୟ ପୁସ୍ତକ ଅର୍ଥାତ ପବିତ୍ର କୁରଆନରେ ତାଙ୍କର ଦେହାନ୍ତ ହୋଇ ଯାଇଥିବାର ଓ ମୃତବ୍ୟକ୍ତିଙ୍କ

ମେଳରେ ପ୍ରବେଶ କରିଯାଇଥିବାର ଉଲ୍ଲେଖ ରହିଛି । ଏବଂ ସମଗ୍ର କୁରଆନରେ ଥରୁଟିଏ ହେଲେ ବି ତାଙ୍କର ଭୌତିକ ଚମତ୍କାରୀତା ମୂଳକ ଜୀବନଚର୍ଯ୍ୟା ଓ ଆକାଶରୁ ପୁନର୍ବାର ଅବତରଣ କରିବା ସମ୍ବନ୍ଧରେ କୌଣସି ବର୍ଣ୍ଣନା ନାହିଁ । ବରଂ ତାଙ୍କୁ କେବଳ ମୃତବତ୍ ବୋଲି କହି ପୁଣି କୁରଆନ ନୀରବତା ଅବଲମ୍ବନ କରିଛି । ସୁତରାଂ ତାଙ୍କର ନଶ୍ୱର ଶରୀର ସହିତ ଜୀବନ୍ତ ରହିଥିବା କଥା, ପୁଣି କୌଣସି ସମୟରେ ପୃଥିବୀକୁ ଦ୍ୱିତୀୟ ଥର ଲେଉଟି ଆସିବା ବିଷୟ ନା ଯେ କେବଳ ମୋ ପ୍ରତି ହେଉଥିବା ଦୈବୀବାଣୀ ଆଧାରରେ ସତ୍ୟ ଘଟଣାର ପରିପନ୍ଥୀ ବୋଲି ଭାବୁଛି, ବରଂ ମସିହଙ୍କ ଏପରି ଜୀବିତ ରହିଥିବାର ଯେଉଁ ଭୁଲ ବିଚାରଧାରା ରହିଅଛି ତାକୁ ପବିତ୍ର କୁରଆନ ଅନୁଯାୟୀ ସୁସ୍ପଷ୍ଟ ସତ୍ୟତାର ପ୍ରମାଣ ଦ୍ୱାରା ଏକ ବ୍ୟର୍ଥ ପ୍ରୟାସ ଓ ମିଥ୍ୟା ବୋଲି ମନେ କରୁଛି । ଯଦି ମୋର ଏହି ବର୍ଣ୍ଣନାରେ ଭ୍ରମୋକ୍ତି ବା ମିଥ୍ୟା ରହିଛି ବୋଲି ଚିନ୍ତା କରୁଛନ୍ତି, **ତେବେ ଆସନ୍ତୁ** ଏହି କଥା ଉପରେ ମୋ ସହିତ ଶାସ୍ତ୍ରାର୍ଥ ବାକ୍ୟୁଦ୍ଧ କରିନିଅନ୍ତୁ । ଆଉ ଯଦି ଆପଣ କୁରଆନ ଓ ହଦୀସ ମଧ୍ୟରୁ ପାର୍ଥିବ ଶରୀର ସହିତ ଯୀଶୁଙ୍କ ଜୀବିତ ରହିଥିବା କଥାର ପ୍ରମାଣ ଦେଖାଇ ଦେଲେ, ତା'ହେଲେ ମୁଁ ସେହି କଥାରୁ ଫେରିଯିବି ବରଂ ମୋ ପୁସ୍ତକଗୁଡ଼ିକୁ ଯେଉଁଥିରେ ଏହି ବିଷୟର ଚର୍ଚ୍ଚା ରହିଛି, ସେ ସବୁକୁ ଜାଳିଦେବି ।

ଯଦି ବିତର୍କ କରିପାରିବ ନାହିଁ, ତେବେ ଆସ ଏଥି ସମ୍ବନ୍ଧରେ ଅଲ୍ଲାଃଙ୍କ ଶପଥ କରି କୁହ ଯେ କୁରଆନରେ ମସିହଙ୍କ ମୃତ୍ୟୁର କୌଣସି ବର୍ଣ୍ଣନା ନାହିଁ । ବରଂ ସଶରୀରେ ସେ ଜୀବିତ ରହିଥିବାର ବର୍ଣ୍ଣନା କରାଯାଇଛି ଅଥବା କୌଣସି ଏପରି ହଦୀସ ରହିଛି, ଯାହାକୁ ଆମେ ସବୁଦୃଷ୍ଟିରୁ ସଠିକ ବ୍ୟାଖ୍ୟାମୂଳକ ପ୍ରମାଣଯୋଗ୍ୟ ତଥ୍ୟ ରୂପେ ବିବେଚନା କରୁ । ଯେଉଁଥିରେ 'ତଓ୍ୱଫ୍‌ଫୀ' ଶବ୍ଦକୁ ମୃତ୍ୟୁର ବିପରୀତ କୌଣସି ଅର୍ଥ କରାଯାଇ ସାକ୍ଷ୍ୟ ସ୍ୱରୂପ ମସିହଙ୍କ ଚିରସ୍ଥାୟୀ ଜୀବିତ ରହିଥିବା ବିଷୟକୁ ଉପସ୍ଥାପନ କରାଯାଇଛି । ପୁନଶ୍ଚ ଯଦି ଏକବର୍ଷ ପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କ ନିକଟରୁ ଏଥି ସଂକ୍ରାନ୍ତରେ କୌଣସି ସ୍ପଷ୍ଟ ଚିହ୍ନ ପ୍ରଦର୍ଶିତ ନହେଲା ଯେ ଆପଣ ମିଥ୍ୟାରେ ରାଣ ଖାଇଛନ୍ତି ଅର୍ଥାତ କୌଣସି ବଡ଼ ଧରଣର ବିପତ୍ତିର ସମ୍ମୁଖୀନ ହୋଇନାହାନ୍ତି, ତେବେ ଅବିଳମ୍ବେ ମୁଁ ଆପଣଙ୍କ ହାତରେ ମଥା ପାତି ପ୍ରାୟଶ୍ଚିତ କରିବି । କିନ୍ତୁ ଦୁଃଖର ସହିତ କହିବାକୁ ପଡୁଛି ଯେ ବାରମ୍ବାର ମିଆଁ ସାହେବଙ୍କୁ ନିବେଦନ କରାଗଲା, ନା ସେ ବିତର୍କ କଲେ ନା ରାଣ ଖାଇଲେ ଆଉ ନା ମୋତେ କାଫିର୍ କହିବାରୁ କ୍ଷାନ୍ତ ହେଲେ । ହଁ, ଏତିକି କେବଳ କଲେ ଯେ ପଳାୟନ ପନ୍ଥା

ଆପଣାଇ ଏହି ଅପଦସ୍ତ ହେବା ପଣକୁ ଲୋକଲୋଚନ ଠାରୁ ଲୁଚାଇ ରଖିବା ପାଇଁ ମିଥ୍ୟା ଘୋଷଣାପତ୍ର ପ୍ରକାଶ କରିଦେଲେ । ଯେଉଁଥିରେ ବାରମ୍ବାର ଏକଥାର ଉଲ୍ଲେଖ ରହିଥିଲା ଯେ, ସେ ଏହି ବିନୀତକୁ ତର୍କଯୁଦ୍ଧ ପାଇଁ ନିମନ୍ତ୍ରଣ କଲେ ଓ ଶେଷଯାଏ ଆହ୍ୱାନ କଲେ ତଥା ଅଲ୍ଲାଃଙ୍କ ରାଣ ଖାଇବାକୁ ମଧ୍ୟ ପ୍ରସ୍ତୁତ ଥିଲେ । କିନ୍ତୁ ଏହି ବିନୀତ ହିଁ ତାଙ୍କ ପ୍ରତି ଭୟଭୀତ ହୋଇଗଲା ଓ ମୁକାବିଲା ପାଇଁ ତାଙ୍କ ସାମନାକୁ ଆସିଲା ନାହିଁ । ନିଜକୁ ମିଆଁ ସାହେବ ଓ 'ଶେଖୁଲ୍ କୁଲ୍' (ଅର୍ଥାତ ସମସ୍ତ ଲୋକଙ୍କର ଧର୍ମଗୁରୁ)ର ଉପାଧିରେ ନାମିତ କରି ଏଭଳି ମିଥ୍ୟା ବଚନ ! ମୁଁ ତାଙ୍କ ପ୍ରତି 'ଅଲଲ୍ କାଜିବିନ୍' (ମିଥ୍ୟାବାଦୀ)ଙ୍କ ସଂକ୍ରାନ୍ତରେ କ'ଣ ବା କହିବି ? ସର୍ବଶକ୍ତିମାନ ଈଶ୍ୱର ତାଙ୍କ ଉପରେ ଦୟା କରନ୍ତୁ ।

ପାଠକଗଣ ! ଯଦି ଆପଣମାନଙ୍କର କିଛି ବିବେକପଣିଆ ଅଛି, ତେବେ ନିଶ୍ଚିତ ରୂପେ ଜାଣିନିଅ ଯେ ଏସମସ୍ତ କଥା ମିଆଁ ସାହେବ ଓ ତାଙ୍କ ଶିଷ୍ୟମାନଙ୍କର ଏକାନ୍ତ ରୂପେ ମିଥ୍ୟା ପ୍ରବଞ୍ଚନା ଓ ଦୁଷ୍ଟାମୀର ପରିଚୟ । ଯେବେ କି ମୋ ତରଫରୁ ବାରମ୍ବାର ଏହି ଘୋଷଣାପତ୍ର ପ୍ରକାଶ ପାଇଥିଲା ଯେ ମିଆଁ ସାହେବ ଯୀଶୁଙ୍କ ଦେହାନ୍ତ ପ୍ରସଙ୍ଗ ଉପରେ ମୋ ସହିତ ବିତର୍କ କରନ୍ତୁ ଏବଂ ସେହି ଉଦ୍ଦେଶ୍ୟ ପାଇଁ ମୁଁ ଅର୍ଥହାନୀ ଓ ପ୍ରାଣପୀଡାକୁ ଭ୍ରୂକ୍ଷେପ ନକରି ଲଗାତାର ମାସେ କାଳ **ଦିଲ୍ଲୀରେ ପଡି ରହିଲି** । ତଦ୍ୱାରା ଜଣେ ବିଜ୍ଞ ବ୍ୟକ୍ତିକୁ ଏହା ବୁଝିବାରେ ବିଳମ୍ବ ହେବ ନାହିଁ ଯେ ଯଦି ମିଆଁ ସାହେବ ବାକ୍ୟୁଦ୍ଧ ଓ ଯୁକ୍ତିତର୍କ ପାଇଁ ସହୃଦୟରେ ସିଧାସଳଖ ପ୍ରସ୍ତୁତ ହୋଇଯାଆନ୍ତେ, ତେବେ ମୁଁ କାହିଁକି ତାଙ୍କ ସହିତ ବିତର୍କ ନକରିବି । କଥାରେ ଅଛି ସାଞ୍ଚକୁ ଆଞ୍ଚ ନାହିଁ । ମୁଁ ଏବେ ବି ମସିହଙ୍କ ମୃତ୍ୟୁକୁ ନେଇ ଆଲୋଚନା କରିବା ପାଇଁ ରାଜି ଅଛି, ଯେପରି ଅତୀତରେ ମଧ୍ୟ ଉପସ୍ଥିତ ଥିଲି । ଯଦି ମିଆଁ ସାହେବ ଲାହୋରରେ ଆସି ତର୍କସଭା ପାଇଁ ସମ୍ମତି ପ୍ରଦାନ କରନ୍ତି, ତେବେ ତାଙ୍କର ଯିବାଆସିବା ରାସ୍ତା ଖର୍ଚ୍ଚ ମଧ୍ୟ ମୁଁ ବହନ କରିବାକୁ ପ୍ରସ୍ତୁତ ଅଛି । ଯଦି ସେ ଆସିବାକୁ ନିଜର ସହମତି ପ୍ରକାଶ କରନ୍ତି, ତା'ହେଲେ ମୁଁ ତାଙ୍କର ଲିଖିତ ଆଶ୍ୱାସନା ଉପରେ ଗସ୍ତର ଭଡା ଆଗତୁରା ପଠାଇ ଦେଇପାରେ । ବର୍ତ୍ତମାନ ମୁଁ ଦିଲ୍ଲୀରେ ବି ତର୍କ ପାଇଁ ଯିବାକୁ ଇଚ୍ଛୁକ ନୁହେଁ । କାରଣ ଦିଲ୍ଲୀବାସୀଙ୍କ ଉପଦ୍ରବକୁ ସ୍ୱଚକ୍ଷୁରେ ଦେଖିସାରିଛି । ଏବଂ ସେମାନଙ୍କର ଔଦ୍ଧତ୍ୟପୂର୍ଣ୍ଣ ଓ ଧୃଷ୍ଟତାରେ ଭରପୁର ଅସଭ୍ୟ କଥାମାନ ଶୁଣି ସାରିଛି ।

وَلَا يُلْدَغُ الْمُؤْمِنُ مِنْ جُحْرٍ وَاحِدٍ مَرَّتَيْنِ

**ଓ୍ୱଲା ୟୁଲ୍‌ଦଗୁଲ୍ ମୁମିନୁ ମିନ୍ ହୁଜ୍‌ରିନ ଓ୍ୱାହିଦିନ୍ ମର୍‌ରତୈନ୍ ।**

ଅର୍ଥାତ 'ବିଶ୍ୱାସୀକାରୀ ଗୋଟିଏ ଛିଦ୍ରରେ ଦୁଇଥର ଦଂଶନ ହୁଏ ନାହିଁ ।'

ମୁଁ ତ ଏକଥା ମଧ୍ୟ କହୁଛି ଯଦି ମୁଁ ଯୀଶୁଙ୍କ ମୃତ୍ୟୁକୁ ନେଇ ତର୍କଯୁଦ୍ଧ କରିବାକୁ ପଛଘୁଞ୍ଚା ଦିଏ, ତେବେ **ସଦ୍‌ଦେ ଅନ୍ ସବିଲିଲ୍ଲାଃ** ଅର୍ଥାତ 'ଅଲ୍ଲାଃଙ୍କର ପଥରୋଧ କରୁଥିବା କାରଣରୁ ମୋ ଉପରେ ପରମେଶ୍ୱରଙ୍କର ସହସ୍ର ଅଭିଶାପ ପଡୁ ।' ଏବଂ ଯଦି ଶେଖ୍‌ମାନଙ୍କ ସରଦାର ନଜିର ହୁସେନ ସାହେବ ଦହଲୁଇ ମୁହଁ ଫେରାଇ ନିଅନ୍ତି କିମ୍ବା ପଳାୟନ କରନ୍ତି, ତେବେ ତାଙ୍କ ଉପରେ ଏହାର ଅର୍ଦ୍ଧେକ କାହିଁକି ନହେଲା । ଏବଂ ଯଦି ସେ ଉପସ୍ଥିତ ହେବାରୁ ବିତସ୍ପୃହ ହୋଇ ରୁହନ୍ତି, ତେବେ ମୁଁ ଏହାର ମଧ୍ୟ ଅନୁମତି ଦେଉଛି ଯେ ସେ ନିଜ ସ୍ଥାନରେ ରହି ଲେଖା ମାଧ୍ୟମରେ ସତ୍ୟାର୍ଥ ପ୍ରକାଶ ପାଇଁ ବାକ୍‌ଯୁଦ୍ଧ କରିନିଅନ୍ତୁ । ମୁଁ ଏହିପରି ସବୁ ପରିସ୍ଥିତିରେ ଉପସ୍ଥିତ ରହିବାକୁ ପ୍ରସ୍ତୁତ ଅଛି ଏବଂ ମିଆଁ ସାହେବଙ୍କ ଠାରୁ ସତ୍ୟ ତଥ୍ୟଯୁକ୍ତ ଓ ଯଥାର୍ଥ ଉତ୍ତରର ମୁଁ ପ୍ରତୀକ୍ଷା କରୁଛି । ମୁଁ ଅଧିକ ତତ୍ପରତାର ସହିତ ମିଆଁ ସାହେବଙ୍କ ପ୍ରତି ଏଥିଯୋଗୁଁ ରୁଚି ଦେଖାଉଛି ଯେ ଲୋକମାନଙ୍କ ଚିନ୍ତାଧାରା ଅନୁଯାୟୀ ତାଙ୍କ ଜ୍ଞାନର ପରିସୀମା ବହୁତ ବଡ଼ ଏବଂ ସେ ଭାରତର ବିଦ୍ୱାନମାନଙ୍କ ମଧ୍ୟରେ ମୂଳ ସଦୃଶ । ମୂଳକୁ କାଟିଦେଲେ ଶାଖାସବୁ ଆପେ ଆପେ ତଳେ ପଡିଯିବ । ତେଣୁ ମୋତେ ମୂଳ ପ୍ରତି ଧ୍ୟାନ ଦେବାକୁ ହେବ । ଏହି ବାକ୍‌ଯୁଦ୍ଧରୁ ପୃଥିବୀବାସୀ ସ୍ୱଷ୍ଟ ଭାବରେ ଅବଗତ ହୋଇଯିବେ ଯେ ଶୈଖୁଲ୍ କୁଲ୍ ନଜୀର ହୁସେନ ସାହେବ ମହାଗୁରୁଙ୍କ ନିକଟରେ ଯୀଶୁ ମସିହଙ୍କ ପାର୍ଥିବ ଦୃଷ୍ଟିକୋଣରୁ ଜୀବିତ ରହିବାର କେଉଁ ବିଶ୍ୱସ୍ତ ପ୍ରମାଣ ରହିଛି । ଯେଉଁ କାରଣରୁ ସେ ଜନସାଧାରଣଙ୍କୁ ଅତିମାତ୍ରାରେ ଉନ୍ମାଦନାର ସ୍ଥିତିରେ ପକାଇ ଦେଇଛନ୍ତି । କିନ୍ତୁ ଏହି ଭବିଷ୍ୟତବାଣୀ ସମ୍ବନ୍ଧରେ ମଧ୍ୟ ମନେରଖ ଯେ ସେ **କଦାପି ବିତର୍କ କରିବେ ନାହିଁ** । ଯଦି କରିବେ, ତେବେ ଏପରି ଅପଦସ୍ତ ହେବେ ଯେ ମୁହଁ ଦେଖାଇବାକୁ ଯାଗା ପାଇବେ ନାହିଁ ।

ଆହା ! ମୋତେ ତାଙ୍କ ପ୍ରତି ମନରେ ଘୋର ଅନୁଶୋଚନା ଆସୁଛି ଯେ, ସେ ସ୍ୱଳ୍ପ ଜୀବନର ସୀମିତ ଚାକଚକ୍ୟକୁ ପ୍ରିୟ କରି ସତ୍ୟକୁ ଲୁଚାଇ ଦେଇଛନ୍ତି ଏବଂ ସତ୍ୟକୁ ଛାଡ଼ି ମିଥ୍ୟାକୁ ହୃଦୟରେ ଲଗାଇଛନ୍ତି । ତାଙ୍କୁ ଭଲ ରୂପେ ଜଣା ଥିଲା ଯେ ଯୀଶୁଙ୍କ ମୃତ୍ୟୁ ବିଷୟ ଦିବ୍ୟ କୁରଆନ ଓ **ସଠିକ୍ ଭାବାର୍ଥ ମୂଳକ ହଦିସମାନଙ୍କରେ** ପ୍ରମାଣସିଦ୍ଧ ହୋଇ ରହିଛି । କିନ୍ତୁ କେବଳ ଛଳ କପଟ କରି ଓ ଅଧର୍ମ ପଥରେ ଚାଲି ଏହି ରାଣ ଖାଇବାରୁ ଜାଣିଶୁଣି ପଛକୁ ହଟିଗଲେ । ସେ ସତ୍ୟତାର ଘୋର ଶତ୍ରୁ ସାଜି କେବଳ ମିଥ୍ୟାର ବଶବର୍ତ୍ତୀ ହୋଇ ଜନସାଧାରଣଙ୍କ

ମଧ୍ୟରେ ଏହି କଥାକୁ ପ୍ରଚାର କଲେ କି କୁରଆନରେ ଏହା ଲେଖାଅଛି ଯେ ମରିୟମ ପୁତ୍ର ଯୀଶୁଙ୍କୁ ସଶରୀରରେ ଜୀବିତ ଥାଇ ଆକାଶକୁ ଉଠାଇ ନିଆଗଲା ଏବଂ ତାଙ୍କ ମୃତ୍ୟୁର କେଉଁଠାରେ ହେଲେ ବର୍ଣ୍ଣନା କରାଯାଇ ନାହିଁ । ଯେହେତୁ ତାଙ୍କ ମନ ଜାଣୁଥିଲା ଯେ ଆମେ ଅସତ୍ୟରେ ଅଛୁ ତଥା ପବିତ୍ର କୁରଆନ ବିରୁଦ୍ଧରେ  କହୁଛୁ, ଏଥିଯୋଗୁଁ  ସେ ସ୍ୱଚ୍ଛ ହୃଦୟରେ ତର୍କ ବିତର୍କ ପାଇଁ ମୁକାବିଲା କରିବାକୁ ସାମନାକୁ ଆସିଲେ ନାହିଁ । ଏବଂ ଅର୍ଥହୀନ ସର୍ତ୍ତଗୁଡିକ ସହିତ ଏହି ସଂକ୍ଷିପ୍ତ ତଥା ସଫାସୁତୁରା ଯୁକ୍ତିତର୍କର ପଦ୍ଧତିକୁ ଟାଳି ଦେଲେ । ଆଶ୍ଚର୍ଯ୍ୟର କଥା ହେଉଛି ଯେ ଅଲ୍ଲାଃ ପରମ ପ୍ରତାପୀ ଏକଥା କୁହନ୍ତି ଯେ ମରିୟମ ନନ୍ଦନ ଇସାଙ୍କର ଦେହାନ୍ତ ହୋଇଯାଇଛି, ଅଥଚ ମିଆଁ ନଜୀର ହୁସେନ କହୁଛନ୍ତି ଯେ ନା ତାହା ତ କେବେ ସମ୍ଭବପର ନୁହେଁ, ବରଂ ସେ ସଶରୀରେ ସ୍ୱର୍ଗାରୋହଣ କରିଛନ୍ତି । ବାଃ ସାବାସ, ହେ ନଜିର ହୁସେନ ! ତୁମେ ତ ଖୁବ କୁରଆନର ଅନୁସରଣ କରିଛ । ଏହା ଆଶ୍ଚାର୍ଯ୍ୟଜନକ ବିଷୟ ଯେ କୁରଆନରେ ଆକାଶ ଅଭିମୁଖେ ଉଠାଇ ନିଆଯିବାର କେଉଁଠାରେ ହେଲେ ଉଲ୍ଲେଖ ନାହିଁ । ବରଂ ମରଣ ଉପରାନ୍ତ ନିଜ ଆଡ଼କୁ ଉଠାଇବାର ବର୍ଣ୍ଣନା ରହିଛି । ଯେପରିକି  ସ୍ୱଭାବିକ ମୃତ୍ୟୁଲାଭ କରିବା ପରେ ସଦାଚାରୀମାନଙ୍କ ସକାଶେ ارْجِعِيٓ إِلَىٰ رَبِّكِ **ଇର୍‌ଜିଇ ଇଲା ରବ୍‌ବିକି** (ଅଲ ଫଜର୍ ୪୨:29)ର ଘୋଷଣା କରାଯାଇଛି । ତେଣୁ ଈଶ୍ୱରଙ୍କ ଆଡ଼କୁ ଉତଥାନ ଓ ତାଙ୍କ ଆଡ଼କୁ ପ୍ରତ୍ୟାବର୍ତ୍ତନ ଯାହା ପାଇଁ ପ୍ରଥମେ ମୃତ୍ୟୁଲାଭ କରିବାର ସର୍ତ୍ତ ଅନିବାର୍ଯ୍ୟ, ଏହା ହଜରତ ଇସା ମସିହଙ୍କ ଭାଗ୍ୟରେ ମଧ୍ୟ ଜୁଟିଥିଲା । **ରଫାଅ ଇଲଲ୍ଲା**  ଅର୍ଥାତ ଅଲ୍ଲାଃଙ୍କ ଉତ୍‌ଥିତ ହେବା ଦେଖନ୍ତୁ କୁଆଡେ ରହିଲାଣି ଏବଂ **ରଫାଅ ଇଲସ୍ ସମା** ଅର୍ଥାତ ଆକାଶ ଆଡକୁ ଉଠାଇ ନିଆଯିବା କୁଆଡେ ଯାଇ ରହିଲାଣି । ହାୟ କି ଦୁଃଖର ବିଷୟ । ସେ ଲୋକମାନେ ପବିତ୍ର କୁରଆନରୁ କିପରି ମୁହଁ ଫେରାଇ ନେଲେ ଓ ଏହାର ମହାତ୍ମ୍ୟ ସେମାନଙ୍କ ହୃଦୟରୁ କିପରି ସମ୍ପୂର୍ଣ୍ଣ ଲିଭିଗଲା ଏବଂ ଈଶ୍ୱରଙ୍କର ପବିତ୍ର ଗ୍ରନ୍ଥ ସ୍ଥାନରେ ମିଥ୍ୟା କଥା ପ୍ରତି ସେମାନେ ଅହେତୁକ ପ୍ରେମ କରି ବସିଲେ । ପୁସ୍ତକଗୁଡ଼ିକରେ ସେମାନେ ଲଦିହୋଇ ରହିଛନ୍ତି, କିନ୍ତୁ ଅଲ୍ଲାଃତାଲା ସେମାନଙ୍କ **ବିଚାରଶକ୍ତିକୁ ଛଡାଇ ନେଇଛନ୍ତି** । ବିଜୟ ଓ ପରାଜୟର ଭାବନା ସାଧୁତା ଓ ସତ୍ୟତାକୁ ଦବାଇ ଦେଇଛି ଏବଂ ଅହଂକାର ଓ ଅଭିମାନ ସତ୍ୟକୁ ସ୍ୱୀକାର କରିବାରୁ ସେମାନଙ୍କୁ ଦୂରେଇ ଦେଇଛି । ମୋତେ ଏହି ବିଷୟ ପାଇଁ ତିଳେହେଲେ ଦୁଃଖ ନାହିଁ ଯେ ମିଆଁ ନଜୀର ହୁସେନ ଓ ତାହାଙ୍କର ଶିଷ୍ୟଗଣ ଏକ ମିଥ୍ୟାର ବିଜୟକୁ ସତ୍ୟର ବିରୁଦ୍ଧରେ ପ୍ରଖ୍ୟାତ କରିଦେଇଛନ୍ତି, ଅଥଚ ଅସଲ କଥାକୁ

ଗୁପ୍ତ ରଖିଛନ୍ତି । ମୋ ସକାଶେ ଏହା କୌଣସି ଦୁଃଖର ବିଷୟ ନୁହେଁ । ଏହା ଏଥିଯୋଗୁଁ ଯେ ଏହା ହିଁ ଯୁକ୍ତିଯୁକ୍ତ ଓ ବାସ୍ତବ ତଥ୍ୟ ଉପରେ ଆଧାରିତ ଯେଉଁ ପରିସ୍ଥିତିର ଦାସ ହୋଇ ପ୍ରକୃତରେ ମିଆଁ ସାହେବ ହିଁ ଏକ ବଡ଼ ଧରଣର ଅପଦସ୍ତକୁ ସଙ୍ଗରେ ଧରି ପରାଜୟ ବରଣ କରିବାକୁ ବସିଲେଣି । ସେ ଏପରି ତଳେ ମୁହଁମାଡି ପଡିଛନ୍ତି ଯେ ଆଉ କେବେ ଛିଡା ହୋଇପାରିବେ ନାହିଁ । ଏପରି କି ଏହି ପରାଜିତ ଅବସ୍ଥାରେ ହିଁ ସଂସାରରୁ ବିଦାୟ ନେବେ । ପୁଣି ଯଦି ସେ ଲୋକନିନ୍ଦା ଓ ଭର୍ତ୍ସନା ଉପରେ ପରଦା ପକାଇବା ପାଇଁ ଏକ କାଳ୍ପନିକ ବିଜୟର ନକ୍ସା ନିଜ ଆଖି ସାମନାରେ ରଖିବେ ଓ କିଛି କ୍ଷଣ ପାଇଁ ନିଜ ମନ ଖୁସି କରି ନେବେ, ତେବେ ମୋର ଏଥିରେ ଖରାପ ଭାବିବାର କ'ଣ ବା ଅଛି ? ବରଂ କହିବାକୁ ଗଲେ ଯଦି ଦୟା ଦୃଷ୍ଟିରୁ ଦେଖାଯାଏ, ତା'ହେଲେ ଏହା କରିବା ମଧ୍ୟ ତାଙ୍କର ଅଧିକାର ରହିଛି ।  ମୁଁ ନିଶ୍ଚିତ ରୂପେ ଜାଣେ ଯେ ସେ ଏହି ବିନୀତର ମୁକାବିଲାରେ ଆସି ଶୋଚନୀୟ ରୂପେ ହାରି ଯାଇଛନ୍ତି ଓ ଅତି ମାତ୍ରାରେ ପୀଡ଼ା ଓ କ୍ରୋଧର ଶରବ୍ୟ ହୋଇଛନ୍ତି । ଏଇ ଜୀବନର ଶେଷ ସୋପାନରେ ପହଞ୍ଚି ତାଙ୍କ ହୃଦୟରେ ଲଜ୍ଯା ଓ ଅପନିନ୍ଦାର ଏକ ଶକ୍ତ ଧକ୍କା ଲାଗିଛି । ଏବେ ଯଦି ନିଜ ଦୁଃଖକୁ ଦୂର କରିବା ପାଇଁ ଘଟଣା ବିରୁଦ୍ଧରେ ବିଜୟ ଢୋଲ ବଜାଇ ଏତିକି ମଧ୍ୟ କରି ନଥାନ୍ତେ, ତେବେ ବାର୍ଦ୍ଧକ୍ୟର ଦୁର୍ବଳ ହୃଦୟ ଏତେ ବଡ଼ ଆଘାତକୁ କିପରି ବା ସହ୍ୟ କରନ୍ତା ? ଏଥିପାଇଁ ସମ୍ଭବତଃ ଆତ୍ମହତ୍ୟା କରିବାକୁ ହରାମ ବୋଲି ଚିନ୍ତା କରି ଜୀବନରକ୍ଷା ପାଇଁ ଏତେବଡ଼ ମିଥ୍ୟାର ଆଶ୍ରୟ ନେଲେ । ମୋତେ ଏକଥା କହିବାର ଏବେ ମଧ୍ୟ ଆବଶ୍ୟକତା ନଥିଲା ଯେ, ମୁଁ ଏହି ନିରାଟ ସତ୍ୟର ଉନ୍ମୋଚନ କରି ତାଙ୍କର ମିଥ୍ୟା ଆନନ୍ଦକୁ ନଷ୍ଟ କରି ଦିଅନ୍ତି । କାରଣ ହାରଜିତ୍ ଉପରେ ନଜର ରଖିବା ହେଉଛି ଏକ ଅପାରଦର୍ଶୀତାର ଲକ୍ଷଣ ତଥା ଲଜ୍ୟାଜନକ ଚିନ୍ତାଧାରା । ସତ୍ୟ ପ୍ରେମୀମାନେ ସତ୍ୟକୁ ହିଁ ପସନ୍ଦ କରନ୍ତି । ତାହା ତାଙ୍କୁ ବିଜୟ ଆକାରରେ ହାସଲ ହୋଇଥାଉ କିମ୍ବା ପରାଜୟ ବରଣ କରି । କିନ୍ତୁ ଲୋକମାନେ ଏପରି ଭ୍ରମାତ୍ମକ ଓ ବିରୋଧାତ୍ମକ ଲେଖା ଦ୍ୱାରା ଧୋକାରେ ପଡ଼ିଯାଆନ୍ତି ଏବଂ ବାସ୍ତବ ଘଟଣା ବିରୁଦ୍ଧରେ ହେଉଥିବା ପ୍ରସିଦ୍ଧି ଦ୍ୱାରା ପ୍ରଭାବିତ ହୋଇ ସେହି ଲେଖାସବୁକୁ ଠିକ୍, ସମ୍ମାନଜନକ ତଥା ପ୍ରଣିଧାନଯୋଗ୍ୟ ବୋଲି ଭାବିବାକୁ ଲାଗିଛନ୍ତି । ପୁନଶ୍ଚ ଏହାର ମନ୍ଦ ପ୍ରଭାବ ଲୋକମାନଙ୍କ ଧର୍ମ ଭାବନାକୁ ବିପୁଳ କ୍ଷତି ପହଞ୍ଚାଇଥାଏ । ଏଥିଯୋଗୁଁ ବାସ୍ତବ ସ୍ଥିତିର ଓ ସତ୍ୟତାକୁ ପ୍ରକାଶ କରିବା ମୋ ପାଇଁ ଅତି ଆବଶ୍ୟକ କର୍ତ୍ତବ୍ୟ ଓ ମୋ ଉପରେ ଏକ ଜରୁରୀ ଋଣ ହୋଇ ରହିଥିଲା, ଯାହାକୁ ପରିଶୋଧ

କରିବା ବିନା ଶେଷ କରାଯାଇ ପାରି ନଥାନ୍ତା । ମାତ୍ର ମୁଁ ଏଥିପାଇଁ ଲଜ୍ଜିତ ଯେ ମିଆଁ ସାହେବଙ୍କର ଏହି ବୃଦ୍ଧାବସ୍ଥାରେ ତାଙ୍କ ବେଦନାକୁ ପୁଣିଥରେ ସକ୍ରୀୟ କରିବାର କାରଣ ହୋଇଛି ।

ଏପରି ସ୍ଥଳେ ଏହି କଥାର ଉଲ୍ଲେଖ କରିବା ଅତ୍ୟୁକ୍ତି ହେବ ନାହିଁ ଯେ ମିଆଁ ସାହେବଙ୍କ ଦ୍ୱାରା ଅକାରଣରେ ହେଉଥିବା ଯାବତୀୟ ଅତ୍ୟାଚାରମାନଙ୍କ ମଧ୍ୟରୁ ଯାହା ଏହି ବିନୀତ ପ୍ରତି ହେବା ଉଚିତ୍ ବୋଲି ସେ ଚିନ୍ତା କରୁଛନ୍ତି, ସେଥିରୁ ଗୋଟିଏ ହେଉଛି ଯେ ବଟାଲୁଇ (ଅନ୍ୟ ଜଣେ ପ୍ରତିପକ୍ଷ ମୌଲବୀ ମୁହମ୍ମଦ ହୁସେନ, ବଟାଲା ନିବାସୀ)ଙ୍କୁ ସେ ସମ୍ପୂର୍ଣ୍ଣ ଖୋଲା ଛାଡ଼ିଦେଲେ । ଏବଂ ଏହି କଥାରେ ରାଜି ହୋଇଗଲେ ଯେ ପ୍ରତ୍ୟେକ ପ୍ରକାର ଗାଳିମନ୍ଦ ଦେବା, ଅଭିଶାପ ପକାଇବା ତଥା ବ୍ୟଙ୍ଗ ବିଦ୍ରୁପ କରିବା ଦ୍ୱାରା ଏହି ବିନୀତକୁ ଅସମ୍ମାନିତ କରାଯାଉ । ତେଣୁ ସେ ମିଆଁ ସାହେବଙ୍କ ଇଚ୍ଛାକୁ ଚରିତାର୍ଥ କରି ସକଳ ସୀମା ଲଙ୍ଘନ କଲେ ଏବଂ ଅଲ୍ଲାଃତାଲାଙ୍କ ପବିତ୍ରବାଣୀ لَا يُحِبُّ اللّٰهُ الْجَهْرَ بِالسُّوْٓءِ **'ଲାୟୁହିବ୍‌ବୁଲ୍ଲାହୁଲ ଜହରା ବିସ୍‌ସୁଇ'** (ଅନ୍ ନିସା 4:149) ଅର୍ଥାତ 'ଅଲ୍ଲାଃ ଖୋଲାଖୋଲି ମନ୍ଦକଥା କହିବାକୁ ପସନ୍ଦ କରନ୍ତି ନାହିଁ' । ତାହାର କିଛି ହେଲେ ଖାତିର ନକରି ଏପରି ଧରଣର ଅସଭ୍ୟ ଭାଷାରେ ଗାଳିଗୁଲଜ ବକିବା ସ୍ତରକୁ ଆସିଗଲେ ଯେ ନିଚ ଓ ଅଧମ ଲୋକମାନଙ୍କର ମଧ୍ୟ କାନ ଅପବିତ୍ର ହୋଇଗଲା । ଏପରିକି ଏହି ପବିତ୍ର ସ୍ୱଭାବର ଲୋକଟି ଶହ ଶହ ଲୋକଙ୍କ ସମ୍ମୁଖରେ **ଦିଲ୍ଲୀର** ଜାମା ମସଜିଦ୍‌ରେ ଏ ବିନୀତକୁ ଅତ୍ୟନ୍ତ କଟୁ ଭାଷାରେ ଗାଳିମନ୍ଦ କଲେ । ସୁତରାଂ ଗାଳି ଶୁଣିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ମୋର ଜଣେ କର୍ମଚାରୀ ଶେଖ **ହାମିଦ୍ ଅଲ୍ଲୀ** ଯେକି ସେଠାରେ ଉପସ୍ଥିତ ଥିଲେ, ଏହାର ଅନ୍ୟ ଲୋକମାନେ ମଧ୍ୟ ସାକ୍ଷ୍ୟ ଦେଇଛନ୍ତି । ସେହିପରି ସେହି ବୟସ୍କ ଲୋକଜଣକ ଫିଲୌର ଷ୍ଟେସନରେ ଜନଗହଳିପୂର୍ଣ୍ଣ ସ୍ଥାନରେ ଏକ ଭିଡ ସମ୍ମୁଖରେ ଏହି ବିନୀତ ବିଷୟରେ କହିଲା ଯେ, ସେ କୁକୁର ପରି ମରିବ । ଏପରି କି ତା'ର ସବୁ ଲେଖାରେ ଏହି ବିନୀତର ନାମ କାଫିର୍ ଓ ଦଜ୍ଜାଲ ରଖିଥିଲା । ୧୧ ଅକ୍ଟୋବର ୧୮୯୧ମସିହାର ଏକ କାର୍ଡ଼ରେ ଯାହାକୁ ସେ ଜମ୍ମୁ କାଶ୍ମୀର ରିୟାସତର ଜଣେ କର୍ମଚାରୀ ମୁନଶୀ ଫତହ ମୁହମ୍ମଦଙ୍କ ନାମରେ ଲେଖିଥିଲା । ତାହା ଏବେ ବି ମୋ ପାଖରେ ପଡ଼ିଛି, ସେଥିରେ କେବଳ ଗାଳିଛଡ଼ା ଅନ୍ୟ କିଛି ଲେଖା ନାହିଁ । ଏକ ଖୋଲା ଚିଠିରେ ଅପଶବ୍ଦ ପ୍ରୟୋଗ କରିବା ଓ ଏକ ପୋଷ୍ଟକାର୍ଡ଼ରେ ଯାହାକୁ ଯିଏ ଚାହିଁବ ପଢିପାରିବ, ସେଥିରେ ଗାଳିଗୁଲଜ କରି ଲେଖିବା ଏବଂ

ନିଜ ବିରୁଦ୍ଧାତ୍ମକ ଉତ୍ତେଜକ ମନୋଭାବକୁ ଚରମ ସୀମାରେ ପହଞ୍ଚାଇ ଦେଲେ । କ'ଣ ଏହି **ଆଚରଣ**କୁ ଈଶ୍ୱର ପସନ୍ଦ କରନ୍ତି କିମ୍ବା ଏହା ଜଣେ ସାଧୁ ବ୍ୟକ୍ତିଙ୍କ କାମ ବୋଲି କୁହା ଯାଇପାରିବ? **୧୧ ଅକ୍ଟୋବରର** ପୋଷ୍ଟକାର୍ଡରେ ସେହି ବୟୋବୃଦ୍ଧ ବ୍ୟକ୍ତି ଅତି କ୍ରୋଧର ଆବେଗରେ ଆସି ଏହି ବିନୀତ ସମ୍ବନ୍ଧରେ ଏପରି ଲେଖିବା ଯେଁ, ଏହି ବ୍ୟକ୍ତିଜଣକ ବାସ୍ତବରେ ଅମାନ୍ୟକାରୀ, ମିଥ୍ୟାବାଦୀ, ଧର୍ମଦ୍ରୋହୀ ଓ ନାସ୍ତିକ ତଥା ପ୍ରକାଣ୍ଡ ମିଛୁଆ । ହେ ପ୍ରଭୁ! ହେ ମୋର ପ୍ରିୟ ଜଗତସ୍ୱାମୀ! ମୁଁ ସେଇ ଲୋକର ସମସ୍ତ କଠୋର ବଚନ ଓ ଭର୍ତ୍ସନାର ଉତ୍ତର ତୁମ୍ଭ ଉପରେ ନ୍ୟସ୍ତ କଲି । ଯଦି ଏହା ତୁମ୍ଭର ଇଚ୍ଛା ତେବେ ତାହା ମଧ୍ୟ ମୋର ଇଚ୍ଛା । ମୋତେ ଏହା ଠାରୁ ଅଧିକ ଆଉ କିଛି ଲୋଡ଼ା ନାହିଁ, କେବଳ ତୁମ୍ଭେ ମୋ ପ୍ରତି ପ୍ରସନ୍ନ ହୁଅ । ମୋ ହୃଦୟର ବେଦନା ତୁମ୍ଭଙ୍କୁ ଅଛପା ନାହିଁ । ତୁମ୍ଭ ଦୃଷ୍ଟି ମୋର ପାତାଳ ପର୍ଯ୍ୟନ୍ତ ଲମ୍ବି ରହିଛି । ଯଦି ମୋ ମଧ୍ୟରେ କିଛି ବ୍ୟତିକ୍ରମ ଦେଖୁଛ ତେବେ ତାକୁ ପ୍ରଭୁ ମୋ ଦେହରୁ ବାହାର କରିଦିଅ । ଆଉ ଯଦି ତୁମ୍ଭ ନଜରରେ ମୋଠାରେ କୌଣସି ମନ୍ଦ କଥା ଦେଖିବାକୁ ପାଉଛ ତା' ହେଲେ ମୁଁ ସେଥିପାଇଁ ତୁମ୍ଭର ଶରଣ ଭିକ୍ଷା କରୁଅଛି । ହେ ମୋର ପ୍ରିୟ ପଥପ୍ରଦର୍ଶକ! ଯଦି ମୁଁ ଧ୍ୱଂସର ମାର୍ଗକୁ ଆପଣାଇଛି, ତେବେ ମୋତେ ସେଥିରୁ ବଞ୍ଚିତ କର । ସେହି କର୍ମ କରିବାର ଶକ୍ତି ପ୍ରଦାନ କର, ଯହିଁରେ ତୁମ୍ଭର ପ୍ରସନ୍ନତା ରହିଥିବ । ମୋର ଆତ୍ମା କହୁଛି ଯେ ତୁମ୍ଭେ କେବଳ ମୋ ନିମିତ୍ତ ଅଛ ଏବଂ ସର୍ବଦା ମୋ ସହିତ ରହିଥିବ । ଯେବେଠାରୁ କି ତୁମ୍ଭେ କହିଛ 'ମୁଁ ତୁମ ସହିତ ଅଛି' ଏବଂ ଯେବେଠାରୁ ତୁମ୍ଭେ ମୋତେ ସମ୍ବୋଧିତ କରି କହିଛ: إِنِّي مُهِينٌ مَنْ أَرَادَ إِهَانَتَكَ **ଇନ୍ନୀ ମୁହୀନୁନ୍ ମନ୍ ଅରାଦା ଇହାନତକା** ଅର୍ଥାତ 'ଯେ ତୁମକୁ ଅପମାନିତ କରିବା ପାଇଁ ଚେଷ୍ଟା କରିବ, ମୁଁ ତାକୁ ଅପମାନିତ କରିବି ।' ଯେବେଠାରୁ ତୁମ୍ଭେ ମୋତେ ଆଶ୍ୱସନା ଦେଇ ଓ ମୋ ଉପରେ ଦୟା ଦୃଷ୍ଟି ପକାଇ ମୋତେ କହିଛ أَنْتَ مِنِّي بِمَنْزِلَةٍ لَا يَعْلَمُهَا الْخَلْقُ **ଅନ୍‌ତା ମିନ୍ନୀ ବି ମନ୍‌ଜିଲତି ଲା ୟାଲମୁହଲ୍ ଖଲ୍‌କ୍** ଅର୍ଥାତ 'ତୁମର ମୋ ନିକଟରେ ସେହି ସ୍ଥାନ ଓ ପ୍ରତିଷ୍ଠା ରହିଛି ଯାହାକୁ ଲୋକ ଜାଣନ୍ତି ନାହିଁ ।' ସେହି କ୍ଷଣ ଠାରୁ ମୋଠାରେ ପ୍ରାଣ ସଂଚାର ହେଲା । ତୁମ୍ଭ ହୃଦୟକୁ ଆଶ୍ୱସ୍ତ ପହଞ୍ଚାଉଥିବା ବିଷୟ ମୋ କ୍ଷତର ମଲମ ହୋଇଗଲା । ତୁମ୍ଭର ଶ୍ରଦ୍ଧାପ୍ଳୁତ ବଚନ ମୋର ବ୍ୟଥିତ ହୃଦୟକୁ ଆମୋଦିତ କଲା । ମୁଁ ଦୁଃଖରେ ବୁଡ଼ି ରହିଥିଲି, ତୁମ୍ଭେ ମୋତେ ଶୁଭ ସମାଚାର ଦେଲ । ମୁଁ ବିପଦରେ ପୀଡିତ ଥିଲି ତୁମ୍ଭେ ମୋତେ ପଚାରିଲ, ହେ ପ୍ରିୟତମ! ଏହି ଖୁସି ମୋ

ସକାଶେ ଯଥେଷ୍ଟ ଯେ ତୁମ୍ଭେ ମୋ ପାଇଁ ଓ ମୁଁ ତୁମ୍ଭ ପାଇଁ ଅଛି । ତୁମ୍ଭ ପ୍ରହାର ଶତ୍ରୁଙ୍କର ଅହଂକାରକୁ ଅବଶ୍ୟ ଭାଙ୍ଗିବ ଓ ଦର୍ପକୁ ଚୂର୍ଣ୍ଣ କରିବ । ତୁମ୍ଭର ସମସ୍ତ ପ୍ରତିଶ୍ରୁତି ଅବଶ୍ୟ ପୂରଣ ହେବ ଓ ତୁମ୍ଭେ ଆପଣା ଭକ୍ତର ମୁକ୍ତିଦାତା ବୋଲାଇବ ।

ପୁନଶ୍ଚ ମୁଁ ପ୍ରଥମ ପ୍ରସଙ୍ଗ ଆଡ଼କୁ ଫେରି ଆସୁଛି । ପାଠକମାନଙ୍କୁ ଏହା ସ୍ପଷ୍ଟ କରିଦେବାକୁ ଚାହେଁ ଯେ ଯେତେ ମାତ୍ରାରେ ବଟାଲଓ୍ୱୀଙ୍କର କର୍କଶ ବାକ୍ୟ ପ୍ରୟୋଗର ମୁଁ ଉଲ୍ଲେଖ କରିଛି, ତାହା କେବଳ ଏକ ନମୁନା ମାତ୍ର । ନଚେତ ସେହି ବ୍ୟକ୍ତିର କଟୁଭାଷାର କୌଣସି ସୀମା ନାହିଁ । ବାସ୍ତବରେ କହିବାକୁ ଗଲେ ଏସମସ୍ତ ଧୃଷ୍ଟତାପୂର୍ଣ୍ଣ ବାକ୍ୟବାଣ ହେଉଛି ମିଆଁ ନଜୀର ହୁସେନଙ୍କର । କାରଣ ଗୁରୁଙ୍କ ଇଚ୍ଛା ବିରୁଦ୍ଧରେ ଯିବା ପାଇଁ ଶିଷ୍ୟ କେବେ ସାହାସ କରିବ ନାହିଁ । ମିଆଁ ସାହେବ ନିଜେ ବି ମୁହଁ ଖରାପ କଲେ ଓ ଅନ୍ୟର ଖରାପ କରାଇଲେ ମଧ୍ୟ । ବଟାଲଓ୍ୱୀଙ୍କର କୌଣସି ଅପନିନ୍ଦା ମିଆଁ ସାହେବଙ୍କୁ ଖରାପ ବି ଲାଗିଲା ନାହିଁ । ମିଆଁ ସାହେବଙ୍କର ଘରେ ବସି ଅନ୍ୟ ଏକ ଅହଂକାରରେ ଭରା ଇସ୍ତହାର **ବଟାଲଓ୍ୱୀ** ମହାଶୟ ଲେଖିଲେ । ଯେଉଁଥିରେ ଏହି ବିନୀତ ସମ୍ବନ୍ଧରେ ଏହି ଧରଣର ବାକ୍ୟ ବି ସ୍ଥାନ ପାଇଥିଲା ଯେ ଏହି ବ୍ୟକ୍ତି ମୋର ଶିକାର । ଦୁର୍ଭାଗ୍ୟବଶତଃ, ପୁଣି ଦିଲ୍ଲୀରେ ମୋ କବଳକୁ ଆସିଗଲା ଓ ମୁଁ ଭାଗ୍ୟଶାଳୀ ଯେ ପଳାୟନ କରିଥିବା ଶିକାର ପୁଣି ମୋତେ ମିଳିଗଲା । ନ୍ୟାୟ ଦୃଷ୍ଟିରେ କୁହନ୍ତୁ ଯେ, ଏହା କି ପ୍ରକାର ହୀନ ମନୋବୃତ୍ତି । ମୁଁ ସତ୍ୟ କହୁଛି କି ଏ ଯୁଗର ସୁସଭ୍ୟ ଚମାର ଓ ପାଣ ଲୋକ ମଧ୍ୟ ଅଳ୍ପ ବହୁତ ଲଜ୍ୟା ରକ୍ଷା କରନ୍ତି । ପୁରୁଷ ପୁରୁଷ ଧରି ନୀଚତା ଓ ହୀନମନ୍ୟତାକୁ ବରଣ କରି ନେଇଥିବା ଲୋକମାନେ ମଧ୍ୟ ଏହି ଧରଣର କୁତ୍ସିତ ଓ ଅହମିକା ପୂର୍ଣ୍ଣ ବଡିମା ନିଜର ଅସଲ ଚେହେରାକୁ ଚିହ୍ନିଥିବା ଲୋକଙ୍କ ଆଗରେ ମୁହଁରେ ଧରନ୍ତି ନାହିଁ । ଯଦି ମୁଁ ବଟାଲଓ୍ୱୀଙ୍କର ଶିକାର ହୁଅନ୍ତି, ତେବେ ତାଙ୍କ ଗୁରୁଙ୍କୁ ଦିଲ୍ଲୀରେ କାହିଁକି ଯାଇ ଧରିଥାନ୍ତି ? କ'ଣ ଶିଷ୍ୟ ଗୁରୁଠାରୁ ବଡ ? ଯେବେ ଗୁରୁ ହିଁ ଚଢେଇଟିଏ ପରି ମୋ ହାତ ମୁଠାରେ ବନ୍ଦୀ ହୋଇଯାଆନ୍ତି, ତେବେ ପାଠକଗଣ ବୁଝି ପାରୁଥିବେ ଯେ ମୁଁ ବଟାଲଓ୍ୱୀଙ୍କ ଶିକାର ହେଲି ନା ବଟାଲଓ୍ୱୀ ମୋର ଶିକାରର ଶିକାର । ବଟାଲଓ୍ୱୀର ଔଦ୍ଧତ୍ୟ ଚରମ ସୀମାରେ ପହଁଚି ଯାଇଛି । ଏବଂ ତା'ଖପୁରୀରେ ଗୋଟିଏ ପୋକ ଅଛି, ଯାହାକୁ ଅବଶ୍ୟ ଦିନେ ନା ଦିନେ ଈଶ୍ୱର ବାହାର କରିଦେବେ । ଚିନ୍ତାଜନକ ବିଷୟ ହେଉଛି ଯେ, ଆଜିକାଲି ଆମ ବିରୋଧୀଙ୍କର ଦିନ ମିଥ୍ୟା ଓ ଅପନିନ୍ଦାର ବାଜଣାରେ କଟୁଛି ଏବଂ ଫିରୌନ୍ (ମିଶର ଫାରୋ ରାଜା - ଅନୁବାଦକ)ର ରଙ୍ଗ

ଧାରଣ କରି ନିଜର ପ୍ରତିଷ୍ଠା ଓ ଗାରିମା ହାସଲ କରିବାକୁ ସେମାନେ ଚାହୁଁଛନ୍ତି । ଯେକି ନିଜ ସୈନ୍ୟସାମନ୍ତଙ୍କ ସହିତ ନଦୀଜଳରେ ବୁଡି ମରିବା ଦିନ ପର୍ଯ୍ୟନ୍ତ ଏହାହିଁ ଭାବୁଥିଲା ଯେ ମୁସା (ମୋସେସ ଅବତାର) ତାର ଶିକାର ଥିଲା । କିନ୍ତୁ **ନୀଳ ନଦୀ** ଅନ୍ତତଃ ପକ୍ଷେ ଏହା ଦେଖାଇ ଦେଲା ଯେ ପ୍ରକୃତରେ କିଏ ଶୀକାର ଥିଲା । ମୋତେ ଏହା କହିବାରେ ଲଜ୍ଜ୍ୟାବୋଧ ହେଉଛି ଯେ ଏପରି ଅଯୋଗ୍ୟ ପ୍ରତିଦ୍ୱନ୍ଦୀଙ୍କ ମୁକାବିଲାରେ ଛିଡା ହେବାଟା ମୋତେ କିଛି ମାତ୍ରାରେ କଠୋର ଶବ୍ଦ ପ୍ରୟୋଗ କରିବା ପାଇଁ ବାଧ୍ୟ କଲା । ନତୁବା ମୋର ସ୍ୱଭାବ ଏଥିରୁ କୋଶେ ଦୂରରେ ଯେ ମୁଁ କୌଣସି କଟୁ ବଚନ ମୁହଁକୁ ଆଣିବି । ମୁଁ କିଛିହେଲେ କହିବାକୁ ଚାହୁ ନଥିଲି, କିନ୍ତୁ ବଟାଲଓ୍ୱି ଓ ତାର ଗୁରୁ ହିଁ ମୋତେ କୁହାଇବାକୁ ବାଧ୍ୟ କରିଛନ୍ତି । ଏବେ ମଧ୍ୟ ବଟାଲଓ୍ୱିଙ୍କ ପାଇଁ ଏହା ଉତ୍ତମ ହେବ ଯଦି ସେ ନିଜ ରୀତିନୀତି ଓ ମନୋବୃତ୍ତି ବଦଳାଇ ଦିଅନ୍ତି ଏବଂ ନିଜ ମୁହଁରେ ଲଗାମ ଦିଅନ୍ତି । ନଚେତ୍ ଏହି ଦିନଗୁଡ଼ିକୁ ପରେ ସେ କାନ୍ଦିକାନ୍ଦି ମନେ ପକାଉଥିବେ ।

**ବାଦର୍ଦ କଶାଁ ହର କେ ଦର ଉଫତାଦ୍ ଦର ଉଫତାଦ୍** بادردکشاں ہرکہ درافتاد در افتاد

**ଓମା ଅଲୈନା ଇଲ୍ଲଲ୍ ବଲାଗଲ୍ ମୁବୀନ୍** وماعلینا الا البلاغ المبین

(ଆମର କର୍ତ୍ତବ୍ୟ ହେଉଛି କେବଳ ସ୍ୱଷ୍ଟ ରୂପେ ବାର୍ତ୍ତା ପହଞ୍ଚାଇ ଦେବା)

گندم از گندم بروید جو ز جو از مکافات عمل غافل مشو

**ଗନ୍ଦମ ଅଜ୍ ଗନ୍ଦମ୍ ବରୋଏଦ୍ ଜୌ ଜ୍ ଜୌ**
**ଅଜ୍ ମୁକାଫାତେ ଅମଲ୍ ଗାଫିଲ୍ ମଶୌ**

'ଗହମରୁ ଜାତ ଗହମ ହୁଅଇ, ବାଜରାରୁ ମିଳେ ବାଜରା
କରମରୁ ହୁଅ ନାହିଁ ନିଶ୍ଚିନ୍ତ ପ୍ରତିଫଳ ତାର ରହିଛି ପରା'

ଯେଉଁ ଲୋକମାନେ ସେଇ ମିଥ୍ୟା ଘୋଷଣାପତ୍ର ପ୍ରତି ଖୁସି ବ୍ୟକ୍ତ କରୁଛନ୍ତି, ସେସବୁରେ ମିଆଁ ନଜୀର ହୁସେନ୍‌ଙ୍କର ବାହାସ୍ୱୋଟର ବର୍ଣ୍ଣନା ରହିଛି । ମୁଁ ସେମାନଙ୍କୁ କେବଳ ଅଲ୍ଲାଃଙ୍କ ଦ୍ୱାହି ଦେଇ ଏହି ଉପଦେଶ ଦେଉଛି ଯେ, ଏପରି ମିଥ୍ୟାଚାରରେ କବଳିତ ହୋଇ ବ୍ୟର୍ଥ ପାପଭାର ନିଜ ମୁଣ୍ଡରେ ବହନ କରନ୍ତୁ ନାହିଁ । ମୁଁ ୨୩ ଅକ୍ଟୋବର ୧୮୯୧ର ଘୋଷଣାପତ୍ରରେ ବିସ୍ତାର ପୂର୍ବକ ବର୍ଣ୍ଣନା କରିସାରିଛି ଯେ, ମିଆଁ ସାହେବ ହିଁ ବିତର୍କରେ ଭାଗ ନେବାରୁ ପଶ୍ଚାତପଦ ହେଲେ । ପୁଣି ଦୁଷ୍ଟାମି ଓ ନିର୍ଲଜତାପୂର୍ଣ୍ଣ ଆରୋପର କାଳିମା ମୋ ଉପରେ ଲଗା ଯାଇଛି । ସତେ ଯେପରି ମୁଁ ମିଆଁ ନଜୀର ହୁସେନ୍‌ଙ୍କୁ

ଭୟ କଲି । ନଉଜୁବିଲ୍ଲାଃ ମୁଁ କେବେବି ତାଙ୍କୁ ଡ଼ରି ନାହିଁ, କାହିଁକି ବା ପୁଣି ଡ଼ରନ୍ତି ? ମୁଁ ସେଇ ବିବେକପଣ ଆଗରେ ଯାହା ମୋତେ ଆକାଶରୁ ପ୍ରାପ୍ତ ହୋଇଛି, ଏତାଦୃଶ ତୁଚ୍ଛ ଓ ନଗଣ୍ୟ ମୁଲ୍ଲାମାନଙ୍କୁ ପୂର୍ଣ୍ଣତଃ ଅନ୍ଧ ଓ ମୁର୍ଖ ବୋଲି ମଣୁଛି । ଇଶ୍ୱରଙ୍କ ସୌଗନ୍ଧ ଖାଇ କହୁଛି ଏକ ମରି ଯାଇଥିବା କୀଟ ସମାନ ବି ମୁଁ ତାଙ୍କୁ ଭାବୁ ନାହିଁ । କ'ଣ କେହି ଜୀବନ୍ତ ପ୍ରାଣୀ ମୃତଠାରୁ ଭୟଭୀତ ହୁଏ ? ପୂର୍ଣ୍ଣତଃ ଏହା ଜାଣିରଖ ଯେ ପ୍ରକୃତ ଧର୍ମଜ୍ଞାନ ଏକ ଇଶ୍ୱରୀୟ ରହସ୍ୟ ଏବଂ ସେ ହିଁ ଯଥାର୍ଥ ରୂପେ ଇଶ୍ୱରୀୟ ଗୂଢତତ୍ତ୍ୱକୁ ଜାଣିଥାଏ ଯିଏ ଇଶ୍ୱରଙ୍କ ଠାରୁ ବରଦାନ ପ୍ରାପ୍ତ କରିଥାଏ । ଯାହା ଅଲ୍ଲାଃତାଲାଙ୍କ ନିକଟରେ ପହଞ୍ଚାଇଥାଏ, ସେ ହିଁ ତାଙ୍କ ଦିବ୍ୟ ବାଣୀର ଗୂଢ ରହସ୍ୟ ପର୍ଯ୍ୟନ୍ତ ମଧ୍ୟ ତାଙ୍କୁ ନେଇ ଯାଇଥାଏ । ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ଆଲୋକମୟ ସ୍ଥାନରେ ବସିଥାଏ ସେ ସଂପୂର୍ଣ୍ଣ ଦୃଷ୍ଟିଶକ୍ତି ମଧ୍ୟ ପ୍ରାପ୍ତ କରିଥାଏ । ହଁ, ଯଦି ଏକଥା କୁହାଯାଆନ୍ତା ଯେ ମୁଁ ସେମାନଙ୍କର ଅସଭ୍ୟ ଗାଳି ଗୁଲଜକୁ ଭୟ କଲି ତଥା ତାଙ୍କର କଳୁଷିତ କଥା ଦ୍ୱାରା ଭୟାତୁର ହୋଇଗଲି, ତେବେ ବୋଧହୁଏ କେତେକାଂଶରେ ତାହା ସତ ବି ହୁଅନ୍ତା । କାରଣ ସର୍ବଦା ସଜ୍ଜନ ବ୍ୟକ୍ତି ଅ ସଭ୍ୟ ଭାଷାରେ ଗାଳି ବକୁଥିବା ଲୋକମାନଙ୍କୁ ଭୟ କରନ୍ତି । ଏବଂ ସଭ୍ୟ ମନୁଷ୍ୟ ଏପରି କୁଭାଷା କହୁଥିବା ଲୋକଙ୍କ ଠାରୁ ନିଜକୁ ଦୂରେଇ ରଖନ୍ତି । କଥାରେ ଅଛି:

شریف از سفلہ نے ترسد بلکہ از سفلگی او مے ترسد

**'ଶରୀଫ୍ ଅଜ୍ ସିଫଲା ନୁମେ ତୁରସିଦ୍,**
**ବଲକି ଅଜ୍ ସିଫ୍‌ଲଗୀ ଅଉ ମେ ତୁରସିଦ୍ ।'**

ଅର୍ଥାତ 'ଭଦ୍ରବ୍ୟକ୍ତିମାନେ ନୀଚ ପ୍ରକୃତିର ଲୋକମାନଙ୍କୁ ଡ଼ରନ୍ତି ନାହିଁ, ବରଂ ସେମାନଙ୍କର ନୀଚପଣକୁ ଡ଼ରନ୍ତି ।'

ମୌଳିକ ସତ୍ୟ ହେଉଛି, ଇଶ୍ୱରଙ୍କର ଏହା ଇଚ୍ଛା ଥିଲା ଯେ ମିଆଁ ନଜୀର ହୁସେନ୍‌ଙ୍କର ଭଦ୍ରମୁଖା ଖୋଲୁ ଓ ତାଙ୍କ ଦୋଷ ସାର୍ବଜନୀନ ହେଉ । ତାଙ୍କ ଅହଂକାର ପୂର୍ଣ୍ଣ ହୁଙ୍କାରର ଅସଲ ପଣକୁ ଲୋକମାନଙ୍କ ଉପରେ ପ୍ରକଟିତ କରାଯାଉ । ସୁତରାଂ ବିଜ୍ଞବ୍ୟକ୍ତି ଜାଣନ୍ତି ଯେ, ଇଶ୍ୱରଙ୍କର ଇଚ୍ଛା କାର୍ଯ୍ୟକାରୀ ହେଲା ଓ ନଜୀର ହୁସେନଙ୍କ ସଂଯମତା ଓ ଇଶ୍ୱର ପ୍ରେମ ତଥା ଜ୍ଞାନ ଗାରିମା ଏବଂ ପାଣ୍ଡିତ୍ୟର ସମସ୍ତ ଗୁମର ଫିଟିଗଲା । ଧର୍ମନିଷ୍ଠତାକୁ ହାତଛଡ଼ା କରିବାର ପରିଣାମ ସ୍ୱରୂପ ତାଙ୍କୁ ଏକ ଅପମାନ ମିଳିଲା, କିନ୍ତୁ ଏବେ ବି ତାଙ୍କୁ ଏକ ଅପମାନ ମିଳିବାର ଅଛି, ଯାହା ତାଙ୍କ ପାଇଁ ତଥା ତାଙ୍କ ସମଭାବାପନ୍ନ ବିଚାରଧାରାର ଲୋକମାନଙ୍କ ପାଇଁ ପ୍ରସ୍ତୁତ ହୋଇ ରହିଛି । ଏହାର ବର୍ଣ୍ଣନା ନିମ୍ନରେ ପ୍ରଦତ୍ତ ହେଉଛି ।

اے خدا اے مالک ارض و سما     اے پناہ حزب خود در ہر بلا
اے رحیم و دست گیر و رہنما     ایکہ در دستِ تو فصل است و قضا
سخت شورے اوفتاد اندر زمین     رحم کن برخلق اے جان آفرین
امر فیصل از جناب خود نما     تا شود قطع نزاع و فتنہ ہا
اک کرشمہ اپنی قدرت کا دکھا     تجھ کو سب قدرت ہے اے ربُّ الوریٰ
حق پرستی کا مٹا جاتا ہے نام     اک نشاں دکھلا کہ ہو حجت تمام ①

'ଅଏ ଖୁଦା ଅଏ ମାଲିକ୍ ଅରଜ ଓ ସମା ଅଏ ପହ୍ନା ହିଜବେ ଖୁଦ ଦର ହର ବଲା
ଅଏ ରହିମ ଓ ଦସ୍ତ ଗିର୍ ଓ ରହନୁମା ଇକା ଦର ଦସ୍ତେ ତୁ ଫସଲ ଅସ୍ତ ଓ କଜା
ସଖତ୍ ଶୋରେ ଅଓ ଫତାଦ୍ ଅନ୍ଦର ଜମୀନ ରହମ କୁନ ବର ଖଲକେ ଅଏ ଜାନ ଆଫରୀନ
ଅମର୍ ଫୈସଲ ଅଜ୍ ଜନାବ ଖୁଦ ନୁମା ତା ଶୁଦ କତା ନଜା ଓ ଫିତନା ହା
ଇକ୍ କରିଶ୍ମା ଅପନି କୁଦରତ୍ କା ଦିଖା ତୁଝକୋ ସବ୍ କୁଦରତ ହେି ଅଏ ରବ୍‌ବୁଲ ୱରା
ହକ୍ ପରସ୍ତି କା ମିଟା ଜାତା ହେି ନାମ ଇକ୍ ନିଶାଁ ଦିଖଲା କେ ହୋ ହୁଜ୍ଜତେ ତମାମ୍'

ଅର୍ଥାତ 'ହେ ଈଶ୍ୱର ! ପୃଥିବୀ ଓ ଆକାଶର ସ୍ୱାମୀ, ପ୍ରତ୍ୟେକ ଆପଦ ବିପଦରେ ନିଜ ସେବକମାନଙ୍କ ଶରଣ ଦାତା । ହେ ଦୟାଳୁ ଓ ପତୀତ ଜନଙ୍କ ଉଦ୍ଧାରକର୍ତ୍ତା ପ୍ରଭୁ ! ହେ ସତମାର୍ଗ ପ୍ରଦର୍ଶନକାରୀ ତୁମରି ହସ୍ତରେ ସକଳ ନିଷ୍ପତ୍ତି ଓ ଆଦେଶ ରହିଛି । ଦୁନିଆରେ ଭୟାନକ ଆର୍ତ୍ତନାଦ ଓ ହାହାକାରର ଚିତ୍କାର । ହେ ପ୍ରାଣଦାତା ! ଲୋକମାନଙ୍କ ଉପରେ ଦୟାଦୃଷ୍ଟି ପକାନ୍ତୁ ଏବଂ ନିଜ ତରଫରୁ ଏକ ନିର୍ଣ୍ଣାୟକ ପଦକ୍ଷେପ ଗ୍ରହଣ କରି ସ୍ୱୟଂ ଦେଖାଇ ଦିଅନ୍ତୁ, ଯେପରିକି ଏହି ବିବାଦ ଓ ବିଶୃଙ୍ଖଳାର ପରିସମାପ୍ତି ଘଟୁ । ନିଜ ଶକ୍ତି ଓ ପରାକ୍ରମର ଏକ ଚମତ୍କାର ପ୍ରଦର୍ଶନ କରନ୍ତୁ ଯେ ଈଶ୍ୱର ତୁମ୍ଭେ ହିଁ ସର୍ବଶକ୍ତିମାନ । ଏକେଶ୍ୱରବାଦ ସଂସାରରୁ ଲୋପ ପାଇବାକୁ ବସିଲାଣି । ହେ ଈଶ୍ୱର ! ଏମିତି ଏକ ଚମତ୍କାରିତା ଦେଖାଅ ଯେପରିକି ଏହା ପ୍ରମାଣସିଦ୍ଧ ହୋଇଯିବ ।'

## ଈଶ୍ୱରଙ୍କ ଭବିଷ୍ୟତ ବାଣୀ

كِتَابٌ سَجَّلْنَا مِنْ عِنْدِنَا

**କିତାବୁନ୍ ସଜ୍ଜଲନା ମିନ୍ ଇନ୍ଦିନା**

ଅର୍ଥାତ 'ଏହା ହେଉଛି ସେହି ଧର୍ମଗ୍ରନ୍ଥ ଯାହା ଉପରେ ଆମେ ନିଜ ତରଫରୁ ମୋହର ଲଗାଇଦେଲୁ ।'

# ସ୍ୱର୍ଗୀୟ ନିଷ୍ପତ୍ତି

ସ୍ୱର୍ଗୀୟ ନିଷ୍ପତ୍ତି ବର୍ଣ୍ଣନା କରିବାର ଅବ୍ୟବହିତ ପୂର୍ବରୁ ଏହାର ଯୁକ୍ତିଯୁକ୍ତ ତତ୍ତ୍ୱ ସମ୍ବନ୍ଧରେ ଏତିକି ଲେଖିବା ଆବଶ୍ୟକ ହେଉଛି ଯେ ସ୍ପଷ୍ଟତଃ ଯେଉଁ ଲୋକମାନେ ଅଲ୍ଲାଃତାଲାଙ୍କ ନିକଟରେ ପ୍ରକୃତ ବିଶ୍ୱାସକାରୀ ଓ ଯାହାଙ୍କୁ ଅଲ୍ଲାଃତାଲା ସ୍ୱୟଂ ଆପଣା ପାଇଁ ବିଶେଷ ରୂପେ ଚୟନ କରି ନେଇଛନ୍ତି ତଥା ନିଜ ହାତରେ ଶୁଦ୍ଧପୁତ କରିଛନ୍ତି ଏବଂ ନିଜର ପବିତ୍ର ଲୋକମାନଙ୍କ ବର୍ଗରେ ସ୍ଥାନ ଦେଇଛନ୍ତି, ସେମାନଙ୍କ ସମ୍ବନ୍ଧରେ ଏହିପରି କହିଛନ୍ତି

فِيْ وُجُوْهِهِمْ مِّنْ اَثَرِ السُّجُوْدِ

**ଫି ଉଜୁହିହିମ୍ ମିନ୍ ଅସରିସ୍ ସୁଜୂଦ** (ଅଲ୍ ଫତାଃ 48:30)

ଅର୍ଥାତ 'ସେମାନଙ୍କ ମଧ୍ୟରେ ଅଲ୍ଲାଃଙ୍କ ପ୍ରତି ଭୂମିଷ୍ଠ ପ୍ରଣିପାତ ଓ ଭକ୍ତିପୁତ ଉପାସନାର ଲକ୍ଷଣ ଅବଶ୍ୟ ରହିଥିବା ଆବଶ୍ୟକ ।'

ଅଲ୍ଲାଃତାଲାଙ୍କ ପ୍ରତିଶ୍ରୁତି ଦୋଷତ୍ରୁଟି ଓ ଛଳନାରୁ ପବିତ୍ର । ସେଥିପାଇଁ ବିଶ୍ୱାସକାରୀଙ୍କ ଠାରେ ସେ ସମସ୍ତ ଲକ୍ଷଣ ଦେଖାଯିବା ଆବଶ୍ୟକ, ଯାହା ପବିତ୍ର କୁରଆନରେ ବର୍ଣ୍ଣିତ ବିଶ୍ୱାସକାରୀଙ୍କ ପରିଭାଷା ଅନ୍ତର୍ଭୁକ୍ତ, ତାହା ବିଶ୍ୱାସ ସ୍ଥାପନ ପାଇଁ ଅନିବାର୍ଯ୍ୟ କରାଯାଇଥିବା ତତ୍ତ୍ୱମାନଙ୍କ ମଧ୍ୟରୁ ଗୋଟିଏ । ବିଶ୍ୱାସକାରୀ ଗୋଷ୍ଠୀ ଏବଂ ଏପରି ବ୍ୟକ୍ତି ଯାହାକୁ ସମ୍ପୃକ୍ତ ସମ୍ପ୍ରଦାୟ ବା ଜାତିର ବିଦ୍ୱାନମାନେ କାଫିର, ମିଥ୍ୟାବାଦୀ, ଲମ୍ପଟ ଓ ନାସ୍ତିକ ରୂପେ ଅଭିହିତ କରିଛନ୍ତି, ଏହି ଦୁଇବର୍ଗଙ୍କ ମଧ୍ୟରେ ନିଷ୍ପତ୍ତି ଗ୍ରହଣ କରିବା ସକାଶେ ଏପରି ଲକ୍ଷଣମାନ ପୂର୍ଣ୍ଣତଃ **କଷୋଟି** ପଥରରେ ପରଖିବା ଓ **ମାନଦଣ୍ଡ** ସ୍ୱରୂପ । ଯଦି କୌଣସି ବ୍ୟକ୍ତି ନିଜ ମୁସଲମାନ ଭାଇର ନାମ କାଫିର ରଖେ ଏବଂ ଏହି କଥାରେ ସନ୍ତୁଷ୍ଟ ହୁଏ ନାହିଁ ଯେ ସେହି ବ୍ୟକ୍ତି ଜଣେ ଖାଣ୍ଟି ମୁସଲମାନ ଓ ନୈଷ୍ଠିକ ଧର୍ମ ପାଳନକାରୀ ହେବାର ସ୍ୱୀକାର କରୁଛି ଏବଂ କଲିମା ତୟବା **ଲା ଇଲାହା ଇଲ୍ଲଲ୍ଲାଃ ମୁହମ୍ମଦୁର୍ ରସୁଲୁଲ୍ଲାଃ** ଅର୍ଥାତ 'ଅଲ୍ଲାଃଙ୍କ ଅତିରିକ୍ତ ଅନ୍ୟ କେହି ଉପାସ୍ୟ ନାହିଁ ଏବଂ ହଜରତ ମୁହମ୍ମଦ[ସଅ] ତାଙ୍କର ପ୍ରେରିତ ବାର୍ତ୍ତାବହ'ର ମୂଳମନ୍ତ୍ରକୁ ଅନ୍ତରରେ ଗ୍ରହଣ କରୁଛି ତଥା ଇସଲାମର ସମସ୍ତ ଧର୍ମନୀତି ଓ ସିଦ୍ଧାନ୍ତକୁ ମାନୁଛି ଏବଂ ତତ୍‌ସହିତ ଈଶ୍ୱରଙ୍କ ଦ୍ୱାରା ନିର୍ଦ୍ଧାରିତ ହୋଇଥିବା ସମସ୍ତ କର୍ତ୍ତବ୍ୟ ଓ କର୍ମ ପରିସର ମଧ୍ୟରେ ରହି ତାଙ୍କ ଆଦେଶ ଉପରେ ପାଳନ କରିବା ଅନିବାର୍ଯ୍ୟ ବୋଲି ଭାବୁଛି ତଥା ସେହିପରି ନିଜର

ସାମର୍ଥ୍ୟ ଅନୁସାରେ ସେସବୁ ବିଷୟ ଉପରେ ପରିଚାଳିତ ହେଉଛି, ତା'ହେଲେ ଅନ୍ତତଃପକ୍ଷେ ନିଷ୍ପତ୍ତି ଗ୍ରହଣ କରିବାର ଉପାୟ ଏପରି ହେବା ଉଚିତ ଯେ, ଉଭୟ ପକ୍ଷକୁ ସେ ସମସ୍ତ ଚିହ୍ନଗୁଡ଼ିକ ଦ୍ୱାରା ପରୀକ୍ଷା କରାଯିବ, ଯାହା ଈଶ୍ୱର **ବିଶ୍ୱାସକାରୀ** ଏବଂ **ଅବିଶ୍ୱାସକାରୀ** ମଧ୍ୟରେ ଥିବା ଅନ୍ତରକୁ ସ୍ପଷ୍ଟ କରିବା ପାଇଁ ପବିତ୍ର କୁରଆନରେ ବ୍ୟକ୍ତ କରିଛନ୍ତି । ଏହା ଦ୍ୱାରା ଯେଉଁ ବ୍ୟକ୍ତିମାନେ ବାସ୍ତବରେ ଅଲ୍ଲାଃତାଲାଙ୍କ ନିକଟରେ ବିଶ୍ୱାସକାରୀ, ସେମାନଙ୍କୁ ଅଲ୍ଲାଃ ନିଜ ପ୍ରତିଶ୍ରୁତି ଅନୁଯାୟୀ କାଫିର୍‌ର ଅପବାଦରୁ ମୁକ୍ତ କରନ୍ତୁ । ସେ ଓ ତାଙ୍କ ପ୍ରତିପକ୍ଷଙ୍କ ମଧ୍ୟରେ ପାର୍ଥକ୍ୟ କରି ଦେଖାଇ ଦିଅନ୍ତୁ ତଥା ଏହି ନିତିଦିନିଆ କାହାଣୀର ଅନ୍ତ ହେଉ । ଏହି ବିଷୟକୁ ପ୍ରତ୍ୟେକ ବୁଦ୍ଧିମାନ ବ୍ୟକ୍ତି ବୁଝି ପାରୁଥିବ ଯେ, ଯଦି ଏହି ବିନୀତ ମିଆଁ ନଜୀର ହୁସେନ ଓ ତାଙ୍କ ଚେଲା ବଟାଲଭୀର ଧାରଣା ଅନୁଯାୟୀ ପ୍ରକୃତରେ କାଫିର (ଅବିଶ୍ୱାସକାରୀ), ଦଜ୍ଜାଲ(ପ୍ରତାରକ), କାଜିବ(ମିଥ୍ୟାବାଦୀ) ତଥା ତିରସ୍କୃତ ବ୍ୟକ୍ତି ଏବଂ ତତ୍‌ସହିତ ଇସଲାମ ପରିସରରୁ ବହିର୍ଭୁକ୍ତ ହୋଇଛି, ତେବେ ଅଲ୍ଲାଃ ମୁକାବିଲା ସମୟରେ ଏହି ବିନୀତର ସତ୍ୟତା ପ୍ରମାଣିତ କରିବା ପାଇଁ ତାଙ୍କ ଅନୁରକ୍ତ ହେବାର କୌଣସି ଚିହ୍ନ ପ୍ରକଟିତ କରିବେ ନାହିଁ । କାରଣ ଈଶ୍ୱର ଅମାନ୍ୟକାରୀ ତଥା ସ୍ୱଧର୍ମର ବିରୁଦ୍ଧାଚରଣକାରୀମାନଙ୍କ ନିମନ୍ତେ ଯେଉଁମାନେ ବିଶ୍ୱସ୍ତହୀନ ତଥା ତିରସ୍କୃତ ହୋଇଛନ୍ତି, ସେମାନଙ୍କୁ ବିଶ୍ୱାସର ଚିହ୍ନ ଦେଖାଇ କେବେହେଲେ ନିଜର ସମର୍ଥନ ପ୍ରଦାନ କରନ୍ତି ନାହିଁ । କାହିଁକି ବା କରିବେ, ଯେତେବେଳେ କି ସେ ଜାଣନ୍ତି ଯେ ସେମାନେ ନିଜ ଧର୍ମର ଶତ୍ରୁ ସାଜିଛନ୍ତି ଏବଂ ବିଶ୍ୱାସ ଓ ଭକ୍ତି ରୂପକ ପୁରସ୍କାରରୁ ବଞ୍ଚିତ ହୋଇଛନ୍ତି । ସୁତରାଂ ମିଆଁ ନଜୀର ହୁସେନ୍ ଓ ବଟାଲଭୀ ମୋ ସମ୍ବନ୍ଧରେ ଯେପରି ଭାବେ ଅମାନ୍ୟକାରୀ, ନାସ୍ତିକବାଦୀ ଓ ବିଧର୍ମୀ ହେବାର ଫତୱା ଲେଖିଛନ୍ତି, ଯଦି ମୁଁ ବାସ୍ତବରେ ସେହିପରି କାଫିର, ଦଜ୍ଜାଲ ଓ ଧର୍ମର ଶତ୍ରୁ ହୋଇଥାଏ, ତେବେ ଅଲ୍ଲାଃ ଏହି ମୁକାବିଲାରେ କଦାପି ମୋର ସମର୍ଥନ କରିବେ ନାହିଁ । ବରଂ ନିଜ ସମର୍ଥନରୁ ମୋତେ ବଞ୍ଚିତ କରି ଏପରି ଅପମାନିତ କରିବେ, ଯେପରି ଏତେ ବଡ଼ ମିଥ୍ୟାର ଉପଯୁକ୍ତ ଶାସ୍ତି ଅବଶ୍ୟ ମିଳିବା ଦରକାର । ଏପରି ଦଶା ଦେଖି ମୁସଲମାନ ମୋର ବିଶୃଙ୍ଖଳିତ ଆଚରଣର ପ୍ରକୋପରୁ ରକ୍ଷା ପାଇଯିବେ ଏବଂ ସମସ୍ତ ମୁସଲମାନ ମୋର ଅଭିସନ୍ଧି ମୂଳକ କାର୍ଯ୍ୟକଳାପରୁ ନିସ୍ତାର ପାଇ ଏକ ଶାନ୍ତିର ବଳୟ ମଧ୍ୟକୁ ଆସିଯିବେ । କିନ୍ତୁ ଯଦି ଐଶ୍ୱରିକ ଚମତ୍କାରୀତା ଦ୍ୱାରା ଏପରି ଘଟିବ, ଯେପରି ନିଜେ ମିଆଁ ନଜୀର ହୁସେନ ଓ ତାଙ୍କ ଗୋଷ୍ଠୀର ଲୋକମାନେ ବଟାଲଭୀ ଇତ୍ୟାଦି ସମର୍ଥନ ସୂଚକ ଚିହ୍ନ ପ୍ରକାଶିତ ହେବା ଦେଖି ଲଜ୍ଜିତ ଓ ପରିତ୍ୟକ୍ତ ହୋଇ ରହିଛନ୍ତି ଏବଂ ଈଶ୍ୱରଙ୍କ ସମର୍ଥନ

ମୋ ସହିତ ରହିବ ତ ଏପରି ସ୍ଥଳେ ମଧ୍ୟ ଲୋକମାନଙ୍କ ଉପରେ ସତ୍ୟ ପ୍ରକଟ ହୋଇଯିବ ଏବଂ ନିତିଦିନିଆ ବିବାଦର ଅବସାନ ଘଟିବ ।

ବର୍ତ୍ତମାନ ଏହା ଜାଣି ରଖିବା ଉଚିତ ଯେ ଅଲ୍ଲାଃତାଲା ପବିତ୍ର କୁରଆନରେ ସମ୍ପୂର୍ଣ୍ଣ ଧର୍ମପରାୟଣ ଓ ବିଶ୍ୱାସକାରୀ ବ୍ୟକ୍ତିଙ୍କୁ ଚାରିଗୋଟି ସ୍ୱର୍ଗୀୟ ସମର୍ଥନର ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି । ଆଉ ତାହା ହିଁ ଜଣେ ସମ୍ପୂର୍ଣ୍ଣ ବିଶ୍ୱାସକାରୀଙ୍କ ପରିଚୟ ସକାଶେ ବିଶିଷ୍ଟ ଚିହ୍ନ । ସେହି ନିଦର୍ଶନଗୁଡିକ ହେଉଛି

(୧) ପ୍ରଥମତଃ ସଂପୂର୍ଣ୍ଣ ବିଶ୍ୱାସକାରୀଙ୍କୁ ଅଲ୍ଲାଃଙ୍କ ଠାରୁ ବ୍ୟାପକ ମାତ୍ରାରେ ଶୁଭ ସମ୍ବାଦ ପ୍ରାପ୍ତ ହୋଇଥାଏ । ତାଙ୍କ ନିଜର ଯାହା ବି ମନବାଞ୍ଛା ଥାଏ ତାହା ପୂରଣ ହେବାକୁ ଅଥବା ତାଙ୍କ ସାଙ୍ଗସାଥୀମାନଙ୍କ ମନରେ ଅଭିଳାଷ ରହିଥାଏ, ସେ ସଂକ୍ରାନ୍ତରେ ଘଟିବାକୁ ଥିବା ସମ୍ଭାବ୍ୟ ଘଟଣାର ଆଗତୁରା ସୂଚନା ଦିଆଯାଇଥାଏ ।

(୨) ଦ୍ୱିତୀୟତଃ ସଂପୂର୍ଣ୍ଣ ବିଶ୍ୱାସକାରୀ ପ୍ରତି ପରୋକ୍ଷ ଭାବରେ ଏପରି ରହସ୍ୟ ଉଦଘାଟିତ ହୁଏ, ଯାହାର ନା କେବଳ ତା'ର ନିଜ ସମ୍ବନ୍ଧରେ କିମ୍ବା ତାହା ସହିତ ସଂପୃକ୍ତ ଥିବା ବ୍ୟକ୍ତି ସହିତ ସମ୍ବନ୍ଧିତ ହୋଇଥାଏ, ବରଂ ଯାହା କିଛି ସଂସାରରେ ଘଟିବାର ଥାଏ କିମ୍ବା ଯାହାକିଛି ବିଶ୍ୱର ଖ୍ୟାତନାମା ବ୍ୟକ୍ତିଙ୍କ ଉପରେ ପରିବର୍ତ୍ତନ ଆସିବାର ଥାଏ, ତତ୍‌ସମ୍ବନ୍ଧୀୟ ଅଗ୍ରୀମ ସୂଚନା ବିଶ୍ୱାସକାରୀଙ୍କୁ ପ୍ରାୟତଃ ମିଳି ଯାଇଥାଏ ।

(୩) ତୃତୀୟତଃ ସଂପୂର୍ଣ୍ଣ ବିଶ୍ୱାସକାରୀଙ୍କ ପ୍ରାର୍ଥନାଗୁଡିକ ଗୃହୀତ ହୋଇଥାଏ ଏବଂ ଅଧିକାଂଶ ପ୍ରାର୍ଥନା ଗୃହୀତ ହେବା ପୂର୍ବରୁ ତାହାର ସୂଚନା ମଧ୍ୟ ଦିଆଯାଇଥାଏ ।

(୪) ଚତୁର୍ଥତଃ ସଂପୂର୍ଣ୍ଣ ବିଶ୍ୱାସକାରୀଙ୍କ ଉପରେ ପବିତ୍ର କୁରଆନର ନୂତନ ତଥ୍ୟମାନଙ୍କର ଗୂଢ ରହସ୍ୟ ଓ ଦିବ୍ୟଜ୍ଞାନ ତଥା ଅଦ୍ଭୁତ ତାତ୍ତ୍ୱିକ ମହିମା ସବୁଠାରୁ ଅଧିକ ପ୍ରକାଶ ପାଇଥାଏ ।

ଏହି ଚାରୋଟି ବୈଶିଷ୍ଟ୍ୟରେ ସଂପୂର୍ଣ୍ଣ ସଦାଚାରୀ ଓ ବିଶ୍ୱାସକାରୀ ଅପେକ୍ଷାକୃତ ଅନ୍ୟମାନଙ୍କ ଉପରେ ବିଜୟ ଲାଭ କରିଥାନ୍ତି । ଅଥଚ ସବୁବେଳ ପାଇଁ ଏହି ନିୟମ ବ୍ୟାପକ ରୂପେ ଲାଗୁ ହୁଏ ନାହିଁ ଏବଂ ଜଣେ ସଂପୂର୍ଣ୍ଣ ବିଶ୍ୱାସକାରୀ ଅନବରତ ଯେ ଈଶ୍ୱରଙ୍କ ଛାମୁରୁ ସୁସମାଚାର ପ୍ରାପ୍ତ କରୁଥିବ କିମ୍ବା ତା'ର ସମସ୍ତ ପ୍ରାର୍ଥନା ଆଖି ପିଛୁଳାକେ ମଞ୍ଜୁର ହୋଇ ଚାଲିଥିବ- ଏପରି କେବେ ହୁଏ ନାହିଁ । ଏବଂ ଏହା ମଧ୍ୟ ନୁହେଁ ଯେ, ତାକୁ ସେହି ଯୁଗର ପ୍ରତ୍ୟେକ ଘଟଣା ପ୍ରତି ସବୁବେଳେ ସୂଚନା

ଦିଆଯିବ । ଏପରି ମଧ୍ୟ ହୁଏ ନାହିଁ ଯେ ସର୍ବଦା କୁରଆନର ଭାବାର୍ଥ ତା'ଉପରେ ଉନ୍ମୁକ୍ତ ହୋଇ ଚାଲୁଥିବ । କିନ୍ତୁ ଅନ୍ୟମାନଙ୍କ ସହିତ ତୁଳନାତ୍ମକ ଭାବେ ଦେଖିଲେ ବିଶ୍ୱାସକାରୀଙ୍କ ଠାରେ ଏହି ଚାରୋଟି ଲକ୍ଷଣଯୁକ୍ତ ବୈଶିଷ୍ଟ୍ୟର ପ୍ରାବଲ୍ୟ ଅଧିକ ଥାଏ । ଏହା ମଧ୍ୟ ସମ୍ଭବ ହୋଇଥାଏ ଯେ ଅନ୍ୟମାନଙ୍କୁ ଯେପରିକି ଅର୍ଦ୍ଧ ବିଶ୍ୱାସକାରୀଙ୍କୁ ମଧ୍ୟ ଅଳ୍ପ ବହୁତ ଏହି ପୁରସ୍କାରରୁ ଭାଗ ମିଳିଥାଏ, କିନ୍ତୁ ତାହା କିଛି ମାତ୍ରାରେ ସମ୍ଭବ । ଅବଶ୍ୟ ଏହି ପୁରସ୍କାରଗୁଡିକର **ଅସଲ ହକଦାର** ତ ସଂପୂର୍ଣ୍ଣ ବିଶ୍ୱାସକାରୀ ହିଁ ହୋଇଥାନ୍ତି । ହଁ, ଏହା ମଧ୍ୟ ସତ୍ୟ ଯେ ସଂପୂର୍ଣ୍ଣ ବିଶ୍ୱାସକାରୀଙ୍କ ଏହି ସ୍ଥାନ ଅଧିକାର କରିବା ବିନା ମୁକାବିଲାରେ ପ୍ରତ୍ୟେକ ନିର୍ବୋଧ ଓ ସଂକୀର୍ଣ୍ଣ ବିଚାରଧାରା ସମ୍ପନ୍ନ ବ୍ୟକ୍ତିଙ୍କ ପ୍ରତି ସ୍ୱଷ୍ଟ ହୋଇପାରେ ନାହିଁ । ତେଣୁ ବାସ୍ତବ ଅନୁରକ୍ତ ଓ ସଂପୂର୍ଣ୍ଣ ବିଶ୍ୱାସକାରୀଙ୍କୁ ଚିହ୍ନିବାକୁ ହେଲେ ଅତ୍ୟନ୍ତ ସ୍ୱଷ୍ଟ ଓ ସରଳ ଉପାୟ ହେଉଛି ଯେ ସେଥିପାଇଁ ସେମାନଙ୍କୁ ମୁକାବିଲା କରିବାକୁ ପଡିଥାଏ । ଯଦିଓ ଏ ସମସ୍ତ ଲକ୍ଷଣ ସ୍ୱତଃସ୍ଫୂତଃ ଭାବେ ସଂପୂର୍ଣ୍ଣ ବିଶ୍ୱାସକାରୀ ଠାରୁ ଫୁଟି ବାହାରି ଥାଏ, କିନ୍ତୁ ଏକତରଫା ଭାବେ କେତେକ ପ୍ରତିବନ୍ଧକ ମଧ୍ୟ ରହିଛି । ଉଦାହରଣ ସ୍ୱରୂପ, ସଂପୂର୍ଣ୍ଣ ବିଶ୍ୱାସକାରୀଙ୍କ ଠାରୁ ପ୍ରାର୍ଥନା କରାଇବା ପାଇଁ ତାଙ୍କ ସେବାରେ ଏପରି ଲୋକ ଆସି ରୁଣ୍ଡ ହୋଇଥାନ୍ତି, ଯେଉଁମାନଙ୍କ ଭାଗ୍ୟରେ କଦାପି ସଫଳତା ଲେଖା ହୋଇ ନଥାଏ । ଏବଂ ନିୟତିର ବିଧାନ ତା'ବିରୁଦ୍ଧରେ ସ୍ଥିର ଓ ଅଟଳ ଭାବେ ଚାଳିତ ହୋଇଥାଏ । ତେଣୁ ସେପରି ଲୋକ ନିଜ ନିଜର ଅସଫଳତା କାରଣରୁ  ସଂପୃକ୍ତ ସମ୍ପୂର୍ଣ୍ଣ ବିଶ୍ୱାସକାରୀଙ୍କ ଏହି ଗୃହୀତ ହେବା ଲକ୍ଷଣଗୁଡିକୁ ଚିହ୍ନିପାରନ୍ତି ନାହିଁ । ବରଂ ସେମାନେ ଆହୁରି ଅଧିକ ସନ୍ଦେହ ଘେରରେ ପଡ଼ିଯାଆନ୍ତି । ଏବଂ ନିଜେ ସେହି ସଫଳତାରୁ ବଞ୍ଚିତ ହୋଇ ରହିଥିବା କାରଣରୁ ସମ୍ପୂର୍ଣ୍ଣ ବିଶ୍ୱାସକାରୀଙ୍କ ପ୍ରାର୍ଥନା ଗ୍ରୁହୀତ ହେବାର ମହତ୍ତ୍ୱ ସଂକ୍ରାନ୍ତରେ ଅବଗତ ହୋଇପାରନ୍ତି ନାହିଁ । ଯେତେବେଳେ କି ସମ୍ପୂର୍ଣ୍ଣ ବିଶ୍ୱାସକାରୀଙ୍କର ଈଶ୍ୱରଙ୍କ ନିକଟରେ ମହାନ ପଦମର୍ଯ୍ୟାଦା ରହିଛି ଏବଂ ସେମାନଙ୍କ ଗୁହାରୀ ଓ ଆକୁଳ ପ୍ରାର୍ଥନା ଦ୍ୱାରା ବଡ଼ ବଡ଼ ଜଟିଳ କାର୍ଯ୍ୟଗୁଡିକ ମଧ୍ୟ ସାଧିତ ହୋଇଥାଏ । ଏପରି କେତେକ ଭାଗ୍ୟର ଲିଖନ ଯାହା ବିଧିର ଅଟଳ ବିଧାନ ସହିତ ମେଳ ଖାଉଥାଏ, ତାହାକୁ ମଧ୍ୟ ବଦଳାଇ ଦିଆଯାଇଥାଏ । କିନ୍ତୁ ଯେଉଁ ଭାଗ୍ୟର ନିୟତି ସମ୍ପୂର୍ଣ୍ଣ ସ୍ଥିର ଓ ଅଟଳ, ତାକୁ ସମ୍ପୂର୍ଣ୍ଣ ବିଶ୍ୱାସକାରୀଙ୍କ ପ୍ରାର୍ଥନା ଦ୍ୱାରା କଦାପି ପରିବର୍ତ୍ତନ କରାଯାଇ ପାରିବ ନାହିଁ । ସେହି ସମ୍ପୂର୍ଣ୍ଣ ବିଶ୍ୱାସକାରୀଜଣକ ଯେତେ ବଡ ନବୀ ପଦବୀ ଲାଭ କରିଥାଉ ଅଥବା ରସୁଲ ପାହ୍ୟାର ହୋଇଥାଉ ନା କାହିଁକି ।

ସୁତରାଂ ସମ୍ପୂର୍ଣ୍ଣ ବିଶ୍ୱାସକାରୀ ଭକ୍ତ ଏହି ଚାରି ପ୍ରକାର ଲକ୍ଷଣ ଦ୍ୱାରା ନିଜ ପ୍ରତିଦ୍ୱନ୍ଦୀଙ୍କ ଠାରୁ ଅପେକ୍ଷାକୃତ ଅଧିକ ସ୍ୱଷ୍ଟ ରୂପେ ବିଶିଷ୍ଟ ସ୍ଥାନର ଅଧିକାରୀ ହୋଇଥାଏ । ଅବଶ୍ୟ ସେ ପୂର୍ଣ୍ଣ ମାତ୍ରାରେ ଏଥିପାଇଁ ସମର୍ଥ ହୋଇ ନଥାଏ ତଥା ସଫଳତାର ସ୍ୱାଦ ଚାଖିପାରେ ନାହିଁ । ଅତଃ ଯଦି ଏହା ପ୍ରମାଣିତ ହୋଇଯାଇଛି ଯେ, ତୁଳନାତ୍ମକ ଦୃଷ୍ଟିରୁ ବାସ୍ତବ ତଥା ସମ୍ପୂର୍ଣ୍ଣ ବିଶ୍ୱାସକାରୀ ଅନ୍ୟମାନଙ୍କ ଅପେକ୍ଷା ଅଧିକ ଶୁଭ ସୂଚନା ପ୍ରାପ୍ତ କରିବା, ବହୁଳ ମାତ୍ରାରେ ତା'ର ପ୍ରାର୍ଥନା ଗୃହୀତ ହେବା ଏବଂ ଅଧିକ ଅଦୃଷ୍ଟ ସମଚାର ତଥା ପବିତ୍ର କୁରଆନର ଗଭୀର ତାତ୍ତ୍ୱିକ ଜ୍ଞାନ ସମ୍ବନ୍ଧୀୟ ବ୍ୟାପକ ପ୍ରକଟନରୁ ଅତ୍ୟଧିକ ଅଂଶ ପ୍ରାପ୍ତ ହେଉଛି, ତେବେ ସମ୍ପୂର୍ଣ୍ଣ ବିଶ୍ୱାସକାରୀ ଓ ତାଙ୍କର ପ୍ରତିଦ୍ୱନ୍ଦୀଙ୍କ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବା ପାଇଁ ଏହାଠାରୁ ଉତ୍କୃଷ୍ଟ ଉପାୟ ଅନ୍ୟ କିଛି ହୋଇ ନପାରେ କି ପ୍ରତିଦ୍ୱନ୍ଦୀତା ଦ୍ୱାରା ଦୁହିଁଙ୍କର ଯାଞ୍ଚ ଓ ପରୀକ୍ଷା କରାଯାଉ । ଅର୍ଥାତ ଯଦି ଏହି ବିଷୟ ଲୋକମାନଙ୍କ ଦୃଷ୍ଟିରେ ସନ୍ଦେହାସ୍ପଦ ହୋଇଥିବ ଯେ, ଉଭୟଙ୍କ ମଧ୍ୟରେ କିଏ ଈଶ୍ୱରଙ୍କ ନିକଟରେ ସମ୍ପୂର୍ଣ୍ଣ ବିଶ୍ୱାସକାରୀ ଏବଂ କିଏ ସେହି ସ୍ତରରୁ ତଳକୁ ଖସି ଯାଇଛି, ତେବେ ସେଇ ଚାରୋଟି ଚିହ୍ନ ଦ୍ୱାରା ପ୍ରତିଦ୍ୱନ୍ଦିତା କରିବା ଉଚିତ । ଅର୍ଥାତ ସେହି ଚାରୋଟି ଲକ୍ଷଣକୁ ମାନଦଣ୍ଡ ରୂପେ ସ୍ଥିର କରି ପ୍ରତିଦ୍ୱନ୍ଦିତା ବେଳେ ଏହା ଦେଖାଯାଉ କି ଏହି କଷୋଟିର ମାନଦଣ୍ଡରେ କେଉଁ ବ୍ୟକ୍ତି ପୂର୍ଣ୍ଣ ରୂପେ ଉତ୍ତୀର୍ଣ୍ଣ ହୋଇଛି ଏବଂ କାହାର ଅବସ୍ଥା କ୍ଷୁର୍ଣ୍ଣ ହୋଇଛି ତଥା ବିପୁଳ କ୍ଷତି ଘଟିଛି ।

ଏଣିକି ଜନତା ଏହାର ସାକ୍ଷୀ ରହନ୍ତୁ ଯେ, ମୁଁ କେବଳ ଅଲ୍ଲାଃଙ୍କ ପାଇଁ ଓ ସତ୍ୟାର୍ଥ ପ୍ରକାଶ ପାଇଁ ଏହି ମୁକାବିଲାକୁ ମନପ୍ରାଣରୁ ସ୍ୱୀକାର କରିଛି । ପ୍ରତିଦ୍ୱନ୍ଦିତା ପାଇଁ ଯେଉଁ ବ୍ୟକ୍ତି ମୋ ସାମନାକୁ ଆସିବାକୁ ଚାହାନ୍ତି, ସେମାନଙ୍କର ମଧ୍ୟରେ **ସର୍ବପ୍ରଥମ ନମ୍ବର** ମିଆଁ ନଜୀର ହୁସେନ ଦିଲ୍ଲୀ ନିବାସୀଙ୍କର ରହିଛି । ଯିଏକି ପଚାଶ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କୁରଆନ ଓ ହଦିସ ପଢାଉଥିଲେ ସୁଦ୍ଧା ନିଜ ଜ୍ଞାନ ଓ କର୍ମର **ଏହି ନମୁନା** ଦେଖାଇଲେ ଯେ ବିନା ଅନୁସନ୍ଧାନ ଓ ପରୀକ୍ଷା ନିରୀକ୍ଷାରେ ଏହି ବିନୀତ ଉପରେ ଅମାନ୍ୟକାରୀ ହେବାର ଫତଓ୍ୱା (ଧାର୍ମିକ ନିଷ୍ପତ୍ତି) ଲେଖିଦେଲେ ଏବଂ ହଜାରେ ସଂଖ୍ୟକ ମଫସଲି ଓ ଉଗ୍ର ସ୍ୱଭାବର ଲୋକଙ୍କୁ ନିନ୍ଦାକାରୀ ରୂପେ ସଜାଇ ସେମାନଙ୍କ ଠାରୁ ଅସଭ୍ୟ ଗାଳିଗୁଲଜ କରାଇଲେ ଏବଂ ବଟାଲଓ୍ୱୀକୁ ଜଣେ ପାଗଳ ଓ ହିଂସ୍ରକ ପଶୁତୂଲ୍ୟ ଅଭିଶାପର **ଫେଣ** ମୁହଁରୁ ବାହାର କରିବା ପାଇଁ ଛାଡ଼ିଦେଲେ । ପୁଣି ନିଜେ ଜଣେ ନୈଷ୍ଠିକ ବିଶ୍ୱାସୀ ଏବଂ ଆରବ ତଥା ସମଗ୍ର ଦୁନିଆର ଆଚାର୍ଯ୍ୟ ଓ ମହାତ୍ମା **ହୋଇ ବସିଲେ** । ସେଥିପାଇଁ ମୁକାବିଲା ସକାଶେ

ସର୍ବପ୍ରଥମେ ତାଙ୍କୁ ହିଁ **ଆହ୍ୱାନ** କରାଯାଉଛି । ହଁ, ଏହା ତାଙ୍କର ଅଧିକାର ଅଛି ଯେ ସେ ନିଜ ସହିତ ବଟାଲୱ୍ୱୀଙ୍କୁ ମଧ୍ୟ ଯେ କି ଏବେ ସ୍ୱପ୍ନ ଦର୍ଶନର ଦାବୀଦାର ହୋଇ ଗଲେଣି, ନିଜ ସହିତ ସାମିଲ କରି ନିଅନ୍ତୁ । ବରଂ ତାଙ୍କୁ ମୋ ତରଫରୁ ଅନୁମତି ଦିଆଯାଉଛି ଯେ ମୌଲବୀ ଅବ୍ଦୁଲ ଜବାର ସାହେବ ପିତା ସ୍ୱର୍ଗତ ଅବ୍‌ଦେ ସାଲେହ, ମୌଲବୀ ଅବଦୁଲ୍ଲାଃ ସାହେବ ଏବଂ ତତ୍‌ସହିତ ମୌଲବୀ ଅବ୍ଦୁର ରହେମାନ ଲକ୍‌ଖୁ ନିବାସୀଙ୍କୁ ଯେ କି ମୋ ସମ୍ବନ୍ଧରେ ପଥଭ୍ରଷ୍ଟ ହୋଇଥିବାର ଦୈବୀବାଣୀ ପ୍ରକାଶିତ କରିଛନ୍ତି ଓ ମୋତେ ଅବିଶ୍ୱାସକାରୀର ଫତୱ୍ୱା ଦେଇ ସାରିଛନ୍ତି ଏବଂ ସେହିପରି ବିଶେଷତଃ ମୌଲବୀ ମୁହମ୍ମଦ ବଶୀର ସାହେବ ଭୋପାଲୱ୍ୱୀଙ୍କୁ ମଧ୍ୟ ଯେ କି ତାଙ୍କର ଅନୁଗାମୀଙ୍କ ମଧ୍ୟରୁ ଜଣେ, ଏହି ମୁକାବିଲାରେ ନିଜ ସହିତ ସାମିଲ କରିପାରନ୍ତି । କିନ୍ତୁ ଯଦି ମିଆଁ ସାହେବ ମହୋଦୟ ନିଜ ଅଭ୍ୟାସ ଅନୁଯାୟୀ ପଛଘୁଞ୍ଚା ଦିଅନ୍ତି, ତେବେ ଉପରେ ବର୍ଣ୍ଣିତ ବ୍ୟକ୍ତିବିଶେଷ ମୋ ସମ୍ମୁଖକୁ ଆସନ୍ତୁ । ପୁଣି ଯେବେ ଏହି ସମସ୍ତ ବ୍ୟକ୍ତିଗଣ ପଳାୟନର ପନ୍ଥା ଧରନ୍ତି, ତେବେ ଏହା ଉତ୍ତାରେ ମୌଲବୀ ରଶୀଦ ଅହମଦ ସାହେବ ଗଙ୍ଗୋହୀ ଏଇ କାର୍ଯ୍ୟ ପାଇଁ ସାହସ ସଂଚୟ କରି ଆସନ୍ତୁ । କାରଣ ଚିରାଚରିତ ପ୍ରଥାକୁ ଅନୁସରଣ କରିଥିବା ଗତାନୁଗତିକ ଦଳଗୁଡ଼ିକର ତ ଏହି ପରିଚୟ ଓ ସେ ହିଁ ଏହାର ପ୍ରଥମ ସ୍ତମ୍ଭ । ତାଙ୍କ ସହିତ ପ୍ରତ୍ୟେକ ଏପରି ଲୋକ ମଧ୍ୟ ସାମିଲ ହୋଇପାରିବେ ଯେ କି ଲୋକପ୍ରିୟତା ଅର୍ଜନ କରିଥିବା ସୁଫି ସନ୍ଥମାନଙ୍କ ଓ ପରିଚିତ ପୀର ବଂଶୀୟ ତଥା ସମ୍ଭ୍ରାନ୍ତ ବ୍ୟକ୍ତିଙ୍କ ମଧ୍ୟରୁ ହୋଇଥିବ ଏବଂ ସେହି ତଥାକଥିତ ମୌଲବୀମାନଙ୍କ ପରି ଏହି ବିନୀତକୁ କାଫିର୍, ଶଠ, ପ୍ରତାରକ ଓ ମିଥ୍ୟାବାଦୀ ବୋଲି ଭାବୁଥିବ । ଯଦି ଏ ସମସ୍ତ ବ୍ୟକ୍ତି ମୋ ସହିତ ପ୍ରତିଦ୍ୱନ୍ଦିତା କରିବାରୁ ମୁହଁ ଫେରାଇ ନିଅନ୍ତି ଏବଂ ନିରାଧାର ଅସମର୍ଥତା ପ୍ରକାଶ କରନ୍ତି ତଥା ଅନୁଚିତ୍ ବାହାନା ଦେଖାଇ ମୋର ଏଇ ଆମନ୍ତ୍ରଣକୁ ସ୍ୱୀକାର କରିବା ପରିବର୍ତ୍ତେ ବିମୁଖ ଭାବ ପ୍ରଦର୍ଶନ କରନ୍ତି, ତେବେ ବୁଝିବାକୁ ହେବ ଯେ ଈଶ୍ୱରଙ୍କ ପ୍ରାମାଣିକତା ବିରୁଦ୍ଧରେ ତାଙ୍କ ପ୍ରତିଶ୍ରୁତି ପୂରଣ ହୋଇଛି । ମୁଁ ଈଶ୍ୱର ପ୍ରେରିତ ଅବତାର ଓ ତାଙ୍କ ନିକଟରୁ ମୋତେ ବିଜୟ ଗୌରବର ଶୁଭ ସୂଚନା ଦିଆଯାଇଛି । ଏହି କାରଣରୁ ମୁଁ ଉପରୋକ୍ତ ସଜ୍ଜନଙ୍କୁ ମୁକାବିଲା ପାଇଁ ଡ଼ାକୁଛି । **କେହି ଅଛି ଯେ କି ମୋର ମୁକାବିଲା ପାଇଁ ସାମନାକୁ ଆସିବ ?**

ମୁକାବିଲା ପାଇଁ ଏହି ସୁବ୍ୟବସ୍ଥା କରାଯାଉଛି ଯେ ପଞ୍ଜାବର କେନ୍ଦ୍ରସ୍ଥଳୀ ଲାହୋର ଠାରେ ଏହି ସତ୍ୟର ପରୀକ୍ଷା କରିବା ଉଦ୍ଦେଶ୍ୟରେ ଏକ କମିଟି ଗଠନ କରାଯାଉ । ଯଦି ପ୍ରତିପକ୍ଷ ଏହି ପ୍ରସ୍ତାବକୁ ପସନ୍ଦ କରନ୍ତି, ତେବେ କମିଟିର

ସଦସ୍ୟଗଣଙ୍କୁ ଦ୍ୱିପାକ୍ଷିକ ସହମତି ଦ୍ୱାରା ନିଯୁକ୍ତ କରାଯିବ । ମତଭେଦ ଦେଖାଯିବା ସମୟରେ **ବହୁମତକୁ** ଆଖି ଆଗରେ ରଖାଯିବ ଏବଂ ଏହା ଅନିବାର୍ଯ୍ୟ ହେବ ଯେ ଚାରୋଟି ଲକ୍ଷଣର ସାମଗ୍ରିକ ଭାବେ ପରୀକ୍ଷା କରିବା ସକାଶେ ଦୁଇପକ୍ଷ ଏକ ବର୍ଷ ପର୍ଯ୍ୟନ୍ତ କମିଟିରେ ଅନୁବନ୍ଧିତ ତିଥି ସହିତ ନିଜ ଲେଖାମାନ ପଠାଉଥିବେ ଏବଂ କମିଟି ତରଫରୁ ପ୍ରାପ୍ତ ହେଉଥିବା ଲେଖାମାନଙ୍କ ବର୍ଣ୍ଣନା ତାରିଖ ସହିତ ରସିଦ୍‌ଗୁଡିକ ଦୁଇପକ୍ଷଙ୍କ ନିକଟଙ୍କୁ ପଠାଇ ଦିଆଯିବ ।

**ପ୍ରଥମ ଲକ୍ଷଣ:** ଶୁଭ ଖବରପ୍ରାପ୍ତ ଜନିତ ପରୀକ୍ଷା ପଦ୍ଧତି ଏପରି ହେବ ଯେ ଦୁଇପକ୍ଷ ପ୍ରତି ଅଲ୍ଲାଃଙ୍କ ତରଫରୁ ଦୈବୀବାଣୀ ଓ ଅଲୌକିକ ଦୃଶ୍ୟ ଦ୍ୱାରା ଯାହା କିଛି ପ୍ରକଟ ହେବ, ସେହି ବିଷୟକୁ ତାରିଖ ସହିତ ଏବଂ ଚାରିଜଣ ମୁସଲମାନ ସାକ୍ଷୀଙ୍କ ସ୍ୱାକ୍ଷର ସହିତ ତାହା ଘଟିବା ପୂର୍ବରୁ କମିଟି ନିକଟରେ ପହଞ୍ଚାଇ ଦେବା ଉଚିତ । କମିଟି ନିଜ ରେଜିଷ୍ଟରରେ ତିଥି ବାର ସହିତ ତାହାକୁ ଲିପିବଦ୍ଧ କରି ରଖିବେ ଏବଂ ଏହା ଉପରେ କମିଟିର ସମସ୍ତ ସଦସ୍ୟ କିମ୍ବା ଅତିକମ୍‌ରେ ପାଞ୍ଚଜଣ ସଦସ୍ୟଙ୍କର ଦସ୍ତଖତ ହେବା ପରେ ପୁଣି ଥରେ ତାହାର ଏକ ରସୀଦ ପ୍ରେରକକୁ ବର୍ଣ୍ଣିତ ସ୍ୱଷ୍ଟୀକରଣ ଅନୁଯାୟୀ ପଠାଯିବ । ତତ୍‌ସହିତ ସେହି ଭବିଷ୍ୟତବାଣୀଟି ସତ୍ୟ କି ମିଥ୍ୟା ବାହାରିଲା ତାହାର ପ୍ରତୀକ୍ଷା କରାଯିବ ଏବଂ କୌଣସି ଫଳାଫଳ ପ୍ରକାଶିତ ହେବା ସମୟର ସୂଚନା ପ୍ରମାଣ ସହିତ ତା'ର ସ୍ମାରକ ରେଜିଷ୍ଟରରେ ଲିପିବଦ୍ଧ କରାଯିବ ଏବଂ ଯଥାବତ୍ ସଦସ୍ୟମାନଙ୍କ ସାକ୍ଷ୍ୟ ମଧ୍ୟ ତାହା ଉପରେ ଲେଖା ହୋଇ ରହିବ ।

**ଦ୍ୱିତୀୟ ଲକ୍ଷଣ :** ଏଥି ସମ୍ବନ୍ଧରେ ମଧ୍ୟ ଯାହା ଦୁନିଆରେ ହେଉଥିବା ଅଘଟଣ ଓ ସଂକଟ ସହିତ ସମ୍ପୃକ୍ତ ରହିଛି, ଏହି ପ୍ରତ୍ୟକ୍ଷ ବ୍ୟବସ୍ଥା ରହିବ । ଏହା ସ୍ମରଣ ରହୁ ଯେ କମିଟି ନିକଟରେ ଏସବୁ ଗୁପ୍ତ ସୂଚନା ଅମାନତ ସ୍ୱରୂପ ସୁରକ୍ଷିତ ରହିବ । ଶପଥପୂର୍ବକ କମିଟି ଏହା ସ୍ୱୀକାର କରିନେବ ଯେପର୍ଯ୍ୟନ୍ତ ସାର୍ବଜନିକ ସଭାରେ ଦୁଇ ପକ୍ଷର ତୁଳନାତ୍ମକ ତଥ୍ୟ ପ୍ରକାଶିତ ହୋଇ ନାହିଁ, କଦାପି କୌଣସି ବିଷୟର ଗୁମର ଫିଟିବ ନାହିଁ ଓ କୌଣସି ଅଜ୍ଞାତ ଲୋକର କାନରେ ଏ କଥା ପହଞ୍ଚାଇ ଦିଆଯିବ ନାହିଁ । ହଁ, ଏକଥା ଭିନ୍ନ ହୋଇପାରେ ଯାହା କମିଟିର ନିୟନ୍ତ୍ରଣରେ ରହି ନଥିବ ।

**ତୃତୀୟ ଲକ୍ଷଣ :** ପ୍ରାର୍ଥନା ଗୃହୀତ ହେବା ସମ୍ବନ୍ଧରେ ଯେଉଁ ପରୀକ୍ଷା ନିଆଯିବ, ତା'ର ଉପାୟ ହେଉଛି ଯେ ସେହି କମିଟି ବିଭିନ୍ନ ପ୍ରକାର ଦୁର୍ଦ୍ଦଶାଗ୍ରସ୍ତ ଲୋକଙ୍କୁ ସଂଗ୍ରହ କରି ଏହାର ଉପଲବ୍ଧି ପହଞ୍ଚାଇବା ପାଇଁ ଯେଉଁଥିରେ ପ୍ରତ୍ୟେକ ଧର୍ମର ମନୁଷ୍ୟ ସମ୍ମିଳିତ ହୋଇପାରେ, ଏକ ସାଧାରଣ ବିଜ୍ଞାପନ ଦେଇଦେବ ଏବଂ ପ୍ରତ୍ୟେକ ସମ୍ପ୍ରଦାୟର ବ୍ୟକ୍ତି ସେ ମୁସଲମାନ ହୋଇଥାଉ କିମ୍ବା ଖ୍ରୀଷ୍ଟିୟାନ

ଅଥବା ହିନ୍ଦୁ ଅବା ୟହୁଦି ହୋଇଥାନ୍ତୁ, ଏପରିକି ସେ ଯେଉଁ ପନ୍ଥ ଓ ମତ ଅବଲମ୍ବନ କରିଥାନ୍ତୁ ପଛକେ ଯଦି ସେ କୌଣସି ବଡ ଧରଣର ସମସ୍ୟା କିମ୍ବା ଗୁରୁତର ବିପତ୍ତି ଘେରରେ କବଳିତ ହୋଇଥିବ ଏବଂ ନିଜକୁ ଦୁର୍ଦ୍ଦଶାରେ ପ୍ରପୀଡିତ ଲୋକମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରୁଥିବ, ତେବେ ବିନା କୋଣସି ଭେଦଭାବରେ ତାକୁ ଗ୍ରହଣ କରାଯିବ । କାରଣ ପରମେଶ୍ୱର ଶାରୀରିକ ଓ ସାଂସାରିକ ଲାଭ ପହଞ୍ଚାଇବାରେ ବିଭିନ୍ନ ଧର୍ମ ବା ସମ୍ପ୍ରଦାୟଭୁକ୍ତ ବ୍ୟକ୍ତିଙ୍କ ମଧ୍ୟରେ କୌଣସି ପ୍ରକାର ପ୍ରଭେଦ ରଖି ନାହାନ୍ତି । ଏବଂ ସମସ୍ୟାଗ୍ରସ୍ତ ଲୋକଙ୍କୁ ଏକତ୍ରିତ କରିବା ପାଇଁ ଏକମାସ ପର୍ଯ୍ୟନ୍ତ କିମ୍ବା ଯେପରି କମିଟି ଉଚିତ ମନେ କରିବ, ଏହି ବ୍ୟବସ୍ଥା ରହିବ ଯେ ସେମାନଙ୍କ ନାମ, ପିତାଙ୍କ ନାମ ଓ ବାସସ୍ଥାନ ଇତ୍ୟାଦି ଏକ ବାକ୍ସରେ ଠୁଳ କରି ରଖାଯାଉଥିବ । ତତ୍‌ପଶ୍ଚାତ ସେମାନଙ୍କ ନାମ, ପିତାଙ୍କ ନାମ, ଜାତି ଠିକଣା, ଧର୍ମ, ବ୍ୟବସାୟ ଏବଂ କେଉଁ ରୋଗରେ ସେ ଆକ୍ରାନ୍ତ ହୋଇଛନ୍ତି ଇତ୍ୟାଦି ସ୍ପଷ୍ଟ ରୂପେ ଉଲ୍ଲେଖ କରି ଓ ଏହାର ଦୁଇଟି ସୂଚୀ ପ୍ରସ୍ତୁତ କରି ଦୁଇ ପକ୍ଷଙ୍କ ନିକଟରେ ସେହି ଦୁର୍ଦ୍ଦଶାରେ ପୀଡ଼ିତ ଲୋକମାନଙ୍କ ସମେତ ପ୍ରସ୍ତୁତ କରିବେ । ତଦୁପରାନ୍ତ ଦୁଇପକ୍ଷର ସେହି ରୋଗାକ୍ରାନ୍ତ ଲୋକମାନଙ୍କୁ ପରଖି ନେଲାପରେ ଦୁଇଜଣଙ୍କ ମଧ୍ୟରେ ଧର୍ମଗୁଳା ପକାଇ ପରସ୍ପର ମଧ୍ୟରେ ବାଣ୍ଟିଦେବେ । ଯଦି କୌଣସି ବିପତ୍ତିଗ୍ରସ୍ତ ବ୍ୟକ୍ତି ଦୂର ସ୍ଥାନରେ ଅଛି ଏବଂ ସେ ଅତି ଦୂର ହୋଇଥିବା ଯୋଗୁଁ କିମ୍ବା ତାର ଆସିବାକୁ ସାମର୍ଥ୍ୟ ନଥିବା କାରଣରୁ ସେ ଉପସ୍ଥିତ ହୋଇପାରୁ ନାହିଁ, ତେବେ କମିଟିର ଏକ ଶାଖା ସମ୍ପୃକ୍ତ ଲୋକର ବାସସ୍ଥାନ ବା ସହରକୁ ଯାଇ ତାର ସମସ୍ୟାଗତ ତଦନ୍ତ ରିପୋର୍ଟ ସହିତ ଚିଠାଟିକୁ କମିଟିର ମୁଖ୍ୟଙ୍କ ନିକଟରେ ପହଞ୍ଚାଇଦେବ । ଧର୍ମଗୁଳା ପଡ଼ିସାରିବା ପରେ ପ୍ରତ୍ୟେକ ପକ୍ଷର ଭାଗରେ ଯେଉଁ ସୂଚୀ ପଡିବ, ସେହି ସୂଚୀରେ ଯେଉଁ ବିପଦଗ୍ରସ୍ତ ଲୋକମାନଙ୍କ ନାମ ଥିବ, ସେହି ପଞ୍ଜୀକୃତ ଲୋକମାନେ ଉକ୍ତ ପକ୍ଷର ଅନ୍ତର୍ଭୁକ୍ତ ବୋଲି ବୁଝାଯିବେ । ଏହାକୁ ଈଶ୍ୱର ଧର୍ମଗୁଳା ମାଧ୍ୟମରେ ନାମ ବାହାର କରିବା ଦ୍ୱାରା ଏହି ସୂଚୀ ପ୍ରସ୍ତୁତ କରିଛନ୍ତି । ତେବେ ଏହା କମିଟି ପକ୍ଷେ ଅନିବାର୍ଯ୍ୟ ହେବ ଯେ ବିପତ୍ତିଗ୍ରସ୍ତ ଲୋକଙ୍କୁ ଏକତ୍ରୀତ କରିଥିବା ଯୋଗୁଁ ସେମାନଙ୍କୁ ନିର୍ଦ୍ଧାରିତ ଦିନରେ ଉପସ୍ଥିତ ହେବା ଉଦ୍ଦେଶ୍ୟରେ କିଛି ସପ୍ତାହ ପୂର୍ବରୁ ଘୋଷଣାପତ୍ର ପ୍ରକାଶିତ କରି ଦେବେ । ଏ ସମସ୍ତ ବିଜ୍ଞାପନର ସାମୁହିକ ଖର୍ଚ୍ଚ ବିଶେଷ ରୂପେ ମୁଁ ବହନ କରିବି ।*

***ନୋଟ**: ସାର୍ବଜନୀନ ସମାବେଶରେ ସେହି ଲେଖାକୁ ପାଠ କରାଯିବା ସଂକ୍ରାନ୍ତରେ ମୋର ଧର୍ମଗତ ଭାଇ ମୌଲବୀ ଗୁଲାମ କାଦିର ସାହେବ ଫସିହ୍ ମାଲିକ ତଥା ସଂଚାଳକ ଖବର କାଗଜ ପଞ୍ଜାବ ଗେଜେଟ, ସିଆଲକୋଟ ଲିଖିତ ରୂପେ ଜଣାଇଛନ୍ତି ଯେ, ଏହି ଘୋଷଣାପତ୍ର ସବୁର ମୁଦ୍ରଣ ଓ ପ୍ରକାଶନର ବ୍ୟୟ ଭାର ମୁଁ ବହନ କରିବି – ଲେଖକ

ଯେଉଁ ଉତ୍ପୀଡ଼ିତ ଲୋକମାନଙ୍କର ଦୁଇଗୋଟି ସୂଚୀ ପ୍ରସ୍ତୁତ ହେବ, ତାହାର ଏକକିତା ନକଲ କମିଟି ମଧ୍ୟ ନିଜ କାର୍ଯ୍ୟାଳୟରେ ରଖିବ ଏବଂ ଏହି ଦିନଟି ନିର୍ଦ୍ଧାରିତ ବର୍ଷର ପ୍ରଥମ ଦିନ ରୂପେ ଗଣନା କରାଯିବ । ପ୍ରତ୍ୟେକ ପକ୍ଷ ନିଜ ଭାଗରେ ପଡ଼ିଥିବା ପୀଡ଼ିତମାନଙ୍କ ସକାଶେ ପ୍ରାର୍ଥନାରେ ନିମଗ୍ନ ହେବାକୁ ପଡିବ ଓ ସେ ତାହାର ଆଶୁ ଆରୋଗ୍ୟ କାମନା କରିବେ । ଉପରେ ବର୍ଣ୍ଣିତ ବିଧି ଅନୁଯାୟୀ ସେ ସମସ୍ତ କାର୍ଯ୍ୟବାହୀ ବିବରଣୀ କମିଟି ନିକଟରେ ଥିବା ରେଜିଷ୍ଟରରେ ପଞ୍ଜୀକୃତ ହୋଇ ଚାଲିଥିବ । ଯଦି ଏକବର୍ଷର ଅବଧି ମଧ୍ୟରେ କିମ୍ବା ତା' ପୂର୍ବରୁ ଯେବେକି ପ୍ରାର୍ଥନାଗୁଡିକ ଅଧିକ ମାତ୍ରାରେ ମଞ୍ଜୁର ହେବା କିମ୍ବା ସ୍ପଷ୍ଟ ବିଜୟର ସମ୍ଭାବନା ଦେଖାଯାଉଥିବ, ଅଥଚ ପ୍ରତିପକ୍ଷ ବ୍ୟକ୍ତିର ମୃତ୍ୟୁ ହୋଇଯିବ ଯେ କି ନିଜ ପ୍ରତିଦ୍ୱନ୍ଦୀତାର ସବୁ ତଥ୍ୟ ମଧ୍ୟରୁ କେତେକ ଅପୂରଣୀୟ ଛାଡ଼ିଯାଉଛି, ତଥାପି ସେ ପରାଜିତ ବୋଲି ବୁଝାଯିବ । କାରଣ ପରମେଶ୍ୱର ନିଜ ବିଶେଷ ଇଚ୍ଛା କ୍ରମେ ତା'ର କାମକୁ ଅପୂରଣୀୟ ରଖିଲେ ଯଦ୍ୱାରା ସେ ଅସତ୍ୟର ଅନୁସରଣକାରୀ ଓ ବିପଥଗାମୀ ହୋଇଥିବାର ସ୍ପଷ୍ଟ ହୋଇଯିବ ।

କୌଣସି ପକ୍ଷଭୁକ୍ତ ବ୍ୟାଧିଗ୍ରସ୍ତ ଲୋକମାନଙ୍କର ସଂଖ୍ୟାଧିକ ହେବା ଏଥିପାଇଁ ସର୍ତ୍ତ ରୂପେ ରଖାଯାଇଛି ଯେ ପ୍ରାର୍ଥନା ଗୃହୀତ ହେବାର ଅଗ୍ନିପରୀକ୍ଷା କେବଳ ଅଧିକ ସଂଖ୍ୟକ ବ୍ୟକ୍ତିଙ୍କୁ ନେଇ ହିଁ ହୋଇପାରେ । ନତୁବା ଯେପରି ଆମେ ବର୍ଣ୍ଣନା କରିସାରିଛୁ, ଏହା ମଧ୍ୟ ସମ୍ଭବ ଯେ ଯଦି ପ୍ରାର୍ଥନା କରାଉଥିବା ବ୍ୟକ୍ତିର କେବଳ ଅଳ୍ପ କେତେ ଜଣ ବ୍ୟକ୍ତି ହୋଇଥାନ୍ତି ଉଦାହରଣ ସ୍ୱରୂପ ଦୁଇ କିମ୍ବା ତିନିଜଣ, ତେବେ ସେମାନେ ନିଜର ଅସଫଳତା ତାଙ୍କ ଭାଗ୍ୟର ଲେଖନୀ ଯୋଗୁଁ ଅଟଳ ଓ ଅବ୍ୟର୍ଥ ରହିଥାଏ । ଅର୍ଥାତ ନିୟତିର ବିଧାନରେ ଏହାର ଚୂଡାନ୍ତ ନିଷ୍ପତ୍ତି ନିଆଯାଇଥାଏ ଯେ ସମ୍ପୃକ୍ତ ପକ୍ଷର ସେହି ବ୍ୟକ୍ତି ନିଶ୍ଚିତ ରୂପେ କଦାପି ନିଜ କଷ୍ଟ ଓ ଦୁର୍ଦ୍ଦଶା ମଧ୍ୟରୁ ମୁକ୍ତି ପାଇପାରିବେ ନାହିଁ । ପ୍ରାୟତଃ ଏପରି ସଂଯୋଗ ମଧ୍ୟ ଘଟିଛି ଯେ ବଡ଼ ବଡ଼ ମୁନିଋଷି, ଅବତାରଙ୍କ କ୍ଷେତ୍ରରେ ଦେଖାଯାଇଛି ଯେ ସେମାନଙ୍କ ପ୍ରାର୍ଥନାର ଫଳପ୍ରଦ ପ୍ରଭାବରୁ କେତେକ ଲୋକ ବଞ୍ଚିତ ହୋଇଛନ୍ତି । ଏହାର କାରଣ ସେହି ଲୋକମାନଙ୍କ ଭାଗ୍ୟର ଅଟଳ ନିଷ୍ପତ୍ତି ବଳରେ ସେମାନଙ୍କୁ ସବୁ କ୍ଷେତ୍ରରେ ବିଫଳତାର ସ୍ୱାଦ ଚାଖିବାକୁ ପଡିଥାଏ ଓ ସେମାନେ ନିୟତି ସମ୍ମୁଖରେ ମୁଣ୍ଡ ନୁଆଇଁଥାନ୍ତି । ତେଣୁ ଏହି ପରିପ୍ରେକ୍ଷୀରେ ଜଣେ କିମ୍ବା ଦୁଇଜଣ ଦୁଃଖ ଜର୍ଜରିତ ଲୋକଙ୍କୁ ପରୀକ୍ଷାର ମାନଦଣ୍ଡ ରୂପେ ସ୍ଥିର କରିବା ହେଉଛି ଧୋକା ଦେବାର ପରିଚୟ । ଏହା ମଧ୍ୟ ହୋଇପାରେ ଯେ ସେମାନଙ୍କ ବିଫଳତାର କାରଣ ନିର୍ଣ୍ଣାୟକ ବିଧାନ ରୂପେ ତାଙ୍କ ଭାଗ୍ୟରେ ଲିପିବଦ୍ଧ ହୋଇଥାଏ । ତେଣୁ ଯଦି ସେମାନେ ପ୍ରାର୍ଥନାର

ଆଶାୟୀ ହୋଇ କୌଣସି ମାନ୍ୟତାପ୍ରାପ୍ତ ବ୍ୟକ୍ତିଙ୍କ ନିକଟକୁ ଆସିଥାଏ ଏବଂ ବିଧି ନିର୍ଦ୍ଧାରିତ କପାଳ ଲିଖନ ଯୋଗୁଁ ବିଫଳ ହୋଇଥାଏ, ତେବେ ଏପରି କ୍ଷେତ୍ରରେ ସେହି ମାନ୍ୟତାପ୍ରାପ୍ତ ବ୍ୟକ୍ତି ଜଣକର ପ୍ରାର୍ଥନା ଗୃହୀତ ହେବା ତାଙ୍କ ନିକଟରେ ରହସ୍ୟାବୃତ୍ତ ହୋଇ ରହିଯିବ ଏବଂ ଏଥିରେ ଅକୃତକାର୍ଯ୍ୟ ହେବାର ଭେଦ ଆଉ ଖୋଲିବ ନାହିଁ । ବରଂ ଏହା ସମ୍ଭବ ହୋଇପାରେ ଯେ, ସେମାନେ ନିଜର ଚିନ୍ତାଧାରାକୁ ଏକ ମନ୍ଦ ଧାରଣା ଆଡକୁ ଟାଣି ନେଇଯିବେ । ଏହାର ଫଳସ୍ୱରୂପ ସେହି ପ୍ରାର୍ଥନାକାରୀ ପ୍ରତି ସେମାନେ ବୀତସ୍ପୃହ ହୋଇଯିବେ ଏବଂ ସେମାନେ ନିଜ ଇହକାଳ ଜୀବନ ସଙ୍ଗେସଙ୍ଗେ ପରକାଳର ଘର ମଧ୍ୟ ଉଜାଡ଼ି ଦେବେ । ପରୀକ୍ଷାର ଏତାଦୃଶ ଶୈଳୀ ପ୍ରୟୋଗ କରିବା ଦ୍ୱାରା ଅନେକ ବ୍ୟକ୍ତି ଅବତାରମାନଙ୍କ ସମୟରେ ମଧ୍ୟ ଠୋକର ଖାଇଛନ୍ତି । ଏପରି କି ଧର୍ମଭ୍ରଷ୍ଟ ହୋଇଯିବାର ସ୍ଥିତିରେ ପହଞ୍ଚି ଯାଇଛନ୍ତି । ଏହି ବିଷୟ ମାର୍ମିକ ଜ୍ଞାନ ଆହରଣ କରିବାର ଏକ ନିଗୂଢ ତତ୍ତ୍ୱ ହୋଇ ରହିଛି ଯେ, ମାନ୍ୟତାପ୍ରାପ୍ତ ବ୍ୟକ୍ତି ବିଶେଷଙ୍କ ଆଧ୍ୟାତ୍ମିକ ଯୋଗ୍ୟତା ସେମାନଙ୍କର ପ୍ରାର୍ଥନା ଗୃହୀତ ହେବାର ବ୍ୟାପକତାରୁ ଚିହ୍ନି ହୁଏ । ଅର୍ଥାତ ସେମାନଙ୍କର ଅଧିକାଂଶ ପ୍ରାର୍ଥନା ଶ୍ରବୀତ ହୋଇଥାଏ, ମାତ୍ର ଏହା ନୁହେଁ ଯେ ସମସ୍ତ ପ୍ରାର୍ଥନା ଗୃହୀତ ହୋଇଥାଏ । ତେଣୁ ଯେପର୍ଯ୍ୟନ୍ତ ଆଗନ୍ତୁକଙ୍କ ସଂଖ୍ୟା ଅଧିକ ନହେବ, ସେପର୍ଯ୍ୟନ୍ତ ପ୍ରାର୍ଥନା ଗୃହୀତ ହେବାର ଆକଳନ କରାଯାଇ ପାରିବ ନାହିଁ । ଏହି ପ୍ରାବଲ୍ୟର ପୂର୍ଣ୍ଣ ସତ୍ୟତା ଓ ମହାନତା ସେ ସମୟରେ ଯାଇ ନିଖୁଣ ଭାବରେ ପ୍ରକାଶ ପାଇଥାଏ । ସେତେବେଳେ କୌଣସି ସଂପୂର୍ଣ୍ଣ ବିଶ୍ୱାସକାରୀର ପ୍ରାର୍ଥନା ସ୍ୱୀକୃତି ପାଇଥାଏ, ଯେତେବେଳେ ତା'ର ପ୍ରତିଦ୍ୱନ୍ଦୀ ସହିତ ମୁକାବିଲା କରାଯାଏ । ଅନ୍ୟଥା ଏହା ସମ୍ଭବ ଯେ ଜଣେ ଦୁଷ୍ଟ ଆଲୋଚକ ଦୃଷ୍ଟିରେ ସେହି ବହୁଳତା କମ ପରିମାଣରେ ଦେଖାଯିବ । ସୁତରାଂ ପ୍ରାର୍ଥନା ଗୃହୀତ ହେବ ଏକ ତୁଳନାତ୍ମକ ବିଷୟ । ଏହାର ଉପଯୁକ୍ତ, ଯଥାର୍ଥ ଓ ବାସ୍ତବ ପରିଚୟ ଏହାକୁ ଅଗ୍ରାହ୍ୟ କରୁଥିବା ଲୋକର ମୁହଁ ବନ୍ଦ କରିପାରେ । ଯାହା କେବଳ ପ୍ରତିଦ୍ୱନ୍ଦିତା କରିବା ଦ୍ୱାରା ପ୍ରକାଶିତ ହୋଇଥାଏ । ଉଦାହରଣ ସ୍ୱରୂପ ଯଦି ହଜାର ହଜାର ଦୁର୍ଦ୍ଦଶାଗ୍ରସ୍ତ ଲୋକ ଦୁଇଜଣ ଏପର ପ୍ରତିଦ୍ୱନ୍ଦୀ ଲୋକଙ୍କ ଭାଗରେ ଆସି ଯାଆନ୍ତି, ଯେଉଁ ଦୁଇଜଣଙ୍କର ସଂପୂର୍ଣ୍ଣ ବିଶ୍ୱାସକାରୀ ଓ ପ୍ରାର୍ଥନା ଗୃହୀତ ହେଉଥିବାର ଦାବୀ କରାଯାଉଛି ଏବଂ ତତ୍‌ସହିତ ଜଣେ ବ୍ୟକ୍ତିଙ୍କ ପ୍ରାର୍ଥନା ଗୃହୀତ ହେବାର ଏପରି ପ୍ରଭାବ ରହିଥିବ ଯେ ହଜାର ମଧ୍ୟରୁ ପଚାଶ ବା ପଚିଶ ବ୍ୟକ୍ତି ବଳକା ରହିଯିବେ, ଯେଉଁମାନେ ଅକୃତକାର୍ଯ୍ୟ ହୋଇ ରହିଗଲେ ଅନ୍ୟ ସମସ୍ତେ ସଫଳଗାମୀ ହେବେ । ଅପରପକ୍ଷେ ଦ୍ୱିତୀୟ ଦଳରେ ପ୍ରାୟତଃ ପଚାଶ କିମ୍ବା ପଚିଶ ଜଣ କୃତକାର୍ଯ୍ୟ

ହେଲେ ତଥା ଅନ୍ୟ ସମସ୍ତେ ଅସଫଳ ହୋଇ ରସାତଳକୁ ଚାଲିଯିବେ, ତେବେ ସର୍ବମାନ୍ୟ ବ୍ୟକ୍ତି ଏବଂ ପ୍ରତ୍ୟାଖ୍ୟାତ ବ୍ୟକ୍ତିଙ୍କ ମଧ୍ୟରେ ସ୍ପଷ୍ଟ ଅନ୍ତର ହୋଇଯିବ । ଏହି ଯୁଗରେ ଜଡ଼ବାଦୀ ମଣିଷ ଏତାଦୃଶ ବିଭ୍ରାନ୍ତି ମଧ୍ୟରେ ପଡି ଯାଇଥିବାର ଲାଗୁଛି ଯେ, ପ୍ରାରମ୍ଭରୁ ହିଁ ବିଧାତା ପ୍ରକୃତିର ନିୟମରେ କ'ଣ ହେବ ଓ କ'ଣ ନହେବ ସେ ବିଷୟକୁ ବିଭାଜିତ କରି ରଖିଛନ୍ତି । ସେଥିଯୋଗୁଁ ପ୍ରାର୍ଥନା ଗ୍ରୁହୀତ ହେବାର କୌଣସି ଅର୍ଥ ନାହିଁ । କିନ୍ତୁ ଏପରି ବିଭ୍ରାନ୍ତି ସୃଷ୍ଟି କରିବା ପୂର୍ଣ୍ଣତଃ ବ୍ୟର୍ଥ ପ୍ରୟାସ । ଏବଂ ସତ୍ୟତା ହେଉଛି ଯେପରି ସ୍ୱଚ୍ଛନ୍ଦରେ ଈଶ୍ୱର ପ୍ରକୃତିର ବିଧାନ ରହିଥିବା ସତ୍ତ୍ୱେ ଔଷଧରେ ଅତିରିକ୍ତ ପ୍ରଭାବ ରଖିଛନ୍ତି ସେହିପରି ପ୍ରାର୍ଥନାରେ ମଧ୍ୟ ସ୍ୱତନ୍ତ୍ର ପ୍ରଭାବୀ ଗୁଣ ଅଛି ଯାହା ଯଥାର୍ଥ ଅନୁଭୂତିରୁ ପ୍ରମାଣସିଦ୍ଧ ହୋଇଥାଏ । ସେହି କଲ୍ୟାଣମୟ ସର୍ବକର୍ତ୍ତୃକ ସତ୍ତା ଯେକି ସମସ୍ତ କାରଣର କାରଣ, ସେ ପ୍ରାର୍ଥନା ଗ୍ରହଣ କରିବାକୁ ଆବାହମାନ କାଳରୁ ନିଜର ଧାରାବାହିକ ନିୟମ ରୂପେ ସ୍ଥିର କରିଛନ୍ତି । ସେହି ପବିତ୍ର ସତ୍ତାଙ୍କର ଏହା ମଧ୍ୟ ନିୟମ ରହିଛି ଯେ ଯେଉଁ ଦୁର୍ଦ୍ଦଶାଗ୍ରସ୍ତ ଲୋକମାନେ ଈଶ୍ୱରଙ୍କ ଦୃଷ୍ଟିରେ ପ୍ରାରମ୍ଭରୁ ହିଁ ପରିତ୍ରାଣଯୋଗ୍ୟ ବିବେଚିତ ହୋଇଥାନ୍ତି, ସେ ସେହି ଲୋକମାନଙ୍କର ଦିବ୍ୟ ମହାମନ୍ତ୍ର ଫୁଙ୍କିବା, ପ୍ରାର୍ଥନା କରିବା, ଧ୍ୟାନ ଜପ କରିବା କିମ୍ବା ଧରାପୃଷ୍ଠରେ ସେମାନଙ୍କର ଉପସ୍ଥିତି ଜନିତ କଲ୍ୟାଣ ଯୋଗୁଁ ମୁକ୍ତିଲାଭ କରିଥାନ୍ତି । ଯେଉଁମାନେ ଈଶ୍ୱରଙ୍କ ସାମିପ୍ୟ ଲାଭ ଓ ସ୍ୱୀକୃତି ଅର୍ଜନ ମୂଳକ ସମ୍ମାନ ଦ୍ୱାରା ସମ୍ମାନିତ ହୋଇଥାନ୍ତି । ଅବଶ୍ୟ ପୃଥିବୀରେ ବହୁତ ଲୋକ ପ୍ରତିମା ପୂଜକ ମଧ୍ୟ ଅଛନ୍ତି, ଯେଉଁମାନେ ନିଜ ଉପରେ ଦୁଃଖ ପଡ଼ିଥିବା ବେଳେ ସଂପୂର୍ଣ୍ଣ ବିଶ୍ୱାସକାରୀ ହେବା ପ୍ରତି ଆଦୌ ଧ୍ୟାନ ଦିଅନ୍ତି ନାହିଁ । ଏପରି କେତେକ ବ୍ୟକ୍ତି ମଧ୍ୟ ଅଛନ୍ତି, ଯେଉଁମାନେ ପ୍ରାର୍ଥନ ଗୃହୀତ ହେବା କଥାକୁ ଅସ୍ୱୀକାର କରିଥାନ୍ତି ଏବଂ ସାଂସାରିକ ଉପାୟ ଓ ସଂସାଧନ ଉପରେ ଭରସା ରଖିଥାନ୍ତି । ସେମାନଙ୍କର ଜୀବନର ଘଟଣାବଳୀ ଉପରେ ଦୃଷ୍ଟି ପକାଇଲେ ବୋଧହୁଏ ଜଣେ ହାଲୁକା ଚିନ୍ତାଧାରା ସମ୍ପନ୍ନ ବ୍ୟକ୍ତି ଏହି ଧୋକାରେ ପଡ଼ିବ ଯେ ସେମାନଙ୍କର ଅସୁବିଧା ବି ତ ଦୂର ହେଉଛି । ପୁନଶ୍ଚ ଏହି ବିଷୟ କିପରି ସ୍ପଷ୍ଟ ରୂପେ ପ୍ରମାଣିତ ହୋଇପାରିବ ଯେ ମାନ୍ୟତାପ୍ରାପ୍ତ ବ୍ୟକ୍ତିବିଶେଷଙ୍କ ପ୍ରାର୍ଥନା ହିଁ ଅଧିକ ମାତ୍ରାରେ ଗ୍ରହଣୀୟ ହୁଏ । ଏପରି ବିଭ୍ରାନ୍ତିକର ତତ୍ତ୍ୱର ଉତ୍ତର ଯାହା ପବିତ୍ର କୁରଆନରେ ବର୍ଣ୍ଣିତ ହୋଇଛି ତାହା ହେଉଛି, ଯଦିବା କୌଣସି ବ୍ୟକ୍ତି ନିଜ ଅଭାବ ଓ କାମନା ପୂରଣ କରିବା ପାଇଁ ମୂର୍ତ୍ତି ସମୀପରେ ମାଗୁଣି କରୁଛି କିମ୍ବା କୌଣସି ଦେବତା ଆଡ଼କୁ ମନୋନିବେଶ କରୁଛି ତଥା ନିଜର ଯୋଗାଡ଼କୁ ଶ୍ରେୟ ମନେ କରୁଛି, କିନ୍ତୁ ବାସ୍ତବରେ ଈଶ୍ୱରଙ୍କର ପବିତ୍ର ବିଧିବ୍ୟବସ୍ଥା ହେଉଛି ଯେ, ଏ

ସମସ୍ତ ବିଷୟ ସାନିଧପ୍ରାପ୍ତ ବ୍ୟକ୍ତି ବିଶେଷଙ୍କର ପ୍ରଭାବରୁ ହିଁ ହେଉଛି । ସେମାନଙ୍କ କଲ୍ୟାଣମୟ ଆଶିଷର ଧାରା ପୃଥିବୀକୁ ଧାରଣ କରିଥିବା କାରଣରୁ ହିଁ ହେଉଅଛି ଓ ସେମାନଙ୍କର ଆଶୀର୍ବାଦ ଯୋଗୁଁ ଏହି ସଂସାର ତିଷ୍ଠି ରହିଛି । ତାଙ୍କରି ଆଶୀଷରୁ ବର୍ଷା ହେଉଛି ଏବଂ ସେମାନଙ୍କର ବଦାନ୍ୟତାର ପ୍ରଭାବରୁ ପୃଥିବୀରେ ଶାନ୍ତି ବିରାଜିତ ହେଉଛି । ମହାମାରୀର ଚଡକ ଦୂରେଇ ଯାଉଛି, ମନୁଷ୍ୟର ରିଷ୍ଟ ଖଣ୍ଡନ ହେଉଛି ଓ ବିଶୃଙ୍ଖଳା ଲୋପ କରି ଦିଆଯାଉଛି । ସେହିମାନଙ୍କ ଉପକାର ଯୋଗୁଁ ବସ୍ତୁବାଦୀ ଲୋକମାନେ ନିଜସ୍ୱ ଉପାୟ ଅବଲମ୍ବନ କରିବାରେ ସଫଳ ହୁଅନ୍ତି ଏବଂ ସେହିମାନଙ୍କର କଲ୍ୟାଣରୁ ଚନ୍ଦ୍ର ଦିଗ୍‌ବଳୟରେ ଉଦିତ ହୁଏ ଓ ସୂର୍ଯ୍ୟ ଝଟକୁଥାଏ । ସେମାନେ ହେଲେ ସଂସାରର ଆଲୋକ । ଯେପର୍ଯ୍ୟନ୍ତ ସେମାନେ ନିଜ ଅସ୍ତିତ୍ୱ ଧାରଣ କରି ପୃଥିବୀରେ ବସବାସ କରନ୍ତି, ପୃଥିବୀ ପ୍ରକାଶମାନ ହୋଇ ଚାଲିଥାଏ । ସେମାନଙ୍କର ଅସ୍ତିତ୍ୱର ଅନ୍ତ ହେବା ସଙ୍ଗେସଙ୍ଗେ ପୃଥିବୀର ମଧ ବିଲୟ ଘଟିବ । କାରଣ **ସଂସାରର ସେମାନେ ହେଉଛନ୍ତି ବାସ୍ତବ ପକ୍ଷେ ଚନ୍ଦ୍ରମା ଓ ଦିବାକର** । ଏହି ବର୍ଣ୍ଣନାରୁ ସ୍ପଷ୍ଟ ହେଉଛି ଯେ ଲୋକମାନଙ୍କର ଇପ୍‌ସିତ ଅଭିଳାଷ ତଥା ମନସ୍କାମନା ପୂରଣ ହେବା ହିଁ କେବଳ ଯଥେଷ୍ଟ ନୁହେଁ, ବରଂ ଏହି ଲୋକମାନେ ଜୀବନ ଧାରଣର ଆଧାର ହୋଇଥାନ୍ତି । କେବଳ ମନୁଷ୍ୟ କାହିଁକି ପ୍ରତ୍ୟେକ ସୃଷ୍ଟିର ସ୍ଥାୟୀତ୍ୱ ଓ ଜୀବନର ଆଧାର ତଥା ଏହାର ଅନ୍ତିମ ଲକ୍ଷ୍ୟ ମଧ ସେମାନେ । ଯଦି ସେମାନଙ୍କର ସ୍ଥିତି ନଥାନ୍ତା, ତେବେ ଦେଖନ୍ତୁ ଯେ ପ୍ରତିମାରୁ କ'ଣ ବା ପ୍ରାପ୍ତ ହେବ ଏବଂ ମନୁଷ୍ୟକୃତ ଉପାୟ ଦ୍ୱାରା କ'ଣ ବା କାହାର ଉପକାର ରହିଛି ? ଏହା ତ ଅତି ସୂକ୍ଷ୍ମ ରହସ୍ୟ, ଯାହାକୁ ବୁଝିବା ପାଇଁ କେବଳ ଏହି ଭୌତିକ ବୁଦ୍ଧିଜ୍ଞାନ ପର୍ଯ୍ୟାପ୍ତ ନୁହେଁ। ବରଂ ସେହି ଆଲୋକର ଆବଶ୍ୟକତା ରହିଛି, ଯାହା ଆଧାତ୍ମିକବାଦୀଙ୍କୁ ହିଁ ପ୍ରାପ୍ତ ହୋଇଥାଏ । ବସ୍ତୁତଃ ଏ ସମସ୍ତ ସଂଶୟ ମୁକାବିଲା ଦ୍ୱାରା ଦୂର ହୋଇଥାଏ । କାରଣ ପ୍ରତିଯୋଗୀତା ସମୟରେ ଈଶ୍ୱର ଏହାର ଦୃଢ ମନସ୍ଥ କରିଥାନ୍ତି ଯଦ୍ୱାରା ଈଶ୍ୱରଙ୍କ ତରଫରୁ ଯେଉଁ ବ୍ୟକ୍ତି ପ୍ରକୃତରେ ଗ୍ରହଣଯୋଗ୍ୟ ଓ ଯଥାର୍ଥରେ କଲ୍ୟାଣକର, ତାଙ୍କରି ପ୍ରତିଷ୍ଠା ଲୋକଲୋଚନକୁ ଆସୁ । ଯଦି ପ୍ରତୀମା ପୂଜକ ଏକେଶ୍ୱରବାଦୀ ସହିତ ପ୍ରତିଦ୍ୱନ୍ଦିତା କରେ ଏବଂ ପ୍ରାର୍ଥନା ଗୃହୀତ ହେବା ସମ୍ବନ୍ଧରେ ଜଣେ ଅନ୍ୟର ପରୀକ୍ଷା କରିବ, ତା'ହେଲେ ପ୍ରତୀମା ପୂଜକ ଅତ୍ୟନ୍ତ ଲଜ୍ଜିତ ଓ ଅପମାନିତ ହେବ । ଏହି କାରଣବଶତଃ ମୁଁ ପ୍ରଥମେ ବି କହିସାରିଛି ଯେ ସଂପୂର୍ଣ୍ଣ ବିଶ୍ୱାସକାରୀ କିଏ, ତାକୁ ପରୀକ୍ଷା କରିବା ପାଇଁ ପ୍ରତିଯୋଗୀତା ଯେତେ ସରଳ ଉପାୟ, ସେପରି ଅନ୍ୟ କୌଣସି ଉପାୟ ନାହିଁ । ଯେଉଁ ସଂକ୍ରାନ୍ତରେ ସଂପୂର୍ଣ୍ଣ ବିଶ୍ୱାସକାରୀର ପ୍ରାର୍ଥନା

ମଞ୍ଜୁର ହୁଏ ନାହିଁ ଓ ଐଶ୍ୱରିକବାଣୀ ମାଧ୍ୟମରେ ତାକୁ ଅସ୍ୱୀକୃତ ହେବାର ଖବର ମିଳିଯାଏ । ପୁଣି ଯଦି ସେହି କାର୍ଯ୍ୟ ପାଇଁ ୟୁରୋପ ଓ ଆମେରିକାରେ ସମସ୍ତ ଉପାୟ ବିନିଯୋଗ କରି ଦିଆଯିବ କିମ୍ବା ସଂସାରର ସମସ୍ତ ପ୍ରତୀମା ଆଗରେ ମସ୍ତକ ଅବନତ କରି ମୁଣ୍ଡ ରଗଡି ଦେଲେ ସୁଦ୍ଧା ଅଥବା ସମଗ୍ର ସଂସାର ନିଜ ପ୍ରାର୍ଥନା ଦ୍ୱାରା ସଫଳତା କାମନା କରିବ, ତଥାପି ମଧ୍ୟ ତାହା ଅସମ୍ଭବ ମନେ ହେବ । ଅବଶ୍ୟ ସଂପୂର୍ଣ୍ଣ ବିଶ୍ୱାସକାରୀର ବଦାନ୍ୟତା ଓ ଉପକାର ସମସ୍ତ ସଂସାରରେ ପ୍ରଚଳିତ ହୋଇଥାଏ ଏବଂ ତାଙ୍କରି କଲ୍ୟାଣରୁ ଦୁନିଆର କାରଖାନା ଚାଲେ । କେହି ତାଙ୍କୁ ଚିହ୍ନନ୍ତୁ ଅବା ନଚିହ୍ନନ୍ତୁ ସେ ପରୋକ୍ଷରେ ଥାଇ ମଧ୍ୟ ପ୍ରତ୍ୟେକଙ୍କ ପାଇଁ ମନସ୍କାମନା ପୂରଣ କରାଇବାର ମାଧ୍ୟମ ହୋଇଥାନ୍ତି । କିନ୍ତୁ ଯେଉଁ ଲୋକମାନେ ଅତୀବ ଶ୍ରଦ୍ଧା ଓ ବିଶ୍ୱାସର ସହିତ ତାଙ୍କରି ଆଡକୁ ଆସନ୍ତି, ସେମାନେ ଯେ କେବଳ ତାଙ୍କ ଆଶୀର୍ବାଦ ଫଳରେ ସଂସାରର କାମନାକୁ ଚରିତାର୍ଥ କରନ୍ତି ତା ନୁହେଁ, ବରଂ ନିଜ ଧର୍ମର ମାର୍ଗ ସୁଧାରି ନିଅନ୍ତି ଓ ନିଜ ଆତ୍ମାକୁ ସୁଦୃଢ କରିଦିଅନ୍ତି ଏବଂ ପାଳନକର୍ତ୍ତାଙ୍କୁ ଚିହ୍ନି ପକାନ୍ତି । ଯଦି ସେମାନେ ବିଶ୍ୱସ୍ତ ହୋଇ ସଂପୂର୍ଣ୍ଣ ବିଶ୍ୱାସକାରୀଙ୍କ ଛତ୍ରଛାୟା ତଳେ ପଡି ରହନ୍ତି ଓ ତାଙ୍କ ସହିତ ସମ୍ପର୍କ ତୁଟାଇ ଚାଲିଯାଆନ୍ତି ନାହିଁ, ତେବେ ସେମାନେ ଅନେକ ପରିମାଣରେ ସ୍ୱର୍ଗୀୟ ଚିହ୍ନ ମଧ୍ୟ ଦେଖିନିଅନ୍ତି ।

ଏହି ପ୍ରବନ୍ଧରେ ମୁଁ ଯେପରି ବିଭିନ୍ନ ପ୍ରକାରର ଦୁଃଖ ପ୍ରପୀଡ଼ିତ ଲୋକ ଆବଶ୍ୟକ ଥିବାର ସର୍ତ୍ତ ରୂପେ ଉଲ୍ଲେଖ କରିଛି, ତା'ର ଉଦ୍ଦେଶ୍ୟ ହେଉଛି ଏହା ଦ୍ୱାରା ସାମାନ୍ୟ ରୂପେ ଭିନ୍ନ ଭିନ୍ନ ପରିସ୍ଥିତିରେ ଈଶ୍ୱରଙ୍କର କରୁଣା ପ୍ରକଟିତ ହେଉ । ବିଭିନ୍ନ ପ୍ରକାରର ସ୍ୱଭାବ ଓ ରୂଚି ରଖୁଥିବା ମନୁଷ୍ୟ ତାହା ବୁଝିପାରୁ ଏବଂ ପ୍ରତ୍ୟେକ ପ୍ରକାରର ବିପତ୍ତିଗ୍ରସ୍ତ ଲୋକ ନିମ୍ନଲିଖିତ ଉଦାହରଣରୁ ତାହାକୁ ହୃଦୟଙ୍ଗମ କରୁ । ଉଦାହରଣ ସ୍ୱରୂପ, ଯଦି କୌଣସି ବ୍ୟକ୍ତି ଭଳିକି ଭଳି ଦୁଃସାଧ୍ୟ ରୋଗରେ ପୀଡିତ ହୋଇଥିବ, କେହି ଅକାରଣରେ ଶାସ୍ତିରେ କବଳିତ ହୋଇଥିବ କିମ୍ବା ତାକୁ ଶାସ୍ତି ଭୋଗ କରିବାର ଥିବ କିମ୍ବା କାହାରି ପ୍ରିୟ ପୁତ୍ର ନିଖୋଜ ହୋଇ ଯାଇଥିବ ଅଥବା କେହି ନିଜେ ନିଃସନ୍ତାନ ଥିବ ନତୁବା କାହାକୁ ସମୃଦ୍ଧି ଓ ପ୍ରତିଷ୍ଠା ମିଳିବା ପରେ ଦୟନୀୟ ଭାବେ ଅପମାନର ଜ୍ୱାଳାରେ ପଡି ସଢୁଥିବ ଏବଂ କେହି କୌଣସି ଅତ୍ୟାଚାରୀ ବ୍ୟକ୍ତିର ଶକ୍ତ ଫାଶରେ ଆବଦ୍ଧ ହୋଇ ଯାଇଥିବ ଏବଂ ଅନ୍ୟ କେହି ବ୍ୟକ୍ତି ନିଜ ସାମର୍ଥ୍ୟରୁ ବାହାର ହୋଇ ଅତ୍ୟଧିକ କରଜରେ ବୁଡିଯିବା ଫଳରେ ଆସନ୍ନ ମୃତ୍ୟୁର ନିକଟବର୍ତ୍ତୀ ହେଇଯିବ ଏବଂ କାହାର କୂଳନନ୍ଦନ ଇସଲାମ ପରିତ୍ୟାଗ

କରି ଧର୍ମଭ୍ରଷ୍ଟ ହୋଇଯାଇଥିବ ଏବଂ ଅନ୍ୟ କେତେକ ବ୍ୟକ୍ତି ଏପରି ଦୁଃଖ, ଯାତନା ଓ ବ୍ୟାକୁଳତା ମଧ୍ୟରେ ଛନ୍ଦି ହୋଇ ରହିଥିବେ, ଯାହାକୁ ଆମେ ଏଠାରେ ବର୍ଣ୍ଣନା କରିପାରି ନାହୁଁ ।

**ଚତୁର୍ଥ ଲକ୍ଷଣ :** ପବିତ୍ର କୁରଆନରେ ଥିବା ଆଧ୍ୟାତ୍ମିକ ଜ୍ଞାନ ମନୁଷ୍ୟ ମନରେ ଉଦ୍ରେକ ହେବା ପାଇଁ ସର୍ବୋତ୍କୃଷ୍ଟ ଉପାୟ ହେଉଛି ପ୍ରତ୍ୟେକ ପକ୍ଷ ପବିତ୍ର କୁରଆନର ଆରବୀ ପଙ୍କ୍ତିର ତାତ୍ତ୍ୱିକ ଜ୍ଞାନ ଓ ଏହାର ରହସ୍ୟ ସମ୍ବନ୍ଧରେ ଉଲ୍ଲେଖ କରି କମିଟି ସମ୍ମୁଖରେ ଉପସ୍ଥାପନ କରିବ ଓ ତାହା ଏକ ସାଧାରଣ ସଭାରେ ଶୁଣାଇବ । ପୁଣି ଯାହାକିଛି କୌଣସି ପକ୍ଷ ଲେଖିଥିବ ଯଦି ତାହା କୌଣସି ପୂର୍ବବର୍ତ୍ତୀ ବ୍ୟାଖ୍ୟାର ନକଲ ପୁସ୍ତକରୁ ବାହାର କରାଯାଇ ଥିବାର ପ୍ରମାଣତି ହେବ, ତେବେ ସେହି ବ୍ୟକ୍ତି କେବଳ ଏକ ନକଲକାରୀ ରୂପେ ଶାସ୍ତି ପାଇବାର ଯୋଗ୍ୟ ବିବେଚିତ ହେବ । କିନ୍ତୁ ଯଦି ତାଙ୍କ ଦ୍ୱାରା ବର୍ଣ୍ଣନା କରାଯାଇଥିବା ତଥ୍ୟର ସତ୍ୟତା ଓ ଆଧ୍ୟାତ୍ମିକ ଜ୍ଞାନ ଉଭୟ ଦିଗରୁ ନିଜ ମଧ୍ୟରେ ସତ୍ୟ ତଥା ଶଙ୍କାହୀନ ମଧ୍ୟ ହୋଇଥିବ ଏବଂ ଏପରି ନୂଆ ନୂଆ ମୌଳିକ ତଥ୍ୟ ଉପରେ ଆଧାରିତ ହୋଇଥିବ, ଯାହାକି ପୂର୍ବବର୍ତ୍ତୀ ଭାଷ୍ୟକାରଙ୍କ ରଚନାମୂଳକ ମତ ଓ ମନ୍ତବ୍ୟ ସେ ଦିଗରେ ଯାଇ ନଥିବ ଏବଂ ଏସବୁ ସତ୍ତ୍ୱେ ସେହି ବ୍ୟାଖ୍ୟାରେ ଥିବା ଅର୍ଥ ପ୍ରତ୍ୟେକ ପ୍ରକାର ମନଗଢା ତତ୍ତ୍ୱ ଠାରୁ ଶୁଦ୍ଧ ହୋଇଥିବ ତଥା କୁରଆନର ଚମତ୍କାରୀତା, ଶ୍ରେଷ୍ଠତ୍ତ୍ୱ ଓ ମହିମାକୁ ପ୍ରକଟ କରୁଥିବ । ପୁଣି ତାହା ନିଜ ମଧ୍ୟରେ ଏକ ପ୍ରତାପ ଓ ଗାମ୍ଭିର୍ଯ୍ୟ ଏବଂ ତତ୍‌ସହିତ ସତ୍ୟତାର ଜ୍ୟୋତି ରଖିଥିବ, ତେବେ ବୁଝିବାକୁ ହେବ ଯେ ସେସବୁ ଈଶ୍ୱରଙ୍କ ନିକଟରୁ ଆସିଛି । ଏହାକୁ ଅଲ୍ଲାଃ ନିଜ ମାନ୍ୟତାପ୍ରାପ୍ତ ବ୍ୟକ୍ତିର ସମ୍ମାନ ରକ୍ଷା କରିବା, ତାକୁ ସ୍ୱୀକୃତି ପ୍ରଦାନ କରିବା ଓ ତା'ର ଯୋଗ୍ୟତା ପ୍ରକାଶ କରିବା ପାଇଁ ନିଜର ଈଶ୍ୱର ପ୍ରଦତ୍ତ ଜ୍ଞାନ ଦ୍ୱାରା ବିଭୂଷିତ କରିଛନ୍ତି ।

ଏହି ଚାରୋଟିଯାକ ଲକ୍ଷଣର ମାନଦଣ୍ଡ ପରଖିବା କଷୋଟି ସଦୃଶ ହୋଇଥାଏ, ଯାହା ମୁଁ ଉଲ୍ଲେଖ କରିଛି । ତାହା ଏପରି ସରଳ ଓ ସୁସ୍ପଷ୍ଟ ଚିହ୍ନ ହୋଇ ରହିଛି, ଯେଉଁ ବ୍ୟକ୍ତି ଏହାକୁ ଧ୍ୟାନପୂର୍ବକ ଅଧ୍ୟୟନ କରିବ ସେ ନିଃସନ୍ଦେହରେ ଏହି କଥା ସ୍ୱୀକାର କରିବ ଯେ, ଦୁଇ ପ୍ରତିଦ୍ୱନ୍ଦୀଙ୍କ ମଧ୍ୟରେ ନିଷ୍ପତ୍ତି ଗ୍ରହଣ କରିବାର ଏହା ଠାରୁ ସରଳ ଓ ଉତ୍ତମ ପନ୍ଥା ଅନ୍ୟ କିଛି ନାହିଁ । ମୁଁ ସ୍ୱୀକାର କରୁଅଛି ଓ ଈଶ୍ୱରଙ୍କ ଶପଥ ନେଇ କହୁଛି ଯେ ଯଦି ମୁଁ ଏହି ପ୍ରତିଯୋଗୀତାରେ ପରାଜିତ ହୁଏ, ତେବେ ନିଜେ ଅସତ୍ୟ ପଥରେ ଥିବାର ଏକ ସ୍ୱୀକୃତିନାମା ପ୍ରକାଶ କରିବି । ଯଦ୍ୱାରା ମିଆଁ

ନଜୀର ହୁସେନ୍ ସାହେବ ଓ ଶେଖ ବଟାଲୱ୍ୱୀଙ୍କ ଦ୍ୱାରା ମୋତେ କାଫିରର ଫତୱ୍ୱା ଦେବା ଓ ମୋ ନାମରେ ନିନ୍ଦା ପ୍ରଚାର କରିବାର କୌଣସି ଆବଶ୍ୟକତା ରହିବ ନାହିଁ । ଏପରି ସ୍ଥଳେ ମୁଁ ପ୍ରତ୍ୟେକ ପ୍ରକାର ଅପବାଦ ଓ ଅପନିନ୍ଦା ମୁଣ୍ଡାଇବାକୁ ପଛାଇବି ନାହିଁ । ସେମାନଙ୍କର ତାଚ୍ଛଲ୍ୟ ଓ ଧିକ୍କାରର ପାତ୍ର ହେବା ତଥା ଶାସ୍ତି ଭୋଗ କରିବାକୁ ଶ୍ରେୟସ୍କର ମନେ କରିବି । ପରୀକ୍ଷା ଗ୍ରହଣ ମୂଳକ ସେହି ସମାରୋହରେ ନିଜର ସମସ୍ତ ଉପସ୍ଥିତ ସଜ୍ଜନ ବ୍ୟକ୍ତିମାନଙ୍କ ଗହଣରେ ମୁକ୍ତକଣ୍ଠରେ ଘୋଷଣା କରିଦେବି ଯେ, ମୁଁ ଅଲ୍ଲାଃଙ୍କ ନିକଟରୁ ନୁହେଁ ଓ ମୋର ସମସ୍ତ ଦାବୀ କେବଳ ମିଥ୍ୟା ଓ ପ୍ରବଞ୍ଚନା ଉପରେ ଆଧାରିତ । ପୁନରାୟ ଈଶ୍ୱରଙ୍କ ପ୍ରତି ମୋର ଦୃଢ ବିଶ୍ୱାସ ରହିଛି ଓ ମୁଁ ଏହା ନିରୀକ୍ଷଣ କରୁଛି ଯେ ମୋର ପ୍ରଭୁ କେବେ ବି ମୋତେ ଏପରି ହତୋତ୍ସାହ କରିବେ ନାହିଁ । ସେ କଦାପି ମୋତେ ବିନଷ୍ଟ ହେବାକୁ ଦେବେ ନାହିଁ । ଏବେ **ଉପରୋକ୍ତ ବିଦ୍ୱାନମାନଙ୍କର** ଏହି ପରୀକ୍ଷାରୁ ପଶ୍ଚାତପଦ ହେବା (ଯଦି ପୃଷ୍ଠଭଙ୍ଗ ଦିଅନ୍ତି) ନା କେବଳ ଅନ୍ୟାୟ ହେବ, ବରଂ ଯଦି ମୋ ବିଚାର ଅନୁଯାୟୀ ସେମାନେ ଏହି ସମୟରେ ନୀରବ ରହିଲେ କିମ୍ବା କେବଳ ଛଳନାପୂର୍ଣ୍ଣ ଭାବେ ମିଛସତ ଉତ୍ତର ଦେଇ ସନ୍ତୁଷ୍ଟ ହୋଇ ବସିଗଲେ, ତେବେ ସେମାନେ ବୁଦ୍ଧିଜୀବିମାନଙ୍କୁ ନିଜ ଉପରେ ଘୋର ସନ୍ଦେହ ଜାତ କରିବାକୁ ପ୍ରଶୟ ଦେବେ । ଯଦି ସେମାନେ ଏପରି ଘଡିସନ୍ଧି ବେଳରେ ସ୍ୱଚ୍ଛ ହୃଦୟରେ ମୁକାବିଲା ପାଇଁ ମଇଦାନକୁ ଓହ୍ଲାଇଥିବା ଜଣେ ଏପରି ବ୍ୟକ୍ତି ସମ୍ମୁଖରେ କେବଳ ବାହାନାବାଜୀରେ ଭରପୁର କୌଣସି ମନଗଢ଼ା ଉତ୍ତର ଦେବେ, ତା'ହେଲେ ଜଣେ ସତ୍ୟାନୁରାଗୀ ଏହି ପ୍ରକାରର ଉତ୍ତରକୁ ଆଦୌ ପସନ୍ଦ କରିବ ନାହିଁ । ବରଂ ନ୍ୟାୟକର୍ତ୍ତାର ମନ ବିଷାଦରେ ଭରିଯିବ । ସମ୍ଭବତଃ କାହାରି ମନରେ ଏହି ଧାରଣା ଉଙ୍କି ମାରୁଥିବ ଯେ ଯେଉଁ ବ୍ୟକ୍ତି **ପ୍ରତିଶ୍ରୁତ ମସିହ ହେବାର** ସ୍ୱୟଂ ଦାବୀଦାର, ତେବେ ସେ କାହିଁକି ନିଜେ ଏକତରଫା ଭାବେ ଏପରି ଚିହ୍ନ ଦେଖାଉ ନାହାନ୍ତି, ଯଦ୍ୱାରା ଲୋକମାନେ ସନ୍ତୁଷ୍ଟ ହୋଇଯାଆନ୍ତେ । ଏହାର ଉତ୍ତର ହେଉଛି ଏସମସ୍ତ ଜନସାଧାରଣ ବିରୋଧୀ ବିଦ୍ୱାନମାନଙ୍କ ଅଧିନରେ ଅଛନ୍ତି ଏବଂ ବିଦ୍ୱାନମାନେ ନିଜ ଘୋଷଣାପତ୍ର ଦ୍ୱାରା ଲୋକମାନଙ୍କ ମଧ୍ୟରେ ଏହି କଥା ପ୍ରଚାର କରି ଦେଇଛନ୍ତି ଯେ ଏ ବ୍ୟକ୍ତି ଜଣକ ଅବିଶ୍ୱାସକାରୀ (କାଫିର) ଓ ମହା ପ୍ରତାରକ (ଦଜ୍ଜାଲ) । ତେଣୁ ସେ ଯେତେ ଇଚ୍ଛା ଚିହ୍ନ ଦେଖାନ୍ତୁ ପଛକେ ତଥାପି ତାହା ଗ୍ରହଣଯୋଗ୍ୟ ନୁହେଁ । ସୁତରାଂ ଶେଖ ବଟାଲୱ୍ୱୀ ନିଜର ଏକ ଦୀର୍ଘ ବିଜ୍ଞାପନରେ ଯାହାକୁ ସେ ଲୁଧିଆନାର ବିତର୍କ ଯୁଦ୍ଧ ପରେ ପ୍ରକାଶିତ କରିଥିଲେ, ସେଥିରେ ଏକଥା ସ୍ପଷ୍ଟ ରୂପେ ଲେଖି ଦେଇଛନ୍ତି ଏବଂ ପୂର୍ଣ୍ଣତଃ ପ୍ରତ୍ୟାଖ୍ୟାନ କରି ଶତ୍ରୁତା ପୂର୍ବକ

ଏହି ବିନୀତ ସମ୍ବନ୍ଧରେ ବର୍ଣ୍ଣନା କରିଛନ୍ତି ଯେ, ଏହି ବ୍ୟକ୍ତି ଆକାଶୀୟ ନିଦର୍ଶନ ଦେଖାଇବା ଦିଗରେ ଆହ୍ୱାନ କରୁଛି, ତା'ର ଏହି କଥାରେ ପଡ ନାହିଁ । ତା'ର ଏହି ଆହ୍ୱାନ ପ୍ରତି ଧ୍ୟାନ ଦେବା ଉଚିତ ନୁହେଁ । କାରଣ ନିଦର୍ଶନ ତ ଇବନେ ସୟାଦ ଠାରୁ ମଧ୍ୟ ପ୍ରଦର୍ଶିତ ହୋଇଥିଲା ଏବଂ ତଥାକଥିତ ଦଜ୍ଜାଲ ମଧ୍ୟ ଦେଖାଇ ପାରିବ, ପୁଣି ଚିହ୍ନମାନଙ୍କର କ'ଣ ଭରସା ଅଛି ? ଏତଦ୍‌ବ୍ୟତୀତ ମୁଁ ଏକଥା ବି ଶୁଣିବାକୁ ପାଉଛି ଓ ନିଜ ବିରୋଧିମାନଙ୍କର ବିଜ୍ଞାପନରେ ପଢୁଛି ଯେ ସେମାନେ ମୋର ଏକତରଫା ଚିହ୍ନଗୁଡିକୁ ତିରସ୍କାର ଦୃଷ୍ଟିରେ ଦେଖୁଛନ୍ତି । ଏବଂ କେବଳ ଉଦ୍ଧତ ହୋଇ କହୁଛନ୍ତି ଯେ, ଯଦି ଏହି ଲୋକ କୌଣସି ସତ୍ୟ ସ୍ୱପ୍ନାନୁଭୂତି ସଂକ୍ରାନ୍ତରେ ସୂଚୀତ କରୁଛି କିମ୍ବା କୌଣସି ଦୈବୀ ପ୍ରକଟିତ ଭବିଷ୍ୟତ ବାଣୀର ବଖାଣ କରୁଛି, ତେବେ ଏସବୁ କଥାରେ ତାହାର ଅଧିକ ବିଶେଷତ୍ୱ କ'ଣ ଅଛି ? ଜଣେ କାଫିରକୁ ମଧ୍ୟ ସ୍ୱପ୍ନ ଆସିଥାଏ । କହିବାକୁ ଗଲେ କେବେ କେବେ ତାଙ୍କ ପ୍ରାର୍ଥନା ମଧ୍ୟ ଗୃହୀତ ହୋଇ ଯାଉଛି ଏବଂ ଅନ୍ୟ କେତେବେଳେ ତାଙ୍କୁ ଆଗତ ଭବିଷ୍ୟତ କଥା ପୂର୍ବରୁ ମଧ୍ୟ ଜଣା ପଡ଼ିଯାଉଛି । ଅନେକ ଭବିଷ୍ୟବକ୍ତା ମିଥ୍ୟାରେ ରାଣ ଖାଇ ମଧ୍ୟ କୁହନ୍ତି ଯେ, ଏକଥା ତ ଆମକୁ ମଧ୍ୟ ଜଣାଥିଲା । କିନ୍ତୁ ସେମାନେ ଏହା ଜାଣନ୍ତି ନାହିଁ ଯେ କେବଳ ଟଙ୍କାଟିଏ ପାଇଁ କୌଣସି ଭିକାରୀ ଧନବାନ ବୋଲାଇ ପାରିବ ନାହିଁ । ଏବଂ କିଞ୍ଚିତ ମାତ୍ର ଆଲୁଅ ଦେଉଥିବା ଜୁଳଜୁଳିଆ ପୋକ ସୂର୍ଯ୍ୟ ବୋଲାଇ ପାରିବ ନାହିଁ । କିନ୍ତୁ କୌଣସି ତୁଳନା ନକରାଗଲେ ଏହି ଲୋକମାନେ କୌଣସିମତେ ବୁଝିପାରିବେ ନାହିଁ । ତୁଳନା କରାଯାଉଥିବା ସମୟରେ ଏମାନଙ୍କର ଅଧିକାର ଅଛି ଯେ, ଯଦି ନିଜେ ବିବଶ ହୋଇ ଅସହାୟତର ପ୍ରକାଶ କରନ୍ତି ତେବେ ଦଶ କୋଡ଼ିଏ ଜଣ କାଫିରଙ୍କୁ ନିଜ ସହିତ ସାମିଲ କରିନିଅନ୍ତୁ ।

ସୁତରାଂ ଯଦି ମୌଲବୀଗଣ ମୋର ଏହି ଏକତରଫା ଐଶୀ ଚିହ୍ନକୁ ଆଦୌ ସ୍ୱୀକାର କରୁନାହାନ୍ତି ଏବଂ ମୋତେ କାଫିର ରୂପେ ଦର୍ଶାଉଛନ୍ତି, ତତ୍‌ସହିତ ଯେତେବେଳେ ମୋର ନିଦର୍ଶନଗୁଡିକୁ ଅବିଶ୍ୱାସକାରୀ (କାଫିର) ଠାରୁ ପ୍ରକଟ ହେଉଥିବା ଚିହ୍ନ ମଧ୍ୟରେ ଅନ୍ତର୍ଭୁକ୍ତ କରୁଛନ୍ତି କିମ୍ବା ଏହାକୁ ହୀନ ଚକ୍ଷୁରେ ଦେଖୁଛନ୍ତି, ସେପରି ସ୍ଥଳେ ମୋର ଏହି ନିଦର୍ଶନଗୁଡିକ ଦ୍ୱାରା କି ପ୍ରଭାବ ପଡିବ ? ଯେଉଁ ଲୋକମାନଙ୍କର ହୃଦୟ ଓ କର୍ଣ୍ଣରେ ଏମିତି କଥାସବୁ ଭରି ଦିଆଯାଇଛି, ସେମାନେ ଏପରି ଚିହ୍ନଗୁଡିକରେ କିପରି ବା ସନ୍ତୁଷ୍ଟ ହେବେ ? କିନ୍ତୁ ବିଶ୍ୱାସବର୍ଦ୍ଧକ ଚିହ୍ନ ଦେଖାଇବାର ଏହି ପରସ୍ପର ତୁଳନାତ୍ମକ ପ୍ରତିଯୋଗୀତା ଏପରି ଏକ ସ୍ପଷ୍ଟ ଓ ସ୍ୱଚ୍ଛ

ଉପାୟ, ଯହିଁରେ ଏହି ଧର୍ମବିତମାନଙ୍କର କୌଣସି ବାହାନା ଚଳିବ ନାହିଁ । ବିଶେଷତଃ ବିଦ୍ୱାନମାନଙ୍କ ସମ୍ମୁଖରେ ଖୋଲାଖୋଲି ଭାବରେ ପ୍ରତିଯୋଗୀତା ସମୟରେ ଯେତେ ଅଧିକ ସତ୍ୟ ଉନ୍ମୋଚିତ ହୋଇଥାଏ, ସେପରି ସ୍ପଷ୍ଟ ରୂପେ ଅନ୍ୟ କୌଣସି ଉପାୟରେ ସେହି ସତ୍ୟ ପ୍ରକାଶିତ ହୋଇପାରିବ ନାହିଁ । ହଁ, ଯଦି ଏହି ଲୋକମାନେ ସେହି ପାର୍ଥକ୍ୟ ଦର୍ଶାଉଥିବା ପ୍ରତିଯୋଗୀତାରୁ ଓହରି ଯାଇ ନିଜର ଅସମର୍ଥତା ପ୍ରକାଶ କରନ୍ତି, ତେବେ ସେହି ପରିସ୍ଥିତିରେ ସେମାନଙ୍କ ଉପରେ ଏହା ଅନିବାର୍ଯ୍ୟ ହେବ ଯେ, ନିଜ ତରଫରୁ ନିଜ ସହମତିର ମୋହର ଲଗାଇ ଏକ ବିଜ୍ଞପ୍ତି ପ୍ରକାଶ କରିଦିଅନ୍ତୁ ଯେ ଆମେ ମୁକାବିଲା କରିପାରିବୁ ନାହିଁ । ଆମଠାରେ ସଂପୂର୍ଣ୍ଣ ବିଶ୍ୱାସକାରୀର ଲକ୍ଷଣ ପ୍ରକାଶ ପାଉ ନାହିଁ । ଏହା ମଧ୍ୟ ଲେଖିଦିଅନ୍ତୁ ଯେ ଆମେ ସ୍ୱୀକାର କରୁଛୁ ଯେ ଏହି ବ୍ୟକ୍ତି ଅର୍ଥାତ ଏହି ବିନୀତର ଚିହ୍ନଗୁଡିକୁ ଦେଖି ଆମେ ଏହା ନିଃସଙ୍କୋଚରେ ସ୍ୱୀକାର କରିନେବୁ ଏବଂ ଜନସାଧାରଣଙ୍କୁ ଏହା ସ୍ୱୀକାର କରିବା ପାଇଁ ମଧ୍ୟ ନିବେଦନ କରିବୁ । ମୋର ଘୋଷିତ ଦାବୀକୁ ମଧ୍ୟ ସେମାନେ ଗ୍ରହଣ କରିବେ ଏବଂ ମୋତେ କାଫିର୍‌ସିଦ୍ଧ କରିବାର ଶୈତାନୀ ଷଡଯନ୍ତ୍ର ରଚନା କରିବାରୁ କ୍ଷାନ୍ତ ରହିବେ । ଅଧିକନ୍ତୁ ଏହି ବିନୀତକୁ ସଂପୂର୍ଣ୍ଣ ବିଶ୍ୱାସକାରୀ ରୂପେ ବିବେଚନ କରିବେ । ତେବେ ଏହି ପରିସ୍ଥିତିରେ ଏହି ବିନୀତ ଦୃଢ ପ୍ରତିଶ୍ରୁତି ଦେଉଛି ଯେ ଅଲ୍ଲାଃତାଲାଙ୍କ କୃପାରୁ ଏକତରଫା ଚିହ୍ନର ପ୍ରମାଣ ସେ ସେମାନଙ୍କୁ ପ୍ରଦାନ କରିବେ । ମୁଁ ଆଶା ରଖୁଛି ଯେ, ସର୍ବଶକ୍ତିମାନ ଓ ସାମର୍ଥ୍ୟବାନ ଈଶ୍ୱର ସେମାନଙ୍କୁ ନିଜର ଚିହ୍ନ ପ୍ରଦର୍ଶିତ କରିବେ ଏବଂ ନିଜ ଭକ୍ତର ସହାୟକ ଓ ସହଯୋଗକାରୀ ରୂପେ ଛିଡା ହେବେ ତଥା ଯଥାର୍ଥ ରୂପେ ଓ ସତ୍ୟତାର ସହିତ ନିଜ ପ୍ରତିଶ୍ରୁତି ପୂରଣ କରିବେ ।

କିନ୍ତୁ ଯଦି ସେହି ଲୋକମାନେ ତଦନୁରୂପ ଲେଖା ପ୍ରକାଶ ନକରନ୍ତି, ତେବେ ପ୍ରତ୍ୟେକ ପରିସ୍ଥିତିରେ ପ୍ରତିଯୋଗୀତା ହିଁ ଉତ୍ତମ ଉପାୟ । ଯଦ୍ୱାରା ସେମାନଙ୍କର ଏହି ଭ୍ରମାତ୍ମକ ଚିନ୍ତାଧାରା ଓ ଅହଂଭାବ ଯେ, ଆମେ ସଂପୂର୍ଣ୍ଣ ବିଶ୍ୱାସକାରୀ, ପ୍ରଚଣ୍ଡ ବିଦ୍ୱାନ ଓ ଚଳିତ ଯୁଗ ପାଇଁ ଅନୁକରଣୀୟ । ଐଶ୍ୱରୀକବାଣୀ ଓ ଈଶ୍ୱର ପ୍ରେରିତ ସ୍ୱର୍ଗୀୟ ସମ୍ବାଦ ଦ୍ୱାରା ବିଭୂଷିତ ହୋଇଛୁ । ଅଥଚ ଏହି ବ୍ୟକ୍ତି ଜଣକ କାଫିର, ଦଜ୍ଜାଲ ଓ କୁକୁର ଠାରୁ ମଧ୍ୟ ଘୃଣ୍ୟ । ତେଣୁ କିଏ ସତ୍ କିଏ ଅସତ୍ ଏହାର ଭଲ ରୂପେ ନିର୍ଣ୍ଣୟ ହୋଇଯାଉ । ତେବେ ଏହି ମୁକାବିଲାରେ ଏପରି ମଧ୍ୟ ଏକ ଲାଭ ରହିଛି, ଯାହାର ନିଷ୍ପତ୍ତି ଆମ ତରଫରୁ ଏକତରଫା ଭାବରେ ଏକ ଦୀର୍ଘ ସମୟ ଆବଶ୍ୟକ କରୁଛି । ତାହା ମୁକାବିଲା ହେବା ଦ୍ୱାରା ଅତି କମ୍ ଦିନ ମଧ୍ୟରେ ହିଁ ହୋଇଯିବ । ସେଥିଯୋଗୁଁ

ଏହି ପ୍ରତିଦ୍ୱନ୍ଦିତା ଏପରି ବିବାଦୀୟ ବିଷୟର ନିଷ୍ପତ୍ତି ପାଇଁ ଉଦ୍ଦିଷ୍ଟ ଯେ, ବାସ୍ତବ ପକ୍ଷେ ବିଶ୍ୱାସକାରୀ କିଏ ଓ କିଏ ନିଜ ଭିତରେ କାଫିରର ଚରିତ୍ର ଧାରଣ କରିଛି, ଏହା ବହୁତ ସରଳ ଓ ସବୁଠାରୁ ନିକଟବର୍ତ୍ତୀ ଉପାୟ । ଏହାଦ୍ୱାରା ବିବାଦର ଶୀଘ୍ର ଅବସାନ ଘଟିବ । ଧରି ନିଅନ୍ତୁ ସହସ୍ର କୋଶର ଦୂରତା ଗୋଟିଏ ପାହୁଣ୍ଡକୁ ଆସିଯିବ । ଏବଂ ଈଶ୍ୱରଙ୍କ ସ୍ୱାଭିମାନ ଖୁବ୍ ଶୀଘ୍ର ଦେଖାଇ ଦେବ ଯେ ଏହାର ବାସ୍ତବିକତା କ'ଣ । ଏହି ପ୍ରତିଯୋଗୀତାର ଏକ ବଡ଼ ଲାଭ ହେଉଛି ଯେ ଏଥିରେ ଦୁଇପକ୍ଷଙ୍କୁ ଅଯଥା ଆଲୋଚନା ଓ ଯୁକ୍ତିତର୍କର ସୁଯୋଗ ମିଳିବ ନାହିଁ କିମ୍ବା ବ୍ୟର୍ଥ ଆଳ ଦେଖାଇବା, ଅର୍ଥକୁ ଅନର୍ଥ କରିବାର ବାହାନା ଇତ୍ୟାଦି କୌଣସି କାମରେ ଆସିବ ନାହିଁ । କିନ୍ତୁ ଏକତରଫା ଚିହ୍ନ ଦେଖାଇବା ଦ୍ୱାରା ପ୍ରତିଶୋଧ ଭାବନାତ୍ମକ ସମାଲୋଚନା ସରଳ ଜନତାଙ୍କୁ ଧୋକାରେ ପକାଇଥାଏ । ଏକଥା ମଧ୍ୟ ଲୋକେ ଜାଣନ୍ତି ଯେ, ଏକ ପାକ୍ଷିକ ଭାବେ ଅନେକଗୁଡିଏ ନିଦର୍ଶନ ଏହି ବିନୀତ ଠାରୁ ଅଦ୍ୟାବଧି ପ୍ରକଟିତ ହୋଇସାରିଛି । ଯାହାକୁ ଅବଲୋକନ କରିଥିବା ବ୍ୟକ୍ତି ଏବେ ମଧ୍ୟ ଜୀବିତ ଅଛନ୍ତି । କିନ୍ତୁ ଏହି ସତ୍ୟର ପ୍ରମାଣ ଦେବା ପରେ ମଧ୍ୟ କ'ଣ ଓଲମାମାନେ ସେଗୁଡ଼ିକୁ ମାନିନେବେ ? କଦାପି ନୁହେଁ, ଏହା ମଧ୍ୟ ମନେ ରଖନ୍ତୁ ଯେ ଏସମସ୍ତ ବିଷୟ ତଥା ଗ୍ରହଣ କରାଯାଉଥିବା ଉପାୟ ସବୁ କେବଳ ସେହି ଅମାନ୍ୟକାରୀଙ୍କର ତତ୍‌କ୍ଷଣାତ୍ ନିଷ୍ପତ୍ତି ଚାହିଁବା ଉଦ୍ଦେଶ୍ୟ ଯୋଗୁଁ ଏବଂ ନାନା ବାଦବିବାଦ ମଧ୍ୟରେ ବଳିଷ୍ଠ ଯୁକ୍ତି ଓ ତର୍କ ଦ୍ୱାରା ମୁହଁ ବନ୍ଦ କରିବା ଏବଂ ସେମାନଙ୍କୁ ଚୁପ୍ କରାଇବା ବିଚାର ଦୃଷ୍ଟିରୁ ତଥା ସେମାନଙ୍କ ଉପରେ ଅକାଟ୍ୟ ତର୍କକୁ ପ୍ରମାଣସିଦ୍ଧ କରିବା ଉଦ୍ଦେଶ୍ୟରେ ଏବଂ ସତ୍ୟତାର ପୂର୍ଣ୍ଣ ଝଲକ ଦେଖାଇବା ମନୋବୃତ୍ତି ଗ୍ରହଣ କରି ଏବଂ ଈଶ୍ୱରଙ୍କ ନିକଟରୁ ଏହି ବିନୀତକୁ ପ୍ରାପ୍ତ ହୋଇଥିବା ସେହି ସନ୍ଦେଶକୁ ପହଞ୍ଚାଇବା ଲାଗି ଉଦ୍ଦିଷ୍ଟ । ଅନ୍ୟଥା ଚିହ୍ନ ପ୍ରଦର୍ଶିତ ହେବା ସେମାନଙ୍କ ସହିତ ମୁକାବିଲା କରିବା ଉପରେ ଆଧାରିତ ନୁହେଁ । ସ୍ୱର୍ଗୀୟ ନିଦର୍ଶନର ଧାରାବାହିକ ପ୍ରକ୍ରୀୟା ପ୍ରାରମ୍ଭରୁ ହିଁ ପ୍ରଚଳିତ ହୋଇଆସୁଛି । ପ୍ରତ୍ୟେକ ସୁଙ୍ଗତ ରକ୍ଷାକାରୀ ବ୍ୟକ୍ତି ଯଦି ସ୍ୱଚ୍ଛ ସଂକଳ୍ପ ନେଇ ଓ ଧୈର୍ଯ୍ୟଧାରଣ କରି ରହେ, ତେବେ ସେ ନିଶ୍ଚିତ ରୂପେ କିଛି ନା କିଛି ଦେଖିପାରିବ । ଏବଂ ଭବିଷ୍ୟତରେ ମଧ୍ୟ ପରମେଶ୍ୱର ଏହି ସମ୍ପ୍ରଦାୟକୁ ଚିହ୍ନ ପ୍ରଦର୍ଶନ ବିନା ପରିତ୍ୟାଗ କରିବେ ନାହିଁ । ଏବଂ ନା ତାହାଠାରୁ ନିଜ ସମର୍ଥନ ପ୍ରତ୍ୟାହାର କରିବେ । ବରଂ ଯେପରି ତାଙ୍କର ପବିତ୍ର ଅଙ୍ଗୀକାର ରହିଛି, ସେ ଯଥା ସମୟରେ ଅବଶ୍ୟ ସଦ୍ୟ ଓ ନବୀନ ଚିହ୍ନମାନ ଦେଖାଇ ଚାଲିବେ । ଏପରିକି ନିଜ ତର୍କକୁ ସମ୍ପୂର୍ଣ୍ଣ କରିଦେବେ ଏବଂ ପବିତ୍ର ଓ ଅପବିତ୍ର ମଧ୍ୟରେ ସ୍ପଷ୍ଟ ଅନ୍ତର କରି

ଦେଖାଇଦେବେ । ସେ ସ୍ୱୟଂ ନିଜ ଦୈବୀ ସମ୍ବାଦ ଦ୍ୱାରା ଏହି ବିନୀତ ସମ୍ବନ୍ଧରେ କହିଛନ୍ତି ଯେ ସଂସାରରେ ଜଣେ ସତର୍କ ସୂଚନାଦାତା ଆସିଲା, କିନ୍ତୁ ସଂସାରବାସୀ ତାଙ୍କୁ ଗ୍ରହଣ କଲେ ନାହିଁ । ମାତ୍ର ଈଶ୍ୱର ତାଙ୍କୁ ଅବଶ୍ୟ ଗ୍ରହଣ କରିବେ ଓ ତୀବ୍ର ଆକ୍ରମଣ ଦ୍ୱାରା ତାଙ୍କ ସତ୍ୟତାକୁ ପ୍ରକାଶ କରିଦେବେ । ମୁଁ କଦାପି ଚିନ୍ତା କରିପାରିବି ନାହଁ ଯେ ସେଇ ଆକ୍ରମଣ ନହୋଇ ରହିଯିବ । ଯଦିଓ ସେହି କାର୍ଯ୍ୟ ସମ୍ପନ୍ନ ହେବା ମୋ ବଶତାର ଅଧିନରେ ନାହିଁ, କିନ୍ତୁ ମୁଁ ଆପଣମାନଙ୍କୁ ବିଶ୍ୱାସ ଦେଉଛି ଯେ ମୁଁ ସତ୍ୟ ଉପରେ ପ୍ରତିଷ୍ଠିତ । ହେ ପ୍ରିୟଜନ ! ନିଃସନ୍ଦେହରେ ବୁଝ ଯେ, ଯେପର୍ଯ୍ୟନ୍ତ ସ୍ୱର୍ଗର ଅଧିପତି ଈଶ୍ୱର କୌଣସି ମାନବ ସହିତ ସଂଯୁକ୍ତ ନାହାନ୍ତି, ସେ ଏପରି ଦମ୍ଭ କଦାପି ଦେଖାଇ ପାରିବ ନାହିଁ । ଯେପରି କି ଗୋଟିଏ ପାର୍ଶ୍ୱରେ ଦୁନିଆର ମୁକାବିଲାରେ ସେ ଦୃଢତାର ସହିତ ଛିଡା ହୋଇଯିବ ଏବଂ ସେହି ସବୁ ବିଷୟର ଦାବୀ କରି ବସିବ, ଯାହା ତାର ବଶର ବହିର୍ଭୂତ । ଯେଉଁ ବ୍ୟକ୍ତି ସମ୍ପୂର୍ଣ୍ଣ ଶକ୍ତି ଓ ଧୈର୍ଯ୍ୟ ସହକାରେ ସଂସାର ବିରୁଦ୍ଧରେ ଏକାକୀ ମୁକାବିଲା କରିବା ପାଇଁ ପ୍ରସ୍ତୁତ ହୋଇଯାଏ, ସେ କ'ଣ ସ୍ୱୟଂ ନିଜ ସାମର୍ଥ୍ୟରେ ଛିଡ଼ା ହୋଇପାରେ ? କଦାପି ନୁହେଁ, ବରଂ ସେ ସେହି ସର୍ବଶକ୍ତିମାନଙ୍କ ଶରଣାଗତ ହୋଇ ଏକ ଅଦୃଶ୍ୟ ହସ୍ତର ସହାୟତା ବଳରେ ଛିଡା ହୋଇଥାଏ, ଯାହାଙ୍କ ଅଧିକାରରେ ସମସ୍ତ ଭୂଖଣ୍ଡ ଓ ଆକାଶ ମଣ୍ଡଳ ଏବଂ ପ୍ରତ୍ୟେକ ଆତ୍ମା ଓ ଶରୀର ରହିଛି । ତେଣୁ ଆଖି ଖୋଲ ଓ ବୁଝିନିଅ ଯେ ସେହି ଈଶ୍ୱର ମୋ ପରି ଅସହାୟକୁ ଏପରି ସାମର୍ଥ୍ୟ ଓ ଧୈର୍ଯ୍ୟଶକ୍ତି ପ୍ରଦାନ କରିଛନ୍ତି, ଯାହାର ସୁସମ୍ବାଦ ପାଇବାର ସୌଭାଗ୍ୟ ମୋତେ ପ୍ରାପ୍ତ ହୋଇଛି । ତାଙ୍କ ସମୀପରୁ ଓ ତାଙ୍କରି ସ୍ପଷ୍ଟ ଆଦେଶ ହିଁ ମୋତେ ଏପରି ସାହସିକ ମନୋବଳ ଯୋଗାଇଛି କି ମୁଁ ସେହି ଲୋକମାନଙ୍କ ବିରୁଦ୍ଧରେ ମୁକାବିଲା କରିବା ପାଇଁ ଅତ୍ୟନ୍ତ ନିର୍ଭିକ ହୋଇ ଦୃଢତାର ସହିତ ଛିଡ଼ା ହୋଇଯାଇଛି । ଯେଉଁମାନେ ଦାବୀ କରୁଛନ୍ତି ଯେ ଆମକୁ ଅନୁକରଣ କରାଯିବା ଉଚିତ ଏବଂ ଆରବୀୟ ଓ ଅଣଆରବୀୟ ସମସ୍ତଙ୍କର ଆମେ ହେଉଛୁ ଗୁରୁ ତଥା ଈଶ୍ୱରଙ୍କ ସାନିଧ୍ୟପ୍ରାପ୍ତ କରିଛୁ । ଯେଉଁମାନଙ୍କ ମଧ୍ୟରେ ଐଶୀବାଣୀ ଲାଭ କରିଥିବା ବର୍ଗର ଲୋକ ମଧ୍ୟ ଅଛନ୍ତି, ସେ ଦାବୀ କରନ୍ତି ଯେ ଈଶ୍ୱରଙ୍କ ସହିତ ବାର୍ତ୍ତାଳାପ କରିବାର ସୌଭାଗ୍ୟ ପାଇଛନ୍ତି ଏବଂ ନିଜ ବିଚାରଧାରା ଅନୁଯାୟୀ ଦୈବୀ ସମ୍ବାଦ ଦ୍ୱାରା ମୋତେ ବିଧର୍ମୀ ଓ ନର୍କଗାମୀ ବୋଲି ବିଦିତ କରି ସାରିଲେଣି । ସେଥିପାଇଁ ମୁଁ ସେ ସମସ୍ତଙ୍କର ମୁକାବିଲା କରିବା ସକାଶେ ଈଶ୍ୱରଙ୍କ ଆଦେଶ କ୍ରମେ ଯୁଦ୍ଧକ୍ଷେତ୍ରକୁ ଓହ୍ଲାଇଛି । ଯଦ୍ୱାରା ଈଶ୍ୱର ସତ୍ୟ ଓ ଅସତ୍ୟ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ଦିଅନ୍ତୁ । ତାହାଙ୍କ ହସ୍ତ ମିଥ୍ୟାବାଦୀକୁ ରସାତଳକୁ ଫିଙ୍ଗିଦେଉ, ଯଦ୍ୱାରା

ସେ ସେହି ବ୍ୟକ୍ତିକୁ ସାହାଯ୍ୟ ଓ ସହଯୋଗ କରନ୍ତୁ ଯାହା ଉପରେ ତାଙ୍କର ଦୟା ଓ କରୁଣା ରହିଛି । **ସୁତରାଂ ଭାଇମାନେ** ଦେଖନ୍ତୁ ଯେ ମୁଁ ମିଆଁ ନଜୀର ହୁସେନ ସାହେବ ଓ ତାଙ୍କ ଦଳକୁ ସେହି ମାର୍ଗ ଆଡକୁ ଆବାହନ କରୁଛି, ଯାହା ବାସ୍ତବରେ ମୋ ଓ ତାଙ୍କ ମଧ୍ୟରେ ସ୍ୱଷ୍ଟ ରୂପେ ମୀମାଂସା କରିଦେଉଥିବା ମାର୍ଗ । ତେଣୁ ମୁଁ ସେହି ମାର୍ଗ ଉପରେ ଦଣ୍ଡାୟମାନ ହୋଇଛି । ଏବେ ମଧ ଯଦି ଏହି ବିଦ୍ୱାନମାନଙ୍କ ଦୃଷ୍ଟିରେ ମୁଁ ବିଧର୍ମୀ ଅଛି କିମ୍ବା ଭଣ୍ଡ ବା ପ୍ରତାରକ ଏବଂ ଶୈତାନ ଦ୍ୱାରା ସର୍ବସ୍ୱାନ୍ତ ହୋଇଯାଇଛି, ତେବେ ମୋ ବିରୁଦ୍ଧରେ ମୁକାବିଲା କରିବା ପାଇଁ ସେମାନଙ୍କୁ କାହିଁକି ଏତେ ସଙ୍କୋଚ ଲାଗୁଛି ? କ'ଣ ସେମାନେ କୁରଆନ ପରି ମହାନ ଗ୍ରନ୍ଥର ଅଧ୍ୟୟନ କରିନାହାନ୍ତି ଯେ ମୁକାବିଲା ବେଳେ ଈଶ୍ୱରଙ୍କ ସହାୟତା ବିଶ୍ୱାସକାରୀମାନଙ୍କ ହିତରେ ହୋଇଥାଏ । ଅଲ୍ଲାଃତାଲା ପବିତ୍ର କୁରଆନରେ କହିଛନ୍ତି :

وَلَا تَهِنُوْا وَلَا تَحْزَنُوْا وَاَنْتُمُ الْاَعْلَوْنَ اِنْ كُنْتُمْ مُّؤْمِنِيْنَ

**ୱଲା ତହୀନୁ ୱଲା ତହ୍‌ଜନୁ ୱଅନ୍‌ତୁମୁଲ୍ ଅଲୌନା ଇନ୍‌କୁନ୍‌ତୁମ୍ ମୁମିନୀନ୍**

(ଆଲେ ଇମ୍ରାନ 3:140)

ଅର୍ଥାତ 'ହେ ବିଶ୍ୱାସୀକାରୀମାନେ ! ପ୍ରତିଦ୍ୱନ୍ଦୀତା ବେଳେ ଧୈର୍ଯ୍ୟହରା ହୁଅ ନାହିଁ ଏବଂ ଟିକେ ମାତ୍ର ସନ୍ଦେହରେ ପଡ ନାହିଁ । ପରିଣାମ ସ୍ୱରୂପ ବିଜୟ କେବଳ ତୁମର ହିଁ ହେବ, ଯଦି ତୁମେମାନେ ପ୍ରକୃତରେ ବିଶ୍ୱାସକାରୀ ହୋଇଥାଅ ।'

ପୁନଶ୍ଚ କହିଛନ୍ତି :

وَلَنْ يَّجْعَلَ اللّٰهُ لِلْكٰفِرِيْنَ عَلَى الْمُؤْمِنِيْنَ سَبِيْلًا

**ୱଲେଁ ୟଜ୍‌ଅଲଲ୍ଲାହୁ ଲିଲ୍ କାଫିରିନା ଅଲଲ୍ ମୁମିନୀନା ସବିଲା**

(ଅନ୍ ନିସା 4:142)

ଅର୍ଥାତ 'ଅଲ୍ଲାଃତାଲା ଅବିଶ୍ୱାସକାରୀମାନଙ୍କୁ କେବେ ବି ବିଶ୍ୱାସକାରୀମାନଙ୍କ ଉପରେ ବିଜୟ ପ୍ରଦାନ କରିବେ ନାହିଁ ।'

ସୁତରାଂ ଦେଖିନିଅ ଯେ ଅଲ୍ଲାଃତାଲା ପବିତ୍ର କୁରଆନରେ ବିଶ୍ୱାସକାରୀମାନଙ୍କୁ ବିଜୟର ଶୁଭ ସମ୍ବାଦ ପ୍ରଦାନ କରିଛନ୍ତି ଏବଂ ଏକଥା ସ୍ୱତଃସିଦ୍ଧ ଯେ, ଅଲ୍ଲାଃତାଲା ବିଶ୍ୱାସକାରୀମାନଙ୍କର ସହାୟକ ଓ ସାହାଯ୍ୟକାରୀ ହୋଇଥାନ୍ତି । ଅପରପକ୍ଷେ ସେ ମିଥ୍ୟାବାଦୀର କେବେ ବି ସହାୟକ ଓ ସମର୍ଥନକାରୀ ହୋଇ ନଥାନ୍ତି । ସେଥିପାଇଁ

ଯାହାର ଈଶ୍ୱର ସ୍ୱୟଂ ଶତ୍ରୁ ହୋଇଯାଆନ୍ତି ଓ ଜାଣିଛନ୍ତି ଯେ ସେ ଏକ ମିଥ୍ୟାବାଦୀ, ଏପରି ଅଯୋଗ୍ୟ ବ୍ୟକ୍ତି କେଉଁ ପ୍ରକାରେ ବିଶ୍ୱାସକାରୀ ବିପକ୍ଷରେ ବିଶ୍ୱାସର ବିଶେଷ ଚିହ୍ନ ଦ୍ୱାରା ସମ୍ମାନିତ ହୋଇପାରିବ ? କୁହ ଭଲା ଏହା କିପରି ସମ୍ଭବ ଯେ ଯେଉଁ ବ୍ୟକ୍ତି ଈଶ୍ୱରଙ୍କ ପ୍ରିୟ ସଖା ଓ ସତ୍ୟ ଦୈବୀବାଣୀର ଉତ୍ତରାଧୀକାରୀ ବୋଲାଇଥାଏ ତଥା ସଂପୂର୍ଣ୍ଣ ବିଶ୍ୱାସକାରୀ ହୋଇଥାଏ, ସେମାନଙ୍କର ଗୁରୁ  ସାଜିଥାଏ, ସେମାନେ ତ ମୁକାବିଲା ସମୟରେ ସତ୍‌ବିଶ୍ୱାସର ଲକ୍ଷଣରୁ ବଞ୍ଚିତ ହୋଇଥାନ୍ତି ଓ ଘୋର ଅପମାନ ସହକାରେ ସେମାନଙ୍କ ଦୋଷତ୍ରୁଟିଜନିତ ମୁଖା ଖୋଲି ଦିଆଯାଏ ଏବଂ ଈଶ୍ୱର ଜାଣିଶୁଣି ସେମାନଙ୍କ ମହାନତା ଓ ପ୍ରତିଷ୍ଠାକୁ ଆଘାତ ପହଞ୍ଚାଇଥାନ୍ତି । କିନ୍ତୁ ଯିଏ ଈଶ୍ୱରଙ୍କ ଦରବାରରୁ ତିରସ୍କୃତ ତଥା ଶେଖ୍ ବଟାଲଓ୍ୱିଙ୍କ କହିବା ଅନୁଯାୟୀ କୁକୁର ସଦୃଶ, କାଫିର୍ ଓ ଦଜ୍ଜାଲ । ମିଆଁ ନଜୀର ହୁସେନ୍‌ଙ୍କ କଥାନୁସାରେ ଧର୍ମବିଶ୍ୱାସରୁ ସେ ସମ୍ପୂର୍ଣ୍ଣ ବଞ୍ଚିତ  ହୋଇଥିବ । ପୁଣି ଯିଏ ନାସ୍ତିକ ଓ ସମସ୍ତ ପ୍ରାଣୀଙ୍କ ଠାରୁ ନିକୃଷ୍ଟତମ ହୋଇଥିବ, ତା’ଠାରେ କିପରି ସତ୍‌ବିଶ୍ୱାସର ଲକ୍ଷଣ ଦେଖାଯିବ । ଈଶ୍ୱର ପ୍ରତିଦ୍ୱନ୍ଦୀତା ସମୟରେ ତାକୁ ହିଁ ବିଜୟମଣ୍ଡିତ କରନ୍ତି ! ଏପରି ହେବା ତ କେବେ ବି ସମ୍ଭବପର ନୁହେଁ ।

ପାଠକବନ୍ଧୁ ! ଆପଣମାନେ ବିଶ୍ୱାସନିଷ୍ଠ ହୋଇ କୁହନ୍ତୁ ଯେ କ’ଣ ସ୍ୱର୍ଗୀୟ ଓ ଆଧ୍ୟାତ୍ମିକ ସହାୟତା ବିଶ୍ୱାସକାରୀ ସକାଶେ ହୋଇଥାଏ ନା ଅବିଶ୍ୱାସକାରୀ ସକାଶେ ? ଏ ସମସ୍ତ କଥନରୁ ମୁଁ ଏହା ପ୍ରମାଣିତ କରିଦେଇଛି ଯେ ସତ୍ୟ ଓ ମିଥ୍ୟା ମଧ୍ୟରେ ସ୍ପଷ୍ଟ ଅନ୍ତର ଆଣିବାକୁ ହେଲେ ତୁଳନା କରି ଦେଖିବା ନିତ୍ୟାନ୍ତ ଆବଶ୍ୟକ । ଯେପରି କି କଥିତ ଅଛି:

تا سیہ روئے شود ہر کہ دروغش باشد

**‘ତାସିୟା ରୂଏ ଶୁଦ୍ ହର୍ କେ ଦରୋଗଶ୍ ବାଶଦ୍’**

ଅର୍ଥାତ ‘ଯାହାର ମିଥ୍ୟା ଧରା ପଡ଼ିଯାଏ, ତାର ମୁହଁ କଳା ହୋଇଯିବ ।’

ମୁଁ ହଜରତ ଶେଖୁଲ୍‌କୁଲ (ନଜୀର ହୁସେନ ଦିଲ୍ଲୀ ନିବାସୀ) ସାହେବ ଏବଂ ତାଙ୍କ ଶିଷ୍ୟମାନଙ୍କର ଗାଳିଗୁଲଜ ଶୁଣିବା ପରେ ବହୁତ ଧୈର୍ଯ୍ୟ ଧାରଣ କରିଛି ଓ ଅନେକ କଷ୍ଟ ମଧ୍ୟ ପାଇଛି ଏବଂ ନିଜକୁ ସମ୍ଭାଳି ରଖିଛି । ଏବେ ମୁଁ ପ୍ରେରିତ ହୋଇଥିବା କାରଣରୁ ଅଲ୍ଲାଃଙ୍କ ଏହି ବାର୍ତ୍ତା ଆଡ଼କୁ ଶେଖୁଲ୍‌କୁଲ୍ ସାହେବ ଓ ତାଙ୍କ ଅନୁଗାମୀମାନଙ୍କୁ ଆହ୍ୱାନ କରୁଛି । ଏହା ମଧ୍ୟ ବିଶ୍ୱାସ ରଖୁଛି ଯେ ଅଲ୍ଲାଃତାଲା ଏହି

ବିବାଦର ସ୍ୱୟଂ ନିଷ୍ପତ୍ତି କରିଦେବେ । ସେ ହୃଦୟର ଭାବନାକୁ ପରଖି ନିଅନ୍ତି ଏବଂ ମନର ଅବସ୍ଥାକୁ ଜାଣିପାରି କାହା ହୃଦୟକୁ ଆଘାତ ଦେଇ ତା'ପ୍ରତି ଅତ୍ୟାଚାର କରିବା ଓ ମନ୍ଦ କଥା ପ୍ରଘଟ କରିବାକୁ ପସନ୍ଦ କରନ୍ତି ନାହିଁ । ସେ ନିଷ୍ପୃହ, ସେହି ହେଉଛି ଧର୍ମନିଷ୍ଠ ଓ ସଂଜମୀ, ଯିଏ ତାଙ୍କୁ ଭୟ କରେ । ମୋର ଏଥିରେ କିବା ଅପମାନ ହେବ, ଯଦି କେହି ମୋତେ କୁକୁର କହୁଛି ଅଥବା କାଫିର୍ ଓ ଦଜ୍ଜାଲ ରୂପେ ଅଭିହିତ କରୁଛି । ସତ କହିବାକୁ ଗଲେ ମଣିଷର କ'ଣ ବା ସମ୍ମାନ ଅଛି ? କେବଳ ତାଙ୍କରି ଦିବ୍ୟଜ୍ୟୋତିର ଛାୟା କାହା ଉପରେ ପଡ଼ିଲେ ତାକୁ ସମ୍ମାନପ୍ରାପ୍ତ ହୋଇଥାଏ । ଯଦି ସେ ମୋ ଉପରେ ପ୍ରସନ୍ନ ନୁହନ୍ତି ଏବଂ ମୁଁ ତାଙ୍କ ଦୃଷ୍ଟିରେ ନିକୃଷ୍ଟ, ତେବେ କୁକୁର ପରି କାହିଁକି କୁକୁର ଠାରୁ ମଧ୍ୟ ସହସ୍ର ଗୁଣ ନିକୃଷ୍ଟତମ ଜୀବ ହୋଇଯିବି ।

**ପାର୍ସି ପଦ୍ୟ :**

گرخدا ازبندۂ خوشنود نیست — ہیچ حیوانے چو او مردُود نیست
گرسگ نفس دنی را پروریم — ازسگانِ کوچہ ہا ہم کم تریم

اے خدا اے طالبان را رہنما — ایکہ مہر تو حیاتِ روح ما
بر رضائے خویش کن انجام ما — تا براید در دو عالم کام ما
خلق و عالم جملہ در شور و شراند — طالبانت در مقام دیگر اند
آن یکے را نورمے بخشی بدل — واں دِگر را می گزاری پابگل
چشم و گوش و دل زِ توگیرد ضیاء — ذات تو سرچشمۂ فیض و ہُدا

ଗରଖୁଦା ଅଜ୍ ବନ୍ଦେହ ଖୁଶ୍‌ନୁଦ ନେସ୍ତ୍
ହେଚ୍ ହୈୱାନେ ଚୁ ଅଓ ମରଦୁଦ ନେସ୍ତ୍ ।

ଗର୍ ସଗ୍ ନଫସେ ଦନୀ ରା ପରୱରିମ୍
ଅଜ୍ ସଗାନେ କୁଚାଏ ହା ହମ୍ କମ୍ ତରୀମ୍ ।

ଅଏ ଖୁଦା ଅଏ ତାଲବାନେ ରା ରହ୍‌ନୁମା
ଇକାଏ ମହର୍ ତୁ ହୟାତେ ରୁହ୍ ମା ।

ବର୍ ରଜାଏ ଖୱେଶ୍ କୁନ୍ ଅଞ୍ଜାମ ମା
ତା ବରାଏଦ୍ ଦର୍ ଦୋ ଆଲମ୍ କାମ୍ ମା ।

ଖୁଲ୍‌କ ଓ ଆଲମ୍ ଜୁମ୍‌ଲା ଦର୍ ଶୋର୍ ଓ ଶରାନ୍ଦ
ତାଲବାନତ୍ ଦର୍ ମକାମ ଦିଗର୍ ଅନ୍ଦ ।

ଆନ୍ ୟକେ ରା ନୁର୍ ମଏ ବଖ୍‌ଶୀ ବଦଲ୍
ଓ୍ୱାଁ ଦିଗର୍ ରା ମୀ ଗୁଜାରୀ ପାବଗଲ୍ ।

ଚଶ୍‌ମ ଓ ଗୋଶ୍ ଓ ଦିଲ୍ ଜେ ତୁ ଗୈରଦ୍ ଜିୟା
ଜାତ୍ ତୁ ସର୍‌ଚଶମାଏ ଫଏଜ୍ ଓ ହୁଦା ।

**ଅନୁବାଦ :**

'ଯଦି ଈଶ୍ୱର ଭକ୍ତ ଉପରେ ପ୍ରସନ୍ନ ନୁହନ୍ତି, ତେବେ ତା'ପରି କେହି ନିକୃଷ୍ଟ ଜୀବ ନାହାନ୍ତି ।'

'ଯଦି ଆମେ ନିଜର ହୀନ ଭାବନାକୁ ଚରିତାର୍ଥ କରିବାରେ ଲାଗି ରହିବା, ତେବେ ଆମେ ଗଳିକନ୍ଦିରେ ବୁଲୁଥିବା କୁକୁର ଠାରୁ ମଧ୍ୟ ନିକୃଷ୍ଟ ବୋଲାଇବା ।'

'ହେ ଈଶ୍ୱର, ହେ ଭକ୍ତମାନଙ୍କ ମାର୍ଗଦର୍ଶକ ! ତୁମ୍ଭ ପ୍ରେମ ହେଉଛି ଆମ ଜୀବନର ଆତ୍ମା ।'

'ତୁମ୍ଭେ ଆପଣା ପ୍ରସନ୍ନତାରେ ହିଁ ଆମର ଅନ୍ତ କରାଅ, ଯଦ୍ୱାରା ଦୁଇ ପୁରରେ ଆମ ମନବାଞ୍ଛା ପୂରଣ ହେବ ।'

'ସଂସାର ଓ ଏହାର ଅଧିବାସୀ ଉପଦ୍ରବ ଓ କୋଳାହଳରେ ମାତି ରହିଛନ୍ତି । କିନ୍ତୁ ତୁମ୍ଭ ପ୍ରେମରେ ନିମଜ୍ଜିତ ଲୋକ ଅନ୍ୟ ସ୍ଥାନରେ ବାସ କରନ୍ତି ।'

'ସେମାନଙ୍କ ମଧ୍ୟରୁ ଜଣେ ବ୍ୟକ୍ତିର ହୃଦୟକୁ ତୁମ୍ଭେ ଜ୍ୟୋତି ପ୍ରଦାନ କରୁଛ । ମାତ୍ର ଅନ୍ୟମାନଙ୍କୁ ପାପ ପଙ୍କରେ ଲୋଟି ରହିବା ପାଇଁ ଛାଡିଦେଉଛ ।'

'ଆଖି କାନ ଓ ହୃଦୟ ତୁମ୍ଭଠାରୁ ଜ୍ୟୋତି ପ୍ରାପ୍ତ କରିଥାନ୍ତି । ତୁମ୍ଭର ଅସ୍ତିତ୍ୱ ସତ୍‌ଶିକ୍ଷା ଓ କଲ୍ୟାଣର ମୁଖ୍ୟ ଉତ୍ସ ।'

ସୁତରାଂ ସର୍ବଶକ୍ତିମାନ ଈଶ୍ୱର ମୋର ହିଁ ଆଶ୍ରା ଭରସା । ମୁଁ ନିଜର ସମସ୍ତ କାର୍ଯ୍ୟ ତାଙ୍କୁ ହିଁ ସମର୍ପଣ କରୁଛି । ମାତ୍ର ଗାଳିଗୁଲଜ ବଦଳରେ ଗାଳିଦେବାକୁ ଚାହୁ ନାହିଁ, ନା ଆଉ କିଛି କହିବାକୁ ଚାହୁଛି, କିନ୍ତୁ ଜଣେ ଅଛି ଯେ କି କହିପାରିବ । ଦୁଃଖର ବିଷୟ ହେଉଛି ଯେ ଏହି ଲୋକମାନେ ସାମାନ୍ୟ କଥାକୁ ନେଇ ବହୁତ ଦୂରରେ ପକାଇଦେଲେ ଏବଂ ଈଶ୍ୱରଙ୍କୁ ଏକଥା ପାଇଁ ସାମର୍ଥ୍ୟବାନ ମନେ କଲେ

ନାହିଁ, ଯେ ସେ ଯାହା ଚାହିବେ ତାହା କରିବେ । ଏବଂ ଯାହାକୁ ଇଚ୍ଛା ଅବତାରୀ ପୁରୁଷ କରି ଛିଡା କରାଇଦେବେ । କ'ଣ ମନୁଷ୍ୟ ତାଙ୍କ ସହିତ ଲଢି ପାରିବ କିମ୍ବା ମନୁଷ୍ୟକୁ ତାଙ୍କ ଉପରେ ଆପତ୍ତି ଉଠାଇବାର ଅଧିକାର ଅଛି ଯେ ତୁମେ କାହିଁକି ଏପରି କଲ କିମ୍ବା କାହିଁକି ଏପରି କଲ ନାହିଁ ? କ'ଣ ସେ ଏକଥାର ସାମର୍ଥ୍ୟ ରଖୁନାହାନ୍ତି ଯେ, ଜଣକର ଶକ୍ତି ଓ ସ୍ୱଭାବ ଅନ୍ୟଠାରେ ଭରି ଦେଇପାରନ୍ତି ଏବଂ ଜଣକର ରଙ୍ଗ ଓ ଅବସ୍ଥା ଅନ୍ୟଠାରେ ଉତ୍ପନ୍ନ କରି ଦେଇପାରନ୍ତି ତଥା ଜଣକର ନାମ ଧରି ଅନ୍ୟକୁ ଡ଼ାକି ପାରନ୍ତି ? ଯଦି ମନୁଷ୍ୟ ଈଶ୍ୱରଙ୍କ ସର୍ବଶକ୍ତିମାନ ହେବା ପ୍ରତି ଆସ୍ଥା ରଖିଥାଏ, ତେବେ ସେ ତୁରନ୍ତ ଏଇ କଥାର ଉତ୍ତର ଦେବ ଯେ ହଁ, ନିଃସନ୍ଦେହରେ ପରାକ୍ରମୀ ଈଶ୍ୱର ପ୍ରତ୍ୟେକ ବିଷୟରେ ସାମର୍ଥ୍ୟ ରଖିଥାନ୍ତି । ନିଜର ବଚନ ଓ ନିଜର ଭବିଷ୍ୟତ ବାଣୀକୁ ଯେଉଁ ଉପାୟ ଓ ଢଙ୍ଗ ଅଥବା ଯେଉଁ ଶୈଳୀକୁ ବ୍ୟବହାରରେ ଆଣି ଯେମିତି ଚାହିବେ ପୂରଣ କରିପାରିବେ । ପାଠକଗଣ ! ନିଜେ ଥରେ ବିଚାର କରି ଦେଖନ୍ତୁ । **ଆସିବାକୁ ଥିବା ଯୀଶୁ**ଙ୍କ ବିଷୟରେ କୌଣସି ସ୍ଥାନରେ ଏପରି ମଧ୍ୟ ଉଲ୍ଲେଖ ଅଛି ଯେ, ସେ ବାସ୍ତବରେ ଇସ୍ରାଇଲୀୟ ସନ୍ତାନ ଓ ବାଇବେଲ ଗ୍ରନ୍ଥଧାରୀ ହେବ ? ବରଂ କହିବାକୁ ଗଲେ ହଦିସ ପୁସ୍ତକ **ବୁଖାରୀ** ଯାହା ପବିତ୍ର କୁରଆନ ପରେ ସବୁଠାରୁ ନିର୍ଭରଯୋଗ୍ୟ ପ୍ରାମାଣିକ ପୁସ୍ତକ ରୂପେ ବିବେଚିତ, ସେଥିରେ امامکم منکم **'ଇମାମୁକୁମ୍ ମିନ୍‌କୁମ୍'** ଅର୍ଥାତ 'ତୁମମାନଙ୍କ ଇମାମ ତୁମମାନଙ୍କ ମଧ୍ୟରୁ ହେବେ' ବୋଲି ଉଲ୍ଲେଖ ଅଛି । ଏହା ଯୀଶୁ ମସିହଙ୍କ ମୃତ୍ୟୁର ସାକ୍ଷ୍ୟ ବହନ କରିଛି, ଯାହାର ଆଖି ଅଛି ସେ ଦେଖିନେଉ । ହେ ନ୍ୟାୟବନ୍ତ ଲୋକମାନେ ! ଭାବିଚିନ୍ତି ଉତ୍ତର ଦିଅନ୍ତୁ ଯେ କ'ଣ ପବିତ୍ର କୁରଆନରେ କେଉଁଠାରେ ଏପରି ମଧ୍ୟ ଲେଖାଅଛି ଯେ କୌଣସି ଏକ ସମୟରେ କେହି ବାସ୍ତବ କ୍ଷେତ୍ରରେ କ୍ରୁଶକୁ ଭଙ୍ଗ କରିବେ, ଇସଲାମୀୟ ରାଜ୍ୟରେ ରହୁଥିବା ଅଣମୁସଲିମମାନଙ୍କୁ ବଧ କରିବେ ଏବଂ ଘୁଷୁରୀ ପଶୁକୁ ହତ୍ୟା କରିବାର ନୂଆ ଆଦେଶ ଆଣିଥିବେ ? ସେହିପରି ପବିତ୍ର କୁରଆନର କେତେକ ଆଦେଶକୁ ରଦ୍ଦ କରୁଥିବା ବ୍ୟକ୍ତି ରୂପେ ଜନ୍ମଗ୍ରହଣ କରିବେ ? ଏହାର ପଙ୍କ୍ତି

**ଅଲ ୟୌମା ଅକ୍‌ମଲ୍‌ତୁ ଲକୁମ୍ ଦୀନକୁମ୍** (ଅଲ୍ ମାଏଦା 5:4) اَلۡیَوۡمَ اَکۡمَلۡتُ لَکُمۡ دِیۡنَکُمۡ

ଅର୍ଥାତ 'ଆଜି ମୁଁ ତୁମମାନଙ୍କ ସକାଶେ ତୁମର ଧର୍ମକୁ ସମ୍ପୂର୍ଣ୍ଣ କରିଦେଲି'

**ହତ୍‌ତା ୟୁତୁଲ୍ ଜିଯ୍‌ୟତା ଅଇଁୟଦି** (ଅତ୍ ତୌବା 9:29) حَتّٰی یُعۡطُوا الۡجِزۡیَۃَ عَنۡ یَّدٍ

ଅର୍ଥାତ 'ଏପରିକି ସେମାନେ ଜିଜିୟା କର ଦେବାକୁ ଲାଗିବେ ।' ଏହି ଦୁଇଟି କୁରଆନ ପଙ୍କ୍ତି ନାକଚ ହୋଇଯିବ ଏବଂ ନୂତନ ଐଶୀବାଣୀ ସେ ସମୟରେ

କୁରଆନର ଦିବ୍ୟବାଣୀକୁ ବାତିଲ କରିଦେବ । ହେ ମୁସଲମାନ ସନ୍ତାନର ପରିଚୟ ଦେଉଥିବା ଲୋକମାନେ ! କୁରଆନର ଶତ୍ରୁ ହୁଅ ନାହିଁ ଏବଂ **ଖାତମୁନ୍ ନବୀୟନ୍** ଅର୍ଥାତ ଶ୍ରେଷ୍ଠତମ ଅବତାରଙ୍କ ଆସିବା ପରେ ଅବତାରତ୍ୱ ସମ୍ବନ୍ଧୀୟ ଦୈବୀବାଣୀର ନୂତନ ଧାରା ପ୍ରଚଳନ କର ନାହିଁ । ଏବଂ ସେହି ପରମେଶ୍ୱରଙ୍କ ଠାରେ ଟିକିଏ ଲଜ୍ଜା ଓ ସଂକୋଚ ବୋଧ କର, ଯାହା ସମ୍ମୁଖରେ ତୁମେ ଦିନେ ଉପସ୍ଥିତ ହେବ ।

ଅନ୍ତତଃ ମୁଁ ପାଠକମାନଙ୍କୁ ଜଣାଇ ଦେବାକୁ ଚାହୁଛି ଯେ ଯେଉଁ ପ୍ରସଙ୍ଗ ଉପରେ ମୌଲବୀ ନଜୀର ହୁସେନ ସାହେବ ଓ ତାଙ୍କ ଗୋଷ୍ଠୀ ଆମକୁ ଅବିଶ୍ୱାସକାରୀ ହେବାର ଫତଓ୍ୱା ଦେଇଛନ୍ତି, ମୋ ନାମ କାଫିର ଓ ଦଜ୍ଜାଲ ରଖିଛନ୍ତି ଓ ଏପରି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଛନ୍ତି ଯେ କୌଣସି ଭଦ୍ରବ୍ୟକ୍ତି ଅନ୍ୟ ଜାତିର ପ୍ରତିପକ୍ଷ ଲୋକଙ୍କ ପାଇଁ କେବେହେଲେ ତାହା ପ୍ରୟୋଗ କରିବାକୁ ପସନ୍ଦ କରିବେ ନାହିଁ । ସେମାନେ ଏପରି ଦାବୀ ମଧ୍ୟ କରିଛନ୍ତି ଯେପରିକି ଧରିନିଅ ଯେ, ଏପରି ତଥ୍ୟାବଳୀର ଉଲ୍ଲେଖ ମୋ ପୁସ୍ତକ **ତୌଜିହ ମରାମ** ଓ **ଇଯାଲା ଅଓ୍ୱହାମ**ରେ ରହିଛି । ଯଦି ଈଶ୍ୱରଙ୍କ ଇଚ୍ଛା ଥାଏ, ମୁଁ ଅତିଶୀଘ୍ର ଏକ ସ୍ଥାୟୀ ପୁସ୍ତକରେ ସେ ସମସ୍ତ ତଥ୍ୟ ଯାହା ଉପରେ ଅଭିଯୋଗ କରାଯାଉଛି, ତାହାର ଉଲ୍ଲେଖ କରି ନ୍ୟାୟକାର୍ତ୍ତାଙ୍କ ସମ୍ମୁଖରେ ରଖିବି ଯେ କ'ଣ ବାସ୍ତବରେ ମୁଁ ଇସଲାମର ମୌଳିକ ସିଦ୍ଧାନ୍ତରୁ ମୁହଁ ଫେରାଇ ନେଇଛି ଅଥବା ସେମାନଙ୍କର ଆଖି ଉପରେ ପରଦା ପଡିଯାଇଛି ଓ ତାହାଙ୍କ ହୃଦୟରେ ମୋହର ମାରି ଦିଆଯାଇଛି । ଯାହାର ଫଳସ୍ୱରୂପ ଏମାନେ ଜ୍ଞାନବନ୍ତ ହୋଇଥିବାର ଦାବୀ କରିବା ସତ୍ତ୍ୱେ ସତ୍ୟତାକୁ ପରଖି ପାରୁନାହାନ୍ତି । ଏମାନେ ସେହି ନଦୀବନ୍ଧ ସଦୃଶ ହୋଇ ଯାଇଛନ୍ତି, ଯାହା ଅଚାନକ ଭାଙ୍ଗି ଚତୁର୍ଦ୍ଦିଗରେ ବନ୍ୟା ସୃଷ୍ଟି କରେ ଏବଂ ଲୋକମାନଙ୍କର ଗତିପଥରେ ବାଧକ ସାଜେ । ମନେରଖ ! ଶେଷରେ ଏହି ଲୋକମାନେ ଅତ୍ୟନ୍ତ ଲଜ୍ଜିତ ଓ ଅପମାନିତ ହୋଇ ନିଜ ମୁହଁ ବନ୍ଦ କରିଦେବେ । ଏବଂ ଅବିଶ୍ୱାସର ଉତ୍ତେଜିତ ଭାବନାକୁ  ପରିତ୍ୟାଗ କରି ଏପରି ଶୀତଳ ପଡ଼ିଯିବେ ଯେପରିକି କୌଣସି ବ୍ୟକ୍ତି ଜଳୁଥିବା ନିଆଁ ଉପରେ ପାଣି ପକାଇ ଦିଏ । ଏହା ହିଁ  ମନୁଷ୍ୟର ବୁଦ୍ଧି ଓ ପାରଙ୍ଗମ ହେବାର ପରିଚୟ ଦିଏ ଯେ କୌଣସି ବିଷୟ ତାକୁ ବୁଝାଇବା ପୂର୍ବରୁ ସେ ନିଜେ ବୁଝିଯିବା ଉଚିତ । ଅତ୍ୟଧିକ ବୁଝାଇବା ପରେ ଯଦି ସେ ବୁଝିଲା ତେବେ କ'ଣ ବୁଝିଲା ? ଅନେକ ବ୍ୟକ୍ତିଙ୍କ ପାଇଁ ସେହି ସମୟ ଶୀଘ୍ର ଉପଗତ ହେବ ଯେ ଅବିଶ୍ୱାସକାରୀ ରୂପେ ଲାଞ୍ଛନା ଦେବା ଓ ଗାଳିଗୁଲଜ କରି ସାରିବା ପରେ ମୋତେ ସେମାନେ ଗ୍ରହଣ କରିବେ । ମନ୍ଦ

ଧାରଣାର ବଶବର୍ତ୍ତୀ ହେବା ପରେ ଓ ମୋର କୁସ୍ଥାରଚନା କରିସାରିବା ପରେ ପୁଣି ସେମାନଙ୍କର ସତ୍ୟ ଭାବନା ସୃଷ୍ଟି ହେବ । କିନ୍ତୁ କାହିଁ ଗଲା ସେହି ପ୍ରଥମ କଥା ଓ କାହିଁ ଏବେକାର ବିଷୟ ।

اکنوں ہزار عذر بیاری گناہ را مرشوی کردہ را نبود زیب دختری

**ଅକନୁଁ ହଜାର ଉଜର୍ ବିୟାରି ଗୁହ୍ନା ରା**
**ମରଶୱି କରଦାଃ ରା ନବୁଦ୍ ଜେବ ଦୁଖ୍ତରୀ**

ଅର୍ଥାତ 'ଏବେ ତୁ ନିଜର ଭୁଲ ପାଇଁ ହଜାରେ ବାହାନା କଲେ କିସ ହେବ ? ବିବାହିତା ମହିଳା ପକ୍ଷେ କୁମାରୀତ୍ୱର ଦାବୀ କରିବା ଶୋଭା ଦିଏ ନାହିଁ ।'

ସୁତରାଂ ହେ ମୋର ପ୍ରିୟ ଜାତି ! ଏହି ସମୟକୁ ଈଶ୍ୱରଙ୍କ ବରଦାନ ସ୍ୱରୂପ ମନେକର । ତୁମର ଏପରି ଭାବନା ଠିକ୍ ନୁହେଁ ଯେ ଏହି ଶତାବ୍ଦୀର ପ୍ରାରମ୍ଭରେ ସ୍ୱର୍ଗ ଓ ମର୍ତ୍ତ୍ୟର ଈଶ୍ୱର ନିଜ ସମୀପରୁ କୌଣସି ସୁଧାରକ ପଠାଇ ନାହାନ୍ତି । ବରଂ କାଫିର୍ ଓ ଦଜ୍ଜାଲକୁ ପଠାଇଛନ୍ତି, ଯେମିତିକି ପୃଥିବୀରେ ଉପଦ୍ରବ ବ୍ୟାପିବ । ହେ ମୋ ଜାତିର ଲୋକମାନେ ! ଦିବ୍ୟ ଅବତାର ହଜରତ ମୁହମ୍ମଦ[ସଅ]ଙ୍କ ଭବିଷ୍ୟତବାଣୀର ମାନମହତ ରଖ, ଈଶ୍ୱରଙ୍କୁ ଭୟ କର ଓ ତାଙ୍କ ଉପକାରକୁ କୁଠାରାଘାତ କର ନାହିଁ ।

غافل مشوگر عاقلی در یاب گر صاحبدلی شاید کہ نتواں یافتن دیگر چنیں ایام را

**ଗାଫିଲ୍ ମଶୌଗର୍ ଆକଲି ଦରୟାବ୍ ଗର୍ ସାହବଦଲୀ**
**ସାୟଦ କେ ନତ୍ୱାଁ ୟା ଫିତନେ ଦିଗର୍ ଚୁନି ଅୟାମରା**

ଅର୍ଥାତ 'ଯଦି ତୁମେ ବୁଦ୍ଧିମାନ ହୋଇଥାଅ ତେବେ ବିମୁଖ ହୁଅ ନାହିଁ । ବୋଧହୁଏ ଏପରି ଦିନ ଆଉ ତୁମକୁ କେବେ ମିଳିପାରିବ କି ନାହିଁ ।'

ଯିଏ ସତ୍‌ପଥଗାମୀ ତାହା ଉପରେ ଶାନ୍ତି ଓ ନିରାପତ୍ତା ବିରାଜିତ ହେଉ ।

**ଟିପ୍ପଣୀ:** ଉଲ୍ଲିଖିତ ପୁସ୍ତକ ୨୭ ଡ଼ିସେମ୍ବର ୧୮୯୧ ମସିହା ଦିନ ଜୁହର ନମାଜ ପରେ କାଦିୟାନର ବଡ଼ ମସଜିଦ୍‌ରେ ଏକ ବିଶାଳ ସଭାରେ ମୌଲବୀ ଅବ୍ଦୁଲ କରିମ ସାହେବ ସିଆଲକୋଟୀ ପାଠ କରି ଶୁଣାଇଥିଲେ । ଏହା ଶେଷ ହେବା ପରେ ଉପସ୍ଥିତ ଜନତା ସମ୍ମୁଖରେ ଏହି ମତବ୍ୟକ୍ତ କରାଗଲା ଯେ କେଉଁ ଲୋକମାନେ କମିଟିର ସଦସ୍ୟ ହୋଇପାରିବେ ଓ ସେମାନଙ୍କ କାର୍ଯ୍ୟକ୍ରମ କିପରି ଆରମ୍ଭ ହେବ । ନିମ୍ନରେ ପ୍ରଦତ୍ତ ଉପସ୍ଥିତ ସଜ୍ଜନଗଣ କେବଳ ଉପରୋକ୍ତ ବିଷୟ ଉପରେ ବିଚାର ବିମର୍ଶ କରିବା ପାଇଁ ଆସିଥିଲେ, ଯେଉଁମାନେ ସର୍ବସମ୍ମତି କ୍ରମେ ଏହି ମତ

ଦେଲେ ଯେ ପ୍ରଥମେ ଉପରୋକ୍ତ ପୁସ୍ତକ ପ୍ରକାଶ ପାଉ ଓ ବିରୋଧି ଦଳଙ୍କ ବିଚାର ଜଣା ପଡ଼ିଯିବା ପରେ ଦୁଇପକ୍ଷର ସହମତି କ୍ରମେ ସଦସ୍ୟମାନଙ୍କର ଏକ କମିଟି ଗଠନ ହେବ ଓ ଯଥାରୀତି କାର୍ଯ୍ୟକ୍ରମ ଆରମ୍ଭ କରାଯିବ । ସେହି ସହଚରମାନଙ୍କ ଶୁଭ ନାମ ଏହିପରି :

(୧) ମୁନଶୀ ମୁହମ୍ମଦ ଆରୋଢ଼େ ସାହେବ, କପୁରଥଲା ନିବାସୀ, ମାଜଷ୍ଟ୍ରେଟଙ୍କ କାର୍ଯ୍ୟାଳୟର ନକସା ଅଙ୍କନକାରୀ । ଏବଂ ମୁନଶୀ ମୁହମ୍ମଦ ଅବଦ୍ଧୁର ରହେମାନ ସାହେବ କପୁରଥଲା ନିବାସୀ, କାର୍ଯ୍ୟାଳୟ ଲିପିକାର ।

(୨) ମୁନଶୀ ମୁହମ୍ମଦ ହବିବୁର ରହେମାନ ସାହେବ, ପ୍ରଧାନ କପୁରଥଲା ।

(୩) ମୁନଶୀ ଜଫର ଅହମଦ ସାହେବ, ଅପିଲ ଲେଖକ କପୁରଥଲା ।

(୪) ମୁନଶୀ ମୁହମ୍ମଦ ଖାନ୍ ସାହେବ, ଫୌଜଦାରୀ ବିଭାଗ, କପୁରଥଲା ।

(୫) ମୁନଶୀ ସରଦାର ଖାନ୍ ସାହେବ, କୋର୍ଟ ଦଫାଦାର୍, କପୁରଥଲା ।

(୬) ମୁନଶୀ ଇମଦାଦ ଅଲୀ ଖାନ୍ ସାହେବ, ଶିକ୍ଷା ବିଭାଗ ଲେଖପାଳ, କପୁରଥଲା ।

(୭) ମୌଲବୀ ମୁହମ୍ମଦ ହୁସୈନ ସାହେବ, କପୁରଥଲା ।

(୮) ହାଫିଜ୍ ମୁହମ୍ମଦ ଅଲୀ ସାହେବ, କପୁରଥଲୀ ।

(୯) ମିର୍ଜା ଖୁଦା ବଖଶ୍ ସାହେବ, ଅଧ୍ୟାପକ, ନବାବ ମାଲେରକୋଟଲା ।

(୧୦) ମୁନଶୀ ରୁସ୍ତମ ଅଲୀ ସାହେବ, ଡ଼େପୁଟୀ ଇନସ୍ପେକ୍ଟର ପୁଲିସ ରେଲୱେ, ଲାହୋର ।

(୧୧) ଡ଼େପୁଟି ହାଜି ସୟଦ ଫତହ ଅଲୀ ସାହେବ, ଡ଼େପୁଟି କଲେକଟର୍ ଅନହାର ।

(୧୨) ହାଜୀ ଖ୍ୱାଜା ମୁହମ୍ମଦୀନ ସାହେବ, ରଇସ ଲାହୋର ।

(୧୩) ମିଆଁ ମୁହମ୍ମଦ ଚଟ୍ଟୁ ସାହେବ, ଲାହୋର ।

(୧୪) ଖଲିଫା ରଜବୁଦ୍ଦୀନ ସାହେବ, କ୍ଲର୍କ ଏକଜାମିନର ଅଫିସ୍, ଲାହୋର ।

(୧୫) ମୁନଶୀ ତାଜୁଦ୍ଦୀନ ସାହେବ, ଏକାଉଣ୍ଟାଣ୍ଟ ଅଫିସ, ଏକଜାମିନର ଲାହୋର

(୧୬) ମୁନଶୀ ନବୀ ବଖସ୍ ସାହେବ, କ୍ଲର୍କ ଅଫିସ୍ ଏଗଜାମିନର, ଲାହୋର ।

(୧୮) ମୌଲବୀ ରହିମୁଲ୍ଲା ସାହେବ, ଲାହୋର ।

(୧୯) ମୌଲବୀ ଗୁଲାମ ହୁସେନ ସାହେବ, ଇମାମ ମସଜିଦ୍ ଗୁସଟୀ, ଲାହୋର ।

(୨୦) ମୁନଶୀ ଗୁଲାମ ହୁସେନ ସାହେବ, ଇମାମ ମସଜିଦ୍ ଲାହୋର ।

(୨୧) ମୌଲବୀ ଅବଦ୍ଧୁର ରହେମାନ ସାହେବ, ମସଜିଦ୍ ଲାହୋର ।

(୨୨) ମୁନଶୀ କରମ ଇଲାହୀ ସାହେବ, ଲାହୋର ।
(୨୩) ସୟଦ ନାସିର ଶାହ ସାହେବ, ଓଭରସିୟର ।
(୨୪) ହାଫିଜ୍ ମୁହମ୍ମଦ ଅକବର ସାହେବ, ଲାହୋର
(୨୫) ମୌଲବି ଗୁଲାମ କାଦୀର ସାହେବ, ଫସିହ୍ ମାଲିକ ଓ ପ୍ରବନ୍ଧକ ପଞ୍ଜାବ ପ୍ରେସ ଓ ମ୍ୟୁନିସିପାଲ କମିଶନର, ସିଆଲକୋଟ ।
(୨୬) ମୌଲବି ଅବଦ୍ଧୁଲ କରୀମ ସାହେବ, ସିଆଲକୋଟ ।
(୨୭) ମୀର ହାମୀଦ ଶାହ ସାହେବ, କ୍ଷତିପୂରଣ ରାଶି ହିସାବ ରକ୍ଷକ, ସିଆଲକୋଟ
(୨୮) ମୀର ମୁହମ୍ମଦ ସାହେବ, ନକଲ ପ୍ରସ୍ତୁତକାରୀ, ସିଆଲକୋଟ ।
(୨୯) ହକିମ ଫଜଲଦ୍ଦୀନ ସାହେବ, ଜାଗୀରଦାର ଭୈରା ।
(୩୦) ମିଆଁ ନଜମୁଦ୍ଦୀନ ସାହେବ, ରଇସ ଭୈରା ନଗରପାଳିକା ।
(୩୧) ମୁନସୀ ଅହମଦୁଲ୍ଲା ସାହେବ, ମୁହସିଲ ପରମିଟ ବିଭାଗ, ଜମ୍ମୁ ।
(୩୨) ସୟଦ ମୁହମ୍ମଦ ଶାହ ସାହେବ, ରଇସ ଜମ୍ମୁ ।
(୩୩) ମିସ୍ତ୍ରୀ ଉମରଦ୍ଦୀନ ସାହେବ, ଜମ୍ମୁ ।
(୩୪) ମୌଲବୀ ନୁରୁଦ୍ଦୀନ ସାହେବ, ହକୀମ ସ୍ୱତନ୍ତ୍ର ରିୟାସତ ଜମ୍ମୁ ।
(୩୫) ଖଲିଫା ନୁରୁଦ୍ଦୀନ ସାହେବ, ଲେଖକ ଜମ୍ମୁ ।
(୩୬) କାଜି ମୁହମ୍ମଦ ଅକବର ସାହେବ, ଭୂତପୂର୍ବ ତହସିଲଦାର, ଜମ୍ମୁ ।
(୩୭) ଶେଖ ମୁହମ୍ମଦ ଜାନ ସାହେବ, କର୍ମଚାରୀ ରାଜା ଅମର ସିଂ ସାହେବ, ଓ୍ୱଜୀରାବାଦ ।
(୩୮) ମୌଲବୀ ଅବଦ୍ଧୁଲ କାଦୀର ସାହେବ, ଅଧ୍ୟାପକ ଜମାଲପୁର ।
(୩୯) ଶେଖ ରହେମାନ ସାହେବ, ମ୍ୟୁନିସିପାଲ କମିଶନର ଗୁଜରାଟ ।
(୪୦) ଶେଖ ଅବଦ୍ଧୁଲ ରହେମାନ ସାହେବ, ବି.ଏ ଗୁଜରାଟ ।
(୪୧) ମୁନଶୀ ଗୁଲାମ ଅକବର ସାହେବ, Orphan cleark, ପରୀକ୍ଷକ ଅଫିସ, ଲାହୋର ।
(୪୨) ମୁନଶୀ ଦୋସ୍ତ ମୁହମ୍ମଦ ସାହେବ, ସରଜେଣ୍ଟ ପୋଲିସ ବିଭାଗ, ଜମ୍ମୁ ।
(୪୩) ମୁଫ୍‌ତୀ ଫଜଲୁର ରହେମାନ ସାହେବ, ରଇସ ଜମ୍ମୁ ।
(୪୪) ମୁନସୀ ଗୁଲାମ ମୁହମ୍ମଦ ସାହେବ, ପିତା ମୌଲବୀ ଦ୍ଦୀନ ମୁହମ୍ମଦ ସାହେବ, ଲାହୋର ।
(୪୫) ସାଇଁ ଶେରସାହ ସାହେବ, ସିଦ୍ଧପୁରୁଷ, ଜମ୍ମୁ ।
(୪୬) ସାହେବଜାଦା ଇଫ୍‌ତିଖାର ଅହମଦ ସାହେବ, ଲୁଧିୟାନା ।

(୪୭) କାଜି ଖ୍ୱାଜା ଅଲୀ ସାହେବ, ଠିକାଦାର ଶିକରମ, ଲୁଧିୟାନା
(୪୮) ହାଫିଜ୍ ନୁର ଅହମଦ ସାହେବ, ପଶମ କାରଖାନା, ଲୁଧିୟାନା ସହର
(୪୯) ପ୍ରିନସ୍ ହାଜୀ ଅବ୍ଦୁଲ ମାଜୀଦ ସାହେବ ଲୁଧିୟାନା,
(୫୦) ହାଜୀ ଅବଦ୍ଦୁର ରହେମାନ ସାହେବ, ଲୁଧିୟାନା
(୫୧) ଶେଖ ଶାହାବୁଦ୍ଦୀନ ସାହେବ, ଲୁଧିୟାନା
(୫୨) ହାଜୀ ନିଜାମୁଦ୍ଦୀନ ସାହେବ ଲୁଧିୟାନା
(୫୩) ଶେଖ୍ ଅବଦ୍ଦୁଲ୍ ହକ୍ ସାହେବ, ଲୁଧିୟାନା
(୫୪) ମୌଲବୀ ମୋହକମୁଦ୍ଦୀନ ସାହେବ, ମୁଖ୍ତାର, ଅମୃତସହର
(୫୫) ଶେଖ ନୁର୍ ଅହମଦ ସାହେବ, ମାଲିକ ରିୟାଜ୍ ହିନ୍ଦ ପ୍ରେସ୍, ଅମୃତସହର
(୫୬) ମୁନସୀ ଗୁଲାମ ମୁହମ୍ମଦ ସାହେବ, ଲିପିକାର, ଅମୃତସହର
(୫୭) ମିଆଁ ଜମାଲୁଦ୍ଦୀନ ସାହେବ, ମୌଜା ସେଖଓ୍ୱାଁ
(୫୮) ମିଆଁ ଇମାମୁଦ୍ଦୀନ ସାହେବ, ମୌଜା ସେଖଓ୍ୱାଁ
(୫୯) ମିଆଁ ଖୈରୁଦ୍ଦୀନ ସାହେବ, ମୌଜା ସେଖଓ୍ୱାଁ
(୬୦) ମୌଲବୀ ମୁହମ୍ମଦ ଇସା ସାହେବ, ଅଧ୍ୟାପକ ନୌଶହରା
(୬୧) ମିଆଁ ଚିରାଗଅଲି ସାହେବ, ଥିହ ଗୁଲାମ ନବୀ ନିବାସୀ
(୬୨) ଶେଖ୍ ଶହାବୁଦ୍ଦୀନ ସାହେବ, ଥିହ ଗୁଲାମ ନବୀ ନିବାସୀ
(୬୩) ମିଆଁ ଅବଦ୍ଦୁଲାଃ ସାହେବ, ସୋହଲ ନିବାସୀ
(୬୪) ଦାରୋଗା ନ୍ୟାମତ୍ ଅଲୀ ସାହେବ, ହାଶମୀ ଅବ୍ବାସୀ ବଟାଲଓ୍ୱି
(୬୫) ହାଫିଜ୍ ହାମୀଦ ଅଲୀ ସାହେବ, ମୁଲାଜିମ୍ ମିର୍ଜା ସାହେବ
(୬୬) ହକୀମ ଜାନ ମୁହମ୍ମଦ ସାହେବ, ଇମାମ ମସଜିଦ୍ କାଦିୟାନ
(୬୭) ମିର୍ଜା ଇସମାଇଲ୍ ବେଗ୍ ସାହେବ, କାଦିୟାନୀ
(୬୮) ମିଆଁ ବୁଡ୍ଢେ ଖାନ୍ ସାହେବ, ନମ୍ବରଦାର ବେରୀ
(୬୯) ମିର୍ଜା ମୁହମ୍ମଦ ଅଲୀ ସାହେବ, ରଇସ ପଟ୍ଟୀ
(୭୦) ହାଫିଜ୍ ଅବଦ୍ଦୁର ରହେମାନ୍ ସାହେବ, ସେହିୟାଁ ନିବାସୀ
(୭୧) ବାବୁ ଅଲୀ ମୁହମ୍ମଦ ସାହେବ, ରଇସ ବଟାଲା
(୭୨) ଶେଖ୍ ମୁହମ୍ମଦ ଉମର ସାହେବ, ପିତା ହାଜୀ ଗୁଲାମ ମୁହମ୍ମଦ ସାହେବ, ବଟାଲା

# ଡ଼ାକ୍ତର ଜଗନ୍ନାଥ ସାହେବ, ଜମ୍ମୁ ରାଜ୍ୟ କର୍ମଚାରୀଙ୍କୁ ଐଶ୍ୱରିକ ନିଦର୍ଶନ ପ୍ରତି ଆହ୍ୱାନ

ମୋର ଅନ୍ତରଙ୍ଗ ବନ୍ଧୁ ତଥା ଜଣେ ଧର୍ମାନୁରକ୍ତ ଭାଇ ହଜରତ ମୌଲବୀ ହକିମ୍ ନୁରୁଦ୍ଦୀନ ସାହେବ ଈଶ୍ୱରଙ୍କ ଆଜ୍ଞାଧୀନରେ ନିଜର ପ୍ରାଣୋତ୍ସର୍ଗ କରିପାରୁଥିବା ସିଦ୍ଧପୁରୁଷ ତଥା ରାଜବୈଦ୍ୟ, ଜମ୍ମୁ ରିୟାସତର ବାସିନ୍ଦା ଦିନାଙ୍କ ୭ ଜାନୁୟାରୀ ୧୮୯୨ ମସିହାରେ ଏହି ବିନୀତଙ୍କ ନିକଟକୁ ଖଣ୍ଡେ ପତ୍ର ପଠାଇଛନ୍ତି ଯାହାର କୀୟଦଂଶ ନିମ୍ନରେ ପ୍ରଦତ୍ତ ହେଉଛି :

"ଅତି ବିନୀତ ନୁରୁଦ୍ଦୀନଙ୍କ ନିକଟରୁ ମହାମହୀମ ଯୁଗାବତାର ହଜରତ ମସିହ ମଉଦ (ତାଙ୍କ ପ୍ରତି ଅଲ୍ଲାହ୍‌ଙ୍କ କରୁଣା ଅବତୀର୍ଣ୍ଣ ହେଉ)ଙ୍କ ସେବାରେ ଶିଷ୍ଟତାପୂର୍ଣ୍ଣ ନିବେଦନ କରୁଛି ଯେ ଦୀନ ଦରିଦ୍ରଙ୍କ ପ୍ରତି ପରମ ଦୟାଳୁ ପୁରୁଷଙ୍କ ଶ୍ରୀଛାମୁରେ ଏଇ ଦିନକ ପୂର୍ବରୁ ପତ୍ରଟିଏ ପ୍ରେରଣ କରିଥିଲି । ତାହା ଉତ୍ତାରେ ଏହି ଜମ୍ମୁରେ ଏକ ଦୁର୍ବୃତ୍ତ ପ୍ରବଣ ଉପଦ୍ରବର ଖବର ପହଞ୍ଚିଲା, ଯାହାକୁ ଲେଖିବା ଆବଶ୍ୟକ ମନେକରି ବିସ୍ତାରପୂର୍ବକ ଆପଣଙ୍କ ସେବାରେ ଲେଖିବା ପାଇଁ ଉଚିତ ମନେକଲି ।

'ଇଜାଲା ଅଓ୍ୱହାମ୍' ପୁସ୍ତକରେ ମହାଭାଗ ଡ଼ାକ୍ତର ଜଗନ୍ନାଥଙ୍କ ସମ୍ବନ୍ଧରେ ଲେଖିଛନ୍ତି ଯେ, ସେ ପରାଙ୍ମୁଖ ହୋଇ ଆମଠାରୁ ଦୂରେଇ ଯାଇଛନ୍ତି । ଅଦ୍ୟାବଧି ଡ଼ାକ୍ତର ସାହେବ ଏପରି ଅନେକ ଲୋକଙ୍କୁ ଯେଉଁମାନେ ଏହି ବିଷୟରେ ପୂର୍ବରୁ ଅବଗତ ଥିଲେ, କହିଛନ୍ତି ଯେ କାଳିରେ ଏକଥା ଲେଖାଅଛି 'ଲାଲ୍ ସ୍ୟାହିରେ ଏହା ଉପରେ କଲମ ଚଳାଇ ଦିଅ' ଏହି କଥାକୁ ମୁଁ କେବେ ଏଡାଇ ଦେଇ ନାହିଁ ନା ମୁଁ କୌଣସି ବିଶେଷ ଚିହ୍ନର ତାଙ୍କଠାରୁ ଆଶା ରଖିଛି । ମୃତକକୁ ଜୀବିତ କରିବା ମୋର ମାଗୁଣୀ ନୁହେଁ କିମ୍ବା ଶୁଷ୍କ ବୃକ୍ଷ ପୁଣିଥରେ ସବୁଜ ହେବାର କାମନା କରି ନାହିଁ । ଅର୍ଥାତ କୌଣସି ବୈଶିଷ୍ଟ୍ୟ ବିନା ଚିହ୍ନଟିଏ ଦେଖିବାକୁ ଚାହୁଛି ଯାହା ମାନବୀୟ ଶକ୍ତି ବହିର୍ଭୂତ ହୋଇଥିବ ।"*

---

***ନୋଟ:** ହଜରତ ମୌଲବୀ ସାହେବଙ୍କ ଶ୍ରଦ୍ଧାପୂର୍ଣ୍ଣ ବିଶେଷ ପତ୍ରର କେତେକ ପଙ୍କ୍ତି ଏଠାରେ ଉଲ୍ଲେଖ କରୁଛି, ଯାହାକୁ ଧ୍ୟାନପୂର୍ବକ ପାଠ କରିବା ଉଚିତ । ଯେପରିକି ଜ୍ଞାତ ହେବ ଯେ କେତେଦୂର ପର୍ଯ୍ୟନ୍ତ ଈଶ୍ୱରଙ୍କ କରୁଣାରୁ ତାହାଙ୍କୁ ପରମ ସନ୍ତୋଷ, ସତ୍ୟରେ ଦୃଢତା ଓ ସଂପୂର୍ଣ୍ଣ ବିଶ୍ୱାସ ପ୍ରଦାନ କରାଇଛି । ସେହି ବାକ୍ୟଗୁଡିକ ଏଠାରେ ଉଲ୍ଲେଖଯୋଗ୍ୟ ।

ମାନ୍ୟବର ମିର୍ଜା ସାହେବଜୀ ମୋତେ ନିଜ ଚରଣରେ ସ୍ଥାନ ଦିଅନ୍ତୁ । ମୁଁ ଈଶ୍ୱରଙ୍କ ପ୍ରସନ୍ନତା କାମନା କରୁଛି ଓ ଯେଉଁ ଉପାୟରେ ସେ ପ୍ରସନ୍ନ ହୋଇପାରିବେ ସେଥିପାଇଁ ମୁଁ ପ୍ରସ୍ତୁତ ଅଛି । ଯଦି ଆପଣଙ୍କ ମିଶନ୍‌କୁ ମାନବ ରକ୍ତରେ ସିଞ୍ଚନ କରିବାର ଆବଶ୍ୟକତା ଅଛି, ତେବେ ଏହି ଅଧମ (ମାତ୍ର ସ୍ନେହୀ ମନୁଷ୍ୟ) ଚାହୁଛି କି ସେହି ମହାନ କାର୍ଯ୍ୟରେ ନିଜକୁ ନିୟୋଜିତ କରୁ । ଯଦ୍ୱାରା ଏହି କାର୍ଯ୍ୟର ପ୍ରତିଫଳ ଈଶ୍ୱର ପ୍ରଦାନ କରନ୍ତେ ।

ହଜରତ ମୌଲବୀ ସାହେବ ଯେଉଁ ବିନମ୍ରତା, ଶିଷ୍ଟାଚାର ଓ ଆତ୍ମୋତ୍ସର୍ଗର ଭାବନା ତଥା ଧନଦୌଲତ, ମାନସମ୍ମାନ ତ୍ୟାଗ କରିବାରେ ଲାଗିଛନ୍ତି, ତାହା ସେ ନିଜେ କହୁନାହାନ୍ତି, ବରଂ ତାଙ୍କ ଆତ୍ମା କହୁଛି । ବାସ୍ତବରେ ଆମେ ସେହି ସମୟରେ ସତ୍ୟନିଷ୍ଠ ଭକ୍ତ ବୋଲାଇ ପାରିବା, ଯେଉଁ ତ୍ୟାଗପୁତ ଭାବନା ତଥା ବଦାନ୍ୟତା ଈଶ୍ୱର ଆମକୁ ପ୍ରଦାନ କରିଛନ୍ତି, ଆମେ ତାହା ତାଙ୍କୁ ଲେଉଟାଇ ପାରିବା କିମ୍ବା ପ୍ରତ୍ୟାର୍ପଣ କରିବା ପାଇଁ ସଦା ପ୍ରସ୍ତୁତ ରହିବା । ଆମର ପ୍ରାଣ ତାଙ୍କରି ଅନୁଗ୍ରହର ଏକ ପ୍ରତୀକ । ସେ କହିଛନ୍ତି:

**ତୁଅଦ୍ଦୁଲ୍ ଅମାନାତି ଇଲା ଅହ୍‌ଲିହା** (ଅନ୍ ନିସା 4:59) تُؤَدُّوا الْاَمٰنٰتِ اِلٰۤی اَهۡلِهَا

ଅର୍ଥାତ 'ତୁମ ନିକଟରେ ଥିବା ଅମାନତକୁ ତୁମେ ତାହାର ହକଦାରକୁ ଫେରସ୍ତ କର ।'

سر کہ نہ در پائے عزیزش رود     بارِ گران ست کشیدن بدوش

**ସରକେ ନା ଦର୍‌ପାଏ ଅଜୀଜଶ୍ ରଓ୍ୱଦ୍ ବାରେ ଗିରାଁ ଅସ୍ତ୍ କଶୀଦନ୍ ବଦୋଶ୍**

ଅର୍ଥାତ 'ସେହି ଶୀର ଯାହା ତାଙ୍କ ଶ୍ରୀଚରଣରେ ପଡ଼େ ନାହିଁ, ତାକୁ ମରୋଣତ୍ତର ଭାବେ କାନ୍ଧରେ ପକାଇ ବୁଲିବାର ଭାର ଅସହନୀୟ ।'

*(ପଞ୍ଜାବ ଗେଜେଟ୍, ସିଆଲ୍‌କୋଟ, ଅଞ୍ଜୁମନ ହିମାୟତେ ଇସଲାମ ଲାହୋର ପତ୍ରିକା, ନିଜାମୁଲ୍ ହିନ୍ଦ ଲାହୋର, ଅଖବାର-ଏ- ଆମ୍ ଲାହୋର, ନୁର ଅଫଶାଁ, ଲୁଧିୟାନା ।)*

ବର୍ତ୍ତମାନ ପାଠକମାନଙ୍କ ପ୍ରତି ଏହାର ସ୍ପଷ୍ଟ ପରିପ୍ରକାଶ ହେଉ ଯେ ପ୍ରଥମେ ଡ଼ାକ୍ତର ମହୋଦୟ ନିଜର ଏକ ପତ୍ରରେ ସ୍ୱର୍ଗୀୟ ନିଦର୍ଶନକୁ ବିଶେଷ ରୂପେ ଦେଖିବା ପାଇଁ ଇଚ୍ଛା ପ୍ରକଟ କରିଥିଲେ, ଯେପରିକି ମୃତ୍ୟୁକୁ ଜୀବନ ଦାନ କରିବା ଇତ୍ୟାଦି । ସେହି ପରିପ୍ରେକ୍ଷୀରେ ତାଙ୍କ ସେବାରେ ପତ୍ର ଲେଖାଗଲା ଯେ ସ୍ୱତନ୍ତ୍ର ରୂପେ କୌଣସି ଅଲୌକିକ ଚିହ୍ନ ମାଗିବା ଅନୁଚିତ । ଈଶ୍ୱର ନିଜର ସଂକଳ୍ପ ଓ ଅଦୃଶ୍ୟ ଭେଦ ଅନୁଯାୟୀ ନିଦର୍ଶନ ଦେଖାଇଥାନ୍ତି । ଯଦି ସେ ନିଦର୍ଶନର ଚମତ୍କାରୀତା ପ୍ରଦର୍ଶନ

କରନ୍ତି ଏବଂ ତାକୁ ହିଁ ଯଦି ଅଲୌକିକ ଚିହ୍ନ କୁହାଯାଏ ଯାହା ମନୁଷ୍ୟର ଶକ୍ତି ଓ ସାମର୍ଥ୍ୟ ବହିର୍ଭୂତ, ତେବେ ବୈଶିଷ୍ଟ୍ୟ ଗୁଣଯୁକ୍ତ ଚିହ୍ନର ଆଉ କ'ଣ ବା ଆବଶ୍ୟକତା ଅଛି ? କୌଣସି ଅଲୌକିକ ଚିହ୍ନର ପରୀକ୍ଷା ପାଇଁ ଏହି ଉପାୟ ଯଥେଷ୍ଟ ଯେ, ମାନବୀୟ ଶକ୍ତି ତା'ର ଦୃଷ୍ଟାନ୍ତ ପ୍ରତିପାଦନ କରିପାରୁ ନଥିବ । କିନ୍ତୁ ମୋର ସେହି ପତ୍ରର ଡ଼ାକ୍ତର ବନ୍ଧୁ କୌଣସି ଉତ୍ତର ଦେଲେ ନାହିଁ । ଏବେ ପୁଣି ଡ଼ାକ୍ତର ବାବୁ ନିଦର୍ଶନ ଦେଖିବାର ଇଚ୍ଛା ବ୍ୟକ୍ତ କରିଛନ୍ତି । ଅନୁଗ୍ରହ କରି ନିଜର ପ୍ରଥମ ସର୍ତ୍ତକୁ ଉଠାଇ ନେଇଛନ୍ତି ଓ କେବଳ ଏକ ମାତ୍ର ନିଦର୍ଶନ ଦେଖିବାକୁ ଚାହିଛନ୍ତି । ତାହା ଯେ କୌଣସି ନିଦର୍ଶନ ହୋଇଥାଉ  ପଛକେ ମାନବୀୟ ଶକ୍ତିରୁ ଉର୍ଦ୍ଧ୍ୱରେ ହୋଇଥିବା ଆବଶ୍ୟକ । ଏଥି ଯୋଗୁଁ ଆଜିର ତିଥି ଅର୍ଥାତ ୧୧ ଜାନୁୟାରୀ ୧୮୯୨ ମସିହା ଦିନ ଡ଼ାକ୍ତର ସାହେବଙ୍କ ନିକଟକୁ ପୁନର୍ବାର ସତ୍ୟ ପ୍ରତି ଆହ୍ୱାନ କରି ଏକ ରେଜିଷ୍ଟ୍ରି ପତ୍ର ପ୍ରେରଣ କରାଯାଇଛି । ସେଥିରେ ଏହା ଲେଖାଅଛି ଯେ, ଯଦି ଆପଣ ସାଧାରଣତଃ କୌଣସି ଚିହ୍ନ ପ୍ରଦର୍ଶିତ ହେବାର ଦେଖି ସ୍ୱହୃଦୟରୁ ମୁସଲମାନ ହେବାକୁ ପ୍ରସ୍ତୁତ ହୁଅନ୍ତି, ତେବେ ପାଦଟୀକାରେ ଲିଖିତ ବିଜ୍ଞାପନରେ ଆମେ ଶପଥପୂର୍ବକ କହୁଛୁ ଯେ, ଆପଣ ନିଜ ତରଫରୁ ଏହି ସ୍ୱୀକୃତିନାମା ପ୍ରକାଶ କରନ୍ତୁ: 'ମୁଁ ଅମୁକର ପୁତ୍ର, ଅମୁକ ସ୍ଥାନର ନିବାସୀ, ଅମୁକ ସହର, ଜମ୍ମୁ ରାଜ୍ୟରେ ଡ଼ାକ୍ତରୀ ପଦରେ କାର୍ଯ୍ୟରତ ଅଛି । ଏବଂ ମୁଁ ସହୃଦୟରୁ ପ୍ରତିଜ୍ଞା କରୁଅଛି କି ମୁଁ ସତ୍ୟର ଅଭିଳାଷ ରଖି ପୂର୍ଣ୍ଣତଃ ଏହା ଅଙ୍ଗୀକାର କରୁଛି ଯେ, ଯଦି ମୁଁ ଇସଲାମର ସମର୍ଥନରେ କୌଣସି ନିଦର୍ଶନ ଦେଖେ ଅଥଚ ଯାହାର ଉଦାହରଣ ଦେବା ପାଇଁ ମୁଁ ଅସମର୍ଥ ହୋଇଯିବି ଏବଂ ମାନବୀୟ ଶକ୍ତି ଦ୍ୱାରା ତାର କୌଣସି ନମୁନା ବାଧ୍ୟତାମୂଳକ ଭାବେ ସେମାନଙ୍କୁ ଦେଖାଇ ପାରିବି ନାହିଁ, ତେବେ ମୁଁ ତୁରନ୍ତ ମୁସଲମାନ ହୋଇଯିବି ।' ଏହି ଧରଣର ଅନ୍ୟ ଏକ ସ୍ୱୀକୃତିପତ୍ରର ଏଥିପାଇଁ ଆବଶ୍ୟକତା ରହିଛି ଯେ ସଦୈବ ଜୀବିତ ରହିଥିବା ଆମ ପ୍ରଭୁ  ଯିଏକି ଅତୀବ ପବିତ୍ର ସେ କେବଳ ଖେଳ ତାମସା ସଦୃଶ କୌଣସି ଚିହ୍ନ ଦେଖାଇବାକୁ ଇଚ୍ଛା କରନ୍ତି ନାହିଁ, ଯେପର୍ଯ୍ୟନ୍ତ କୌଣସି ମନୁଷ୍ୟ ପୂର୍ଣ୍ଣ ମାତ୍ରାରେ ବିନମ୍ରତା ଓ ସତ୍‌ମାର୍ଗ ପ୍ରାପ୍ତ କରିବାର ଇଚ୍ଛା ହେତୁ ତାଙ୍କ ଆଡ଼କୁ ମୁଣ୍ଡ ନୁଆଁଇ ନାହିଁ । ସେ ପର୍ଯ୍ୟନ୍ତ ସେ ତାହା ପ୍ରତି ନିଜର କୃପା ଦୃଷ୍ଟି ପକାନ୍ତି ନାହିଁ ଯେ ଏହାକୁ ପ୍ରକାଶିତ କରିବା ଦ୍ୱାରା ସ୍ୱଚ୍ଛତା ଓ ଦୃଢ଼ ସଂକଳ୍ପ ରହିଥିବାର ପ୍ରମାଣିତ ହୋଇଯିବ । ଯେହେତୁ ଏହି ବିନୀତ ଈଶ୍ୱରଙ୍କ ଠାରୁ ସୂଚନା ପାଇ ଏପରି ଚିହ୍ନର ପ୍ରଦର୍ଶନ ପାଇଁ ଏକବର୍ଷ ଅବଧିର ପ୍ରତିଶ୍ରୁତି ଦେବା ଉପରେ ଘୋଷଣାପତ୍ରରେ ଦାବୀ ଜଣାଇଛି । ତେଣୁ ଏହି ସମୟ ସୀମା ଡ଼ାକ୍ତର ବନ୍ଧୁଙ୍କ ପ୍ରତି ମଧ୍ୟ ଲାଗୁ ହେବ ।

ସତ୍ୟାଭିଳାଷୀଙ୍କ ପାଇଁ ଏହା କୌଣସି ବଡ ସମୟ ସୀମା ନୁହେଁ । ଯଦି ମୁଁ ଏଥିରେ ବିଫଳ ହେବି, ତେବେ ଡ଼ାକ୍ତର ବନ୍ଧୁ ଯାହା ମୋ ପାଇଁ ଶାସ୍ତିବିଧାନ କରିବେ ଓ ମୋ ସାମର୍ଥ୍ୟ ଅନୁସାରେ ଯାହା ଜୋରିମନା ସ୍ଥିର କରିବେ, ତାହା ମୋ ପାଇଁ ସ୍ୱୀକାର୍ଯ୍ୟ ହେବ । ଈଶ୍ୱରଙ୍କ ଶପଥ ନେଇ କହୁଅଛି ଯେ, ପରାଜିତ ହେବା ଅବସ୍ଥାରେ ମୋତେ ମୃତ୍ୟୁଦଣ୍ଡ ଦିଆଗଲେ ମଧ୍ୟ ସେଥିପାଇଁ ମୋର ଅନୁଶୋଚନା ନାହିଁ ।

ہماں بہ کہ جاں در رہِ او فشانم     جہاں را چہ نقصاں اگر من نمانم

**ହମାଁ ବେ କେ ଜାଁ ଦର୍ ରହେ ଅଓ ଫଶାନମ୍**
**ଯାହାଁ ରା ଚେ ନୁକ୍‌ସାଁ ଅଗର୍ ମନ୍ ନୁମାନମ୍**

ଅର୍ଥାତ 'ଏହା ମୋ ପାଇଁ ଶ୍ରେୟସ୍କର ହେବ ଯଦି ମୁଁ ତାଙ୍କରି ପଥରେ ମୋ ପ୍ରାଣ ବିସର୍ଜନ କରିଦିଏ । ଯଦି ମୁଁ ନରହିବି, ତେବେ ସଂସାରର ଏଥିରେ କ'ଣ ବା କ୍ଷତି ହେବ ?'

ତା'ଜୀବନରେ ଶାନ୍ତି ଓ ନିରାପତ୍ତା ବିରାଜିତ ହେଉ, ଯିଏ ସତ୍‌ପଥ ଅନୁସରଣ କଲା ।

ଉଦଘୋଷକ
**ମିର୍ଜା ଗୁଲାମ ଅହମଦ କାଦିୟାନୀ**
୧୧ ଜାନୁୟାରୀ, ୧୮୯୨ ମସିହା

# ନ୍ୟାୟବନ୍ତଙ୍କ ପାଇଁ ପ୍ରଣିଧାନ ଯୋଗ୍ୟ

ଏହା ସମ୍ପୂର୍ଣ୍ଣ ସତ୍ୟ ଯେ ଯେତେବେଳେ ହୃଦୟର ଚକ୍ଷୁ ବନ୍ଦ ହୋଇଯାଏ, ସେତେବେଳେ ପାର୍ଥିବ ଚକ୍ଷୁ ଏପରି କି ସମସ୍ତ ଜ୍ଞାନେନ୍ଦ୍ରୀୟ ଏକସଙ୍ଗେ ବନ୍ଦ ହୋଇଯାଇଥାଏ । ତା'ପରେ ମଣିଷ ଆଖି ଖୋଲା ଥାଇ ବି ଦେଖିପାରେ ନାହିଁ ଓ ଶୁଣୁଥିବା ସତ୍ତ୍ୱେ ଶୁଣେ ନାହିଁ ତଥା ବୁଝିବା ଶକ୍ତି ଥିଲେ ବି ବୁଝେ ନାହିଁ । ତା'ତୁଣ୍ଡରୁ ସତ୍ୟ ବଚନର ଧାରା ଜାରି ହୋଇପାରେ ନାହିଁ । ଦେଖନ୍ତୁ ଆମ ନିର୍ବୋଧ ମୌଲବୀ କିପରି ବୁଦ୍ଧିମାନ ବୋଲାଇ ମଧ୍ୟ ଈର୍ଷାବଶତଃ **ଅଜ୍ଞାନତା ମଧ୍ୟରେ ବୁଡ଼ି ଯାଇଛନ୍ତି ।** ଧର୍ମର ଶତ୍ରୁମାନଙ୍କ ପରି ଶେଷରେ ମନଗଢା କଥା ଓ ମିଥ୍ୟାରୋପ ଦିଗରେ ଓହ୍ଲାଇ ଆସିଛନ୍ତି । ଜଣେ ବନ୍ଧୁ ଏହି ବିନୀତ ସମ୍ବନ୍ଧରେ ଲେଖିଛନ୍ତି ଯେ, ମୁଁ ନିଜର ଏକ ପୁତ୍ର ସମ୍ବନ୍ଧୀୟ ଦୈବୀବାଣୀ ଦ୍ୱାରା ସୂଚନା ପ୍ରାକାଶ କରିଥିଲି କି ସେ ଏକ ଗୁଣବାନ

ବ୍ୟକ୍ତିତ୍ୱର ହେବ, ଅଥଚ ସେହି ପୁତ୍ର କେବଳ କିଛି ମାସ ଜୀବିତ ରହି ମୃତ୍ୟୁବରଣ କଲା । ମୋତେ ଆଶ୍ଚର୍ଯ୍ୟ ଲାଗୁଛି ଯେ, ଏହି ଚପଳମତି ଅଜ୍ଞ ମୌଲବୀମାନଙ୍କୁ ଏମିତି କଥା କହିବା ବେଳେ କାହିଁକି لَّعۡنَتَ اللّٰهِ عَلَى الۡكٰذِبِيۡنَ **'ଲାନତଲ୍ଲାହି ଅଲଲ୍ କାଜିବୀନ୍'** (ଆଲେ ଇମ୍ରାନ **3:62**)ର ଆୟତ ମନେକରୁ ନାହାନ୍ତି । ଯେଉଁଠାରେ ଲେଖାଅଛି କି ମିଥ୍ୟାରୋପକାରୀଙ୍କ ପ୍ରତି ଅଲ୍ଲାଃଙ୍କର ଅଭିଶାପ ପଡିବ । ସେମାନେ କାହିଁକି ତ୍ୱରିତ ବେଗରେ ନିଜ ଅନ୍ତଃର୍ବାହୀ କୃଷ୍ଣରୋଗ ଓ ଇସଲାମ ପ୍ରତି ଶତ୍ରୁତା ପଣକୁ ପ୍ରଦର୍ଶିତ କରିଥା'ନ୍ତି । ଯଦି ସେମାନଙ୍କ ଠାରେ କିଞ୍ଚିତ ମାତ୍ରାରେ ଲଜ୍ୟାଭାବ ଥାଏ, ତେବେ ଏହି କଥାର ପ୍ରମାଣ ଦିଅନ୍ତୁ ଯେ ଏହି ବିନୀତ ପ୍ରତି ହୋଇଥିବା କେଉଁ ଦୈବୀବାଣୀରେ ଏହା ଲେଖାଯାଇଛି ଯେ, ମୋର ଯେଉଁ ପୁତ୍ର ଦେହତ୍ୟାଗ କଲା ବାସ୍ତବରେ ସେ ସେହି ବାଳକ, ଯାହା ସଂକ୍ରାନ୍ତରେ ସ୍ୱର୍ଗୀୟ ପ୍ରତିଶ୍ରୁତି ଦିଆଯାଇଥିଲା । ଈଶ୍ୱରଙ୍କ ବାଣୀରେ କେବଳ ସଂକ୍ଷେପରେ ସମ୍ବାଦ ରହିଥିଲା ଯେ ଏପରି ଏକ ପୁତ୍ର ସନ୍ତାନ ଜନ୍ମଲାଭ କରିବ । ପବିତ୍ର ଐଶ୍ୱରିକବାଣୀ କାହା ପ୍ରତି ଇଙ୍ଗିତ କରି ଏପରି ଭବିଷ୍ୟବାଣୀର ପାତ୍ର ନିର୍ଦ୍ଧାରଣ କରି ନାହିଁ । ବରଂ ୧୮୮୬ ମସିହା ଫେବୃୟାରୀ ମାସର ଘୋଷଣାପତ୍ରରେ ଏହି ଭବିଷ୍ୟତ ବାଣୀ ଉପଲବ୍ଧ ଅଛି ଯେ, ମୋର କେତେକ ପୁତ୍ର ଅଳ୍ପ ବୟସରେ ମଧ୍ୟ ମୃତ୍ୟୁ ବରଣ କରିବେ । ତା'ହେଲେ ଏହି ନିର୍ଦ୍ଦିଷ୍ଟ ଛୁଆର ମୃତ୍ୟୁ ହେବା ଦ୍ୱାରା ତନ୍ମଧ୍ୟରୁ ଏକ ଭବିଷ୍ୟତ ବାଣୀ ପୂରଣ ହେଲା ନା କି କୌଣସି ଭବିଷ୍ୟତ ବାଣୀ ମିଥ୍ୟା ସାବ୍ୟସ୍ତ ହେଲା ? ଏବେ ଧରାଯାଉ ଯେ ମୋର କହିବା ଅନୁସାରେ ଯଦି ଆମେ ନିଜ ମତବ୍ୟକ୍ତ କରି ନିଜର କୌଣସି ଏକ ସନ୍ତାନ ବିଷୟରେ ଏହା ଭାବି ନେବୁ ଯେ ବୋଧହୁଏ ୟେ ସେହି କଥିତ ବାଳକ । ଆମର ନିଜସ୍ୱ ବିଚାର ଭାବନାର ପରିଣାମ ଯଦି ଭୁଲ ହୋଇଯାଏ, ତେବେ ଏଥିରେ ଈଶ୍ୱରଙ୍କର ପ୍ରକଟିତ ବାଣୀର କିବା ଦୋଷ ରହିଲା ? କ'ଣ ନବୀ ବା ଅବତାରମାନଙ୍କର ବ୍ୟକ୍ତିଗତ ବିଚାର ଭାବନାର ପରିଣାମ ଜନିତ ତ୍ରୁଟିବିଚ୍ୟୁତି ଘଟୁଥିବାର କୌଣସି ଉଦାହରଣ ସଂସାରରେ ଦେଖିବାକୁ ମିଳେ ନାହିଁ ? ଯଦି ଆମେ ମୃତ୍ୟୁ ପାଇ ଯାଇଥିବା ପୁତ୍ର ସମ୍ବନ୍ଧରେ ନିଶ୍ଚିତ ରୂପେ ସତ୍ୟସିଦ୍ଧ କରୁଥିବା କୌଣସି ଏକ ଭବିଷ୍ୟତ ବାଣୀର କୌଣସି ପୁସ୍ତକରେ ଉଲ୍ଲେଖ ଅଛି, ତେବେ ତାହା ଉପସ୍ଥାପନ କରନ୍ତୁ । ମିଥ୍ୟା କହିବା ବିଷ୍ଠା ଖାଇବା ସହିତ ସମାନ । ଆଶ୍ଚର୍ଯ୍ୟ ଲାଗୁଛି ଯେ, ସେମାନଙ୍କୁ ବିଷ୍ଠା ଖାଇବାର ଏତେ ଆଗ୍ରହ କାହିଁକି ସୃଷ୍ଟି ହେଲା ? ଆଜି ପର୍ଯ୍ୟନ୍ତ ଶତ ସହସ୍ର ଭବିଷ୍ୟବାଣୀ ତ ସତ୍ୟତାକୁ ଆଧାର କରି ପ୍ରକଟିତ ହୋଇଛି, ଯାହା ସଂସାରରେ ପ୍ରସାରିତ କରାଯାଇଛି । କିନ୍ତୁ ଏହି ମୌଲବୀମାନେ ଇସଲାମର

ସହାନୁଭୂତିଶୀଳ ମାର୍ଗ ମଧ୍ୟରୁ କୌଣସି ଗୋଟିକର ବି ବର୍ଣ୍ଣନା କଲେ ନାହିଁ । ଦିଲୀପ ସିଂହର ହିନ୍ଦୁସ୍ତାନ ତଥା ପଞ୍ଜାବ ପ୍ରତ୍ୟାବର୍ତ୍ତନ କରିବାରେ ଅସଫଳ ରହିବା ଘଟଣା ଶହଶହ ଲୋକଙ୍କୁ ତାହା ଘଟିତ ହେବା ପୂର୍ବରୁ ଶୁଣାଇ ଦିଆଯାଇଥିଲା । କେତେକ ହିନ୍ଦୁ ବ୍ୟକ୍ତିମାନଙ୍କୁ ମଧ୍ୟ ପଣ୍ଡିତ ଦୟାନନ୍ଦଙ୍କର ମୃତ୍ୟୁର ସୂଚନା ତାଙ୍କ ମୃତ୍ୟୁର ଅନେକ ମାସ ପୂର୍ବରୁ ଜଣାଇ ଦିଆଯାଇଥିଲା । ସେହିପରି ମୋର ଏହି ପୁତ୍ର ବଶୀରୁଦ୍ଦିନ ମହମୁଦ୍ ମୋର ପ୍ରଥମ ପୁତ୍ର ହେବା ପରେ ଜନ୍ମଗ୍ରହଣ କଲା ଓ ଏକ ଘୋଷଣାନାମା ଦ୍ୱାରା ଏହାର ଜନ୍ମ ହେବାର ପ୍ରାକ୍‌କାଳୀନ ସୂଚନା ବହୁ ପୂର୍ବରୁ ଦିଆଯାଇଥିଲା । ସରଦାର ମୁହମ୍ମଦ ହୟାତ ଖାଁଙ୍କ ନିଲମ୍ବିତ ହେବା କାଳରେ ହିଁ ତାଙ୍କର ପୁନଃନିଯୁକ୍ତି ବିଷୟକ ଖବର ଲୋକମାନଙ୍କୁ ଜଣାଇ ଦିଆଯାଇଥିଲା । ଶେଖ୍ ମହେର ଅଲୀ ସାହେବ ହୁସିଆରପୁରର ଜଣେ ଧନାଢ୍ୟ ବ୍ୟକ୍ତିଙ୍କ ଉପରେ ଦୈବୀ ବିପତ୍ତି ମାଡି ଆସିବା ସମ୍ପର୍କିତ ପୂର୍ବ ସୂଚନା ଦିଆଯାଇଥିଲା ଏବଂ ତାଙ୍କ ମୁକ୍ତି ପାଇବା ସମ୍ବନ୍ଧରେ କେବଳ ଯେ ତାଙ୍କୁ ଯଥେଷ୍ଟ ସମୟ ପୂର୍ବରୁ ପହଞ୍ଚାଇ ଦିଆଯାଇଥିଲା ସେତିକି ନୁହେଁ, ବରଂ ଶତ ସହସ୍ର ଲୋକଙ୍କ ସମ୍ମୁଖରେ ତାହାକୁ ପ୍ରଘଟ କରାଯାଇଥିଲା । ଏହିପରି ହଜାର ହଜାର ଚିହ୍ନ ପ୍ରକଟିତ ହୋଇଛି, ଯେଉଁଗୁଡିକର ଅନେକ ସାକ୍ଷୀ ରହିଛନ୍ତି । କ'ଣ ଏହି ଧାର୍ମିକ ବିଦ୍ୱାନମାନେ କେବେ ନିଜ ତୁଣ୍ଡରେ ସେହି ଚିହ୍ନ ସମୂହର ନାମ ନେଇଛନ୍ତି ? ଯାହାର ହୃଦୟ ଉପରେ ଈଶ୍ୱର ଜଉମୁଦ କରିଦିଅନ୍ତି ତାଙ୍କ ହୃଦୟକୁ କିଏ ବା ଖୋଲିବ ! ଏବେ ବି ସେମାନେ ମନେରଖନ୍ତୁ ଯେଁ, ତାଙ୍କ ଶତ୍ରୁତା ଆଚରଣ ଫଳରେ ଇସଲାମକୁ କୌଣସି କ୍ଷତି ପହଞ୍ଚିବ ନାହିଁ । କୀଟପତଙ୍ଗ ସଦୃଶ ସେମାନେ ନିଜେ ହିଁ ମରି ଧ୍ୱଂସ ହୋଇଯିବେ, କିନ୍ତୁ ଇସଲାମର ପ୍ରକାଶମୟ ଜ୍ୟୋତି ଦିନକୁ ଦିନ ତେଜମୟ ହୋଇଚାଲିବ । ଈଶ୍ୱରଙ୍କ ଉଦ୍ଦେଶ୍ୟ ଏହି ଇସଲାମର ଆଲୋକ ସଂସାରରେ ପରିବ୍ୟାପ୍ତ ହେଉ । ଇସଲାମର ସମୃଦ୍ଧି ଓ ଅଗ୍ରଗତି ଏବେ ଭିଣିଭିଣି ହେଉଥିବା ମାଛି ପରି ଅଭ୍ୟାସଯୁକ୍ତ ମୌଲବୀମାନଙ୍କର ବକ୍‌ବକ୍ ଯୋଗୁଁ ଅଟକି ଯିବ ନାହିଁ । ଅଲ୍ଲାଃ ମୋତେ ସମ୍ବୋଧିତ କରି ସ୍ପଷ୍ଟ ଭାବରେ ଅବଗତ କରାଇଛନ୍ତି ଯେ

أَنَا الفتّاح افتح لك ترى نصرًا عجيباً و يَخِرّون على المساجد ربنا اغفر لنا انا كنا خاطئين جلابيب الصدق فاستقم كما امرت الخوارق تحت منتهى صدق الاقدام كن لِلّٰہ جميعًا و مع الله جميعا عسٰى ان يبعثك ربّك مقامًا محمودا

ଅର୍ଥାତ "ମୁଁ ବିଜୟ ପ୍ରଦାନକାରୀ । ତୁମକୁ ଅବଶ୍ୟ ବିଜୟ ମଣ୍ଡିତ କରିବି । ଏକ ଅଭୂତପୂର୍ବ ସହାୟତା ମୂଳକ ଚମତ୍କାର ଜ୍ୟୋତି ତୁମେ ଦେଖିବାକୁ ପାଇବ । ସେମାନଙ୍କ ମଧ୍ୟରୁ ଅମାନ୍ୟକାରୀ ଲୋକ ଯେଉଁମାନଙ୍କ ଭାଗ୍ୟରେ ସତ୍‌ପଥ ପ୍ରାପ୍ତ କରିବା ଲେଖାଯାଇଛି, ସେମାନେ ଭୂମିଷ୍ଠ ପ୍ରଣିପାତ କରିବା ଅବସ୍ଥାରେ ଅଧିଆ ପଡ଼ି ଏପରି କହିବେ ଯେ 'ହେ ଆମର ପ୍ରଭୁ ! ଆମର ପାପ କ୍ଷମା କର । ଆମେ ଅସତ୍ ମାର୍ଗରେ ଚାଲି ଯାଇଥିଲୁ । ଏହି ସତ୍ୟତାର ପରଦା ଅବଶ୍ୟ ହଟିବ । ତେଣୁ ଯେପରି କି ତୁମକୁ ଆଦେଶ ଦିଆଯାଉଛି, ତୁମେ ଧୈର୍ଯ୍ୟ ରକ୍ଷା କର । ଅଲୌକିକ ପରାକ୍ରମ ସେହି ଅବସ୍ଥାରେ ପ୍ରକଟିତ ହୋଇଥାଏ, ଯାହାକି ସତ୍ୟ ନିକଟରେ ପହଞ୍ଚିବାର ଚରମୋନ୍ନତିର କେନ୍ଦ୍ରସ୍ଥଳୀ । ତୁମେ ସମ୍ପୂର୍ଣ୍ଣ ରୂପେ ଈଶ୍ୱରଙ୍କ ପାଇଁ ହୋଇଯାଅ । ସର୍ବୋପରି ତୁମେ ଈଶ୍ୱରଙ୍କ ସଖା ହୋଇଯାଅ । ଈଶ୍ୱର ତୁମକୁ ସେହି ସ୍ଥାନକୁ ଉନ୍ନୀତ କରିବେ ଯେଉଁଠାରେ ତୁମର ପ୍ରଶଂସା ଗାନ କରାଯିବ । ଅନ୍ୟ ଏକ ଦୈବୀବାଣୀ ମାଧ୍ୟମରେ କେତେକ ଶବ୍ଦ ଅନ୍ତରାଳରେ କୁହାଗଲା **ମୁଁ ତୁମକୁ ମର୍ଯ୍ୟାଦା ପ୍ରଦାନ କରିବି ଓ ତୁମ ପ୍ରତିଷ୍ଠା ବୃଦ୍ଧି କରିବି । ତୁମର ଚିହ୍ନଗୁଡିକରେ ମୋର ଆଶିଷ ଭରିଦେବି । ଏପରିକି ସମ୍ରାଟମାନେ ତୁମ ବସନରୁ ଆଶିଷ ଭିକ୍ଷା କରିବେ ।"** ସୁତରାଂ ହେ ମୌଲବୀଗଣ ! ହେ ନୀଚମନା ! ଯଦି ତୁମର ସାହସ ଅଛି, ତେବେ ଈଶ୍ୱରଙ୍କ ଏହି ଭବିଷ୍ୟବାଣୀଗୁଡିକୁ ଟାଳି କରି ଦେଖାଅ । ସମସ୍ତ ପ୍ରକାର ପ୍ରତାରଣାର ଜାଲ ବୁଣି ଦେଖ । ଏପରିକି କୌଣସି ଚାଲାକି ପଣିଆ ତୁମ ପାଖରେ ବାକି ନରହୁ । ତତ୍‌ପଶ୍ଚାତ ପୁଣି ଥରେ ଦେଖ ଯେ ଅନ୍ତତଃ ଈଶ୍ୱରଙ୍କ ହସ୍ତ ଜୟଯୁକ୍ତ ହୋଇଛି କି ତୁମର ?

ସାର୍ଥକ ହେଉ ତା'ଜୀବନ ଯିଏ ସତ୍‌ପଥର ଅନୁସରଣ କରୁଛି ।

ସଚେତନକାରୀ, ସଦୁପଦେଶକ
**ମିର୍ଜା ଗୁଲାମ ଅହମଦ କାଦିୟାନୀ**

# ମୀର ଅବ୍‌ବାସ ଅଲୀ ସାହେବ ଲୁଧିଆନା ନିବାସୀ

چو بشنوی سخن اہل دل مگو کہ خطا است      سخن شناس نۂ دلبرا خطا اینجا است

**ଚୂ ବଶ୍‌ନୁଓ୍ୱି ସୁଖନ୍ ଅହଲେ ଦୀଲ୍ ମଗୁକେ ଖତାଅସ୍ତ୍**
**ସୁଖନ୍ ଶନାସ୍ ନେ ଦିଲ୍‌ବରା ଖତା ଇଞ୍ଜାଅସ୍ତ୍**

ଅର୍ଥାତ 'ଯେବେ ତୁମେ ହୃଦୟବାନ ବ୍ୟକ୍ତିର କୌଣସି କଥା ଶୁଣୁଛ, ତେବେ ତାହା ଭୁଲ ବୋଲି କେବେ କୁହ ନାହିଁ । କାରଣ ତୁମେ ତ ସେହି କଥାକୁ ବୁଝିପାରୁ ନାହଁ, ତୁମର ସେଇଠି ହିଁ ଭୁଲ ରହିଯାଇଛି ।'

ଏଠାରେ ଆଲୋଚିତ ମୀର ସାହେବ ହେଉଛନ୍ତି ସେଇ ଚର୍ଚ୍ଚିତ ବ୍ୟକ୍ତି ଯାହାଙ୍କ ସମ୍ବନ୍ଧରେ ମୁଁ ନିଜ ପୁସ୍ତକ ଇଜାଲା ଅଓହାମର ପୃଷ୍ଠା ସଂଖ୍ୟା ୭୯୦ରେ ନବଦୀକ୍ଷିତ ଲୋକମାନଙ୍କ ଶ୍ରେଣୀରେ ଉଲ୍ଲେଖ କରିଛି । କିନ୍ତୁ କ୍ଷୋଭର ବିଷୟ ହେଉଛି ଯେ, ସେ କେତେକ ବିଭ୍ରାନ୍ତି ସୃଷ୍ଟିକାରୀ ଲୋକମାନଙ୍କ ଭ୍ରମ ଧାରଣାର ବଶବର୍ତ୍ତୀ ହୋଇ ଯାଇଛନ୍ତି । ବରଂ କହିବାକୁ ଗଲେ ଶତ୍ରୁମାନଙ୍କ ଗୋଷ୍ଠୀରେ ଅନ୍ତର୍ଭୁକ୍ତ ହୋଇ ଯାଇଛନ୍ତି । କେତେକ ଲୋକ ଏହା ଜାଣି ଆଶ୍ଚର୍ଯ୍ୟ ହେବେ ଯେ ତାଙ୍କ ସମ୍ବନ୍ଧରେ ତ ଏହିପରି ଭବିଷ୍ୟବାଣୀ ଥିଲା :

اصلها ثابتٌ وفرعها في السمآء

**ଅସ୍‌ଲୁହା ସାବିତୁନ୍ ଓ୍ୱଫରଉହା ଫିସ୍‌ସମା** (ଇବ୍ରାହିମ୍ 14:25)

ଅର୍ଥାତ 'ତାହାର ମୂଳ ଭୂମି ତଳେ ଦୃଢ ଭାବରେ ରହିଛି ଓ ଏହାର ଶାଖା ପ୍ରଶାଖା ଆକାଶ ସାରା ଲମ୍ବି ଯାଇଛି ।' ଏହାର ଉତ୍ତର ହେଉଛି ଯେ 'ଇଲହାମ' ବା ଦିବ୍ୟ ପ୍ରକଟନର ଅର୍ଥ କେବଳ ଏତିକି ଯେ, ତା'ର ମୂଳଭିତ୍ତି ପ୍ରତିଷ୍ଠିତ ହୋଇ ରହିଅଛି ଓ ଆକାଶରେ ତା'ର ଶାଖା ପ୍ରସାରିତ ହୋଇଯାଇଛି । ସେଥିରେ ଏହାର ବିବରଣୀ ନାହିଁ ଯେ ସେ ନିଜ ମୌଳିକ ସ୍ୱଭାବ ଦୃଷ୍ଟିରୁ କେଉଁ ବିଷୟ ଉପରେ ପ୍ରତିଷ୍ଠିତ ଅଛି । ନିଃସନ୍ଦେହରେ ଏହା ସର୍ବମାନ୍ୟ କି ମନୁଷ୍ୟ ଭିତରେ କିଛି ନା କିଛି ପ୍ରାକୃତିକ ବିଶେଷତ୍ୱ ରହିଛି, ଯାହା ଉପରେ ସେ ସର୍ବଦା ପ୍ରତିଷ୍ଠିତ ଓ ଦୃଢୀଭୂତ ହୋଇ ରହିଥାଏ । ଯଦି ଜଣେ କାଫିର ଅବଜ୍ଞାକାରୀତା ମଧ୍ୟରୁ ବାହାରି ଇସଲାମ ପ୍ରତି ଆକର୍ଷିତ ହୁଏ, ତେବେ ସେ ସ୍ୱଭାବଗତ ବିଶେଷତ୍ୱକୁ ତା'ସାଥିରେ ନେଇ ଆସିଥାଏ । ସେ ଯଦି ପୁନଶ୍ଚ ଇସଲାମରୁ ଅମାନ୍ୟକାରୀତା ଦିଗକୁ ପ୍ରତ୍ୟାବର୍ତ୍ତନ କରେ, ତେବେ ନିଜର ସେହି ବିଶେଷତ୍ୱକୁ ହିଁ ସାଙ୍ଗରେ ଧରି ଫେରିଯାଏ । କାରଣ ଅଲ୍ଲାଃଙ୍କ ପ୍ରକୃତି ଓ ଅଲ୍ଲାଃଙ୍କ ସୃଜନଶୀଳତାରେ

କୌଣସି ପରିବର୍ତ୍ତନ କିମ୍ବା ବ୍ୟତିକ୍ରମ ପରିଲକ୍ଷିତ ହୁଏ ନାହିଁ । ବିଭିନ୍ନ ପ୍ରକାର ମନୁଷ୍ୟ ଭିନ୍ନ ଭିନ୍ନ ପ୍ରକାର ଧାତବ ଖଣି ସଦୃଶ ହୋଇଥାନ୍ତି । କେହି ସୁନା ଖଣି, କେହି ରୂପା ଖଣି ଅଥବା କେହି ପିତଳ ଖଣି । ଏଥିଯୋଗୁଁ ଯଦି ଏହି ଦିବ୍ୟ ପ୍ରକଟନରେ ମୀର ସାହେବଙ୍କ କୌଣସି ପ୍ରକୃତିଗତ ବିଶେଷତ୍ୱର ଉଲ୍ଲେଖ ଅଛି ଯାହା ଅପରିବର୍ତ୍ତନୀୟ ରହିବ, ତେବେ ସେଥିରେ କିଛି ଆଶ୍ଚର୍ଯ୍ୟ ହେବାର ନାହିଁ । ଏବଂ ଏଥିରେ ନା କୌଣସି ଅଭିଯୋଗ କରିବାର ଅଛି । ନିଃସନ୍ଦେହରେ ଏହା ଏକ ପ୍ରାମାଣିକ ତଥ୍ୟମୂଳକ ବିଷୟ ଯେ, ମୁସଲମାନ ତ ମୁସଲମାନ କାଫିରଙ୍କର ମଧ୍ୟ କେତେକ ପ୍ରାକୃତିକ ବିଶେଷତ୍ୱ ରହିଥାଏ ଓ କେତେକ ସଦାଚାରିତାର ଅଂଶ ପ୍ରାକୃତିକ ରୂପେ ତାଙ୍କୁ ପ୍ରାପ୍ତ ହେଉଛି । ଈଶ୍ୱର ସମ୍ପୂର୍ଣ୍ଣ ଅନ୍ଧକାର ମଧ୍ୟରେ କୌଣସି ଏକ ପଦାର୍ଥକୁ ମଧ୍ୟ ସୃଷ୍ଟି କରିନାହାନ୍ତି । ହଁ, ଏକଥା ସତ୍ୟ ଯେ କୌଣସି ପ୍ରାକୃତିକ ବୈଶିଷ୍ଟ୍ୟ ସତ୍‌ପଥ ପ୍ରାପ୍ତି ବିନା ଯାହାକୁ ଅନ୍ୟ ଅର୍ଥରେ ଇସଲାମ କୁହାଯାଏ, ତାହା ପରଲୋକରେ ମୋକ୍ଷପ୍ରାପ୍ତିର କାରଣ ହୋଇପାରିବ ନାହିଁ । କାରଣ ସର୍ବୋଚ୍ଚ ସ୍ତରର ବିଶେଷତ୍ୱ ହେଉଛି ଈଶ୍ୱର ବିଶ୍ୱାସ (ଈମାନ) ଓ ଈଶ୍ୱରଙ୍କୁ ଚିହ୍ନିବା, ସତ୍‌ପଥରେ ଚାଲିବା, ଈଶ୍ୱରଙ୍କୁ ଭୟ କରିବା ତଥା ଅନ୍ୟମାନଙ୍କ ପ୍ରତି ଦୟା କରିବା । ଯଦି ଏତିକି ହୋଇପାରିଲା ନାହିଁ, ତେବେ ମନୁଷ୍ୟର ଅନ୍ୟାନ୍ୟ ବିଶେଷତ୍ୱ ମୂଲ୍ୟହୀନ ହୋଇପଡେ । ଏହା ବ୍ୟତିରେକେ ଏହି ଦୈବୀ ପ୍ରକଟନ ସେହି ସମୟର ଥିଲା ଯେତେବେଳେ ମୀର ସାହେବଙ୍କ ମନରେ ମୋ ପ୍ରତି ଦୃଢ ଆସ୍ଥା ରହିଥିଲା । ତାଙ୍କ ଠାରେ ଅତ୍ୟଧିକ ସତ୍ୟ ଓ ନିଷ୍କପଟ ପ୍ରେମ ଭାବ ଦେଖାଯାଉଥିଲା ଏବଂ ହୃଦୟରେ ସେ ମଧ୍ୟ ନିଜ ପାଦ ସୁଦୃଢ ରଖିବାକୁ ଭାବିଥିଲେ । ତେଣୁ ଐଶିବାଣୀ ମାଧ୍ୟମରେ ଈଶ୍ୱର ତାଙ୍କର ଉପସ୍ଥିତି ଅନୁଧ୍ୟାନ କରିବା ପାଇଁ ସମ୍ବାଦ ଦେଲେ । ଏହି ବିଷୟ ଈଶ୍ୱରଙ୍କ ଦୈବୀବାଣୀ ଆଧାରିତ ଶିକ୍ଷା ମଧ୍ୟରେ ପ୍ରଚଳିତ ଅଛି ଓ ପ୍ରସିଦ୍ଧି ଲାଭ କରିଛି ଯେ, ସେ ବର୍ତ୍ତମାନ ପରିସ୍ଥିତି ଅନୁଯାୟୀ ଅନୁକୂଳ ଖବର ଦେଇଥାନ୍ତି । କୌଣସି ବ୍ୟକ୍ତି କାଫିର ଥିବା ଅବସ୍ଥାରେ ତାଙ୍କ ନାମ କାଫିର ହିଁ ହୋଇଥାଏ । ସେ ବିଶ୍ୱାସକାରୀ (ମୋମିନ୍) ଓ ପାଦ ସୁଦୃଢ (ସାବିତ୍ କଦମ୍) ହୋଇଥିବା ଅବସ୍ଥାରେ ତାକୁ ମୋମିନ, ନିଷ୍କପଟ, ଭଦ୍ର ଓ ଦୃଢ ଆସ୍ଥାବାନ ରୂପେ ଆଖ୍ୟାୟୀତ କରା ଯାଇଥାଏ । ଈଶ୍ୱରଙ୍କ ବାଣୀରେ ଏପରି ଅନେକ ଉଦାହରଣ ଦେଖିବାକୁ ମିଳେ । ଏଥିରେ କୌଣସି ସନ୍ଦେହ ନାହିଁ ଯେ ସେ ଏକ ଦଶନ୍ଧି ଧରି ଅତ୍ୟନ୍ତ ଧର୍ମନିଷ୍ଠ, ଶ୍ରଦ୍ଧାପ୍ଳୁତ ଭକ୍ତି ତଥା ପାଦ ସୁଦୃଢ ଥିବାର ମନୋବଳ ଦେଖାଇ ଏହି ବିନୀତର ସଦ୍‌ଭାବ ପୂର୍ଣ୍ଣ ଅନୁଗାମୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇ ରହିଲେ । ସତ୍ୟନିଷ୍ଠାର ଆବେଗରେ ଆସି ବୈଅତ୍ (ଦୀକ୍ଷା ଗ୍ରହଣ) ସମୟରେ କେବଳ ଯେ ସେ

ନିଜେ ବୈଅତ କଲେ ତା ନୁହେଁ, ବରଂ ନିଜର ଅନ୍ୟାନ୍ୟ ଜ୍ଞାତିକୁଟୁମ୍ବ, ସହାନୁଭୂତି ସମ୍ପନ୍ନ ବନ୍ଧୁବାନ୍ଧବଙ୍କୁ ମଧ୍ୟ ଏହି ସମ୍ପ୍ରଦାୟରେ ସମ୍ମିଳିତ କରାଇଲେ । ଏହି ଦଶବର୍ଷର ଅବଧିରେ ସେ କେତେ ଯେ ଭାବବିହ୍ୱଳ ହୋଇ ବିଶୁଦ୍ଧ ପ୍ରେମ ଓ ଶ୍ରଦ୍ଧାରେ ଭରା ପତ୍ର ଲେଖିଛନ୍ତି, ବର୍ତ୍ତମାନ ମୁଁ ତା'ର ଆକଳନ କରିପାରୁ ନାହିଁ । ତେବେ ସେସବୁ ପତ୍ରସଂଖ୍ୟା ଦୁଇଶହ ପାଖାପାଖି ହେବ ଏବଂ ଏବେ ମଧ୍ୟ ତାଙ୍କର ସେହିସବୁ ପତ୍ର ମୋ ନିକଟରେ ମହଜୁଦ୍ ରହିଛି, ଯେଉଁଥିରେ ସେ ଏତେ ମାତ୍ରାରେ ବିନମ୍ରତା, ନିଚ୍ଛକ ଭକ୍ତି ଓ ପ୍ରେମଭାବର ଉଲ୍ଲେଖ କରିଛନ୍ତି ଓ ଅନେକ ସ୍ୱପ୍ନାନୁଭୂତିକୁ ବର୍ଣ୍ଣନା କରିଛନ୍ତି, ଯେପରକି ସେମାନଙ୍କ ମନରେ ଆଧ୍ୟାତ୍ମିକ ରୂପେ ବିଶ୍ୱାସ ଭରି ଦିଆଯାଇଛି ଯେ, ଏହି ବିନୀତ ଈଶ୍ୱରଙ୍କ ନିକଟରୁ ଆସିଛି ଏବଂ ଏହି ବିନୀତର ବିରୋଧିଗଣ ଅସତ୍ୟରେ ଅଛନ୍ତି । ସେ ନିଜ ସ୍ୱପ୍ନକୁ ଆଧାର କରି ମୋ ସହିତ ନିରନ୍ତର ଜଡିତ ରହିଥିବାର ଭାବ ବ୍ୟକ୍ତ କରୁଥିଲେ, ସତେ ଯେପରି ସେ ଇହକାଳ ଓ ପରକାଳରେ ଆମ ସହିତ ଅଛନ୍ତି । ଏପରି ବହୁଳ ମାତ୍ରାରେ ଏସବୁ ସ୍ୱପ୍ନର ବୃତ୍ତାନ୍ତକୁ ଜନସାଧାରଣଙ୍କ ମଧ୍ୟରେ ସେ ପରିବ୍ୟାପ୍ତ କରିଛନ୍ତି ଏବଂ ନିଜର ଶିଷ୍ୟମାନଙ୍କ ମଧ୍ୟରେ ସହାନୁଭୂତିର ଭାବନା ପ୍ରକଟ କରିଛନ୍ତି । ଯଦ୍ୱାରା ଏହା ସ୍ପଷ୍ଟ ହୋଇଯାଇଛି ଯେ ଯେଉଁ ବ୍ୟକ୍ତି ଏତେ ଉନ୍ମାଦନା ସହିତ ନିଜର ଅକପଟ ପ୍ରେମ ଭାବକୁ ବ୍ୟକ୍ତ କଲେ । ସେପରି ଲୋକର ଅବସ୍ଥା ସଂକ୍ରାନ୍ତରେ ଯଦି ଈଶ୍ୱରଙ୍କ ଠାରୁ ଦୈବିବାଣୀ ହୁଏ ଯେ, ଏହି ବ୍ୟକ୍ତିଙ୍କ ପାଦ ସେ ସମୟରେ ସୁଦୃଢ ରହିଛି ତଥା ତାଙ୍କ ସ୍ଥିତି ଟଳମଳ ହେଉ ନାହିଁ, ତେବେ କ'ଣ ସେହି ଦୈବୀବାଣୀକୁ ଘଟଣାର ପରିପନ୍ଥୀ ବୋଲି କୁହାଯିବ ? ଏପରି ଦୈବୀବାଣୀ ଅଛି, ଯାହା ବର୍ତ୍ତମାନ ଅବସ୍ଥାର ଦର୍ପଣ ହୋଇଥାଏ । ଅତୀତ ଘଟଣାର ପରିଣାମ ସହିତ ତା'ର କୌଣସି ସମ୍ପର୍କ ନଥାଏ । ବିଶେଷତଃ ଯେପର୍ଯ୍ୟନ୍ତ ମଣିଷ ଜୀବିତ ଅଛି, ତା'ର ଦୁସ୍ପରିଣତି ଉପରେ ନିଷ୍ପତ୍ତି କରା ଯାଇପାରିବ ନାହିଁ । କାରଣ ମଣିଷର ହୃଦୟ ଅଲ୍ଲାଃଙ୍କ କବଳରେ ରହିଛି । ମୀର ସାହେବ ତ ଜଣେ ମୀର ବୋଲାଉଛନ୍ତି । ସେ ଇଚ୍ଛା କଲେ ସଂସାରର ଏକ ଶକ୍ତ ପାଷାଣ ହୃଦୟକୁ ତରଳାଇ ଦେଇପାରିବେ ଓ ଅବରୁଦ୍ଧ ହୃଦୟଧାରୀ ବ୍ୟକ୍ତିକୁ ମଧ୍ୟ କ୍ଷଣିକ ମଧ୍ୟରେ ସତ୍ୟ ଆଡ଼କୁ ଫେରାଇ ଆଣିପାରିବେ । ସୁତରାଂ ଏହି ଦୈବୀ ପ୍ରକଟନ ବର୍ତ୍ତମାନ ଅବସ୍ଥା ଆଡ଼କୁ ଇଙ୍ଗିତ କରୁଛି । ଅନ୍ତିମ ପରିଣତି ପ୍ରତି କୌଣସି ସଂକେତ ନିର୍ଦ୍ଦିଷ୍ଟ ରୂପେ ଦିଆଯାଇ ନାହିଁ । ଏବଂ ଅନ୍ତ କ'ଣ ଯେ ହେବ ତାହା ଏବେ ମଧ୍ୟ ଅସ୍ପଷ୍ଟ । ଅନେକ ଲୋକ ପୁଣ୍ୟାତ୍ମା ବ୍ୟକ୍ତିଙ୍କୁ ପରିତ୍ୟାଗ କଲେ ଏବଂ ସମାଜର ଭୀଷଣ ଶତ୍ରୁ ହୋଇଗଲେ । କିନ୍ତୁ ପରବର୍ତ୍ତୀ କାଳରେ କେତେକ ଐଶୀ ଚମତ୍କାରୀତା ଦେଖିଲେ ତ ଘୋର

ଅନୁତାପ କଲେ, ବିକଳ କ୍ରନ୍ଦନ କରିବାକୁ ଲାଗିଲେ ଏବଂ ନିଜ ପାପକୁ ସ୍ୱୀକାର କଲେ ତଥା ବିଶ୍ୱାସ ସ୍ଥାପନ କଲେ । ମନୁଷ୍ୟର ହୃଦୟ ଈଶ୍ୱରଙ୍କ ହାତ ମୁଠାରେ ଓ ସେହି ଈଶ୍ୱରଙ୍କ ନିକଟରୁ ମନୁଷ୍ୟ ପାଇଁ ପରୀକ୍ଷାର ଘଡି ବାରମ୍ବାର ଆସୁଛି । ତେଣୁ ମୀର ସାହେବ ନିଜର କୌଣସି ଆଭ୍ୟନ୍ତରୀଣ ମନ୍ଦ ଅଭ୍ୟାସ ତଥା ଅନ୍ତର୍ଦ୍ୱନ୍ଦ୍ୱ ଜନିତ ଅବଗୁଣ ଥିବା କାରଣରୁ ପରୀକ୍ଷାରେ ପଡ଼ିଗଲେ । ପୁନର୍ବାର ସେହି ପରୀକ୍ଷାର ଫଳ ସ୍ୱରୂପ ନିଷ୍ଠାପୂର୍ଣ୍ଣ ଭାବାବେଶ ପରିବର୍ତ୍ତେ ତାଙ୍କର ମନୋମାଳିନ୍ୟ ସୃଷ୍ଟି ହେଲା ଏବଂ ମନୋମାଳିନ୍ୟତାରୁ ବିମୁଖ ଭାବ ଓ ତା'ପରେ ସେଥିରୁ ଅସୂୟା ମନୋଭାବ ସୃଷ୍ଟି ହେବା ଦ୍ୱାରା ଅଶିଷ୍ଟାଚାର ଓ ଅଶାଳୀନତା ମନରେ ଜାତ ହେଲା ଏବଂ ସେଥିରୁ ହୃଦୟରେ ମୋହର ଲାଗିଗଲା । ତତ୍‌ପଶ୍ଚାତ ଆମ ପ୍ରତି ଖୋଲାଖୋଲି ଭାବେ ଶତ୍ରୁତା, ଅପମାନ, ଅପନିନ୍ଦା କରିବାର ଇଚ୍ଛା ଜାଗୃତ ହେଲା । ଶିକ୍ଷା ଗ୍ରହଣ କରିବା ମନୋବୃତ୍ତି ରହିବା ସ୍ଥାନରେ ସେ କେଉଁଠାରୁ ଯାଇ କେଉଁଠି ପହଞ୍ଚିଗଲେ । କିଏ କ'ଣ କେବେ ଭାବିଥିଲା ଯେ ମୀର ଅବ୍‌ବାସ ଅଲୀଙ୍କର ଏପରି ଦୁର୍ଦ୍ଦଶା ହେବ ? ବିଶ୍ୱ ବ୍ରହ୍ମାଣ୍ଡର ମାଲିକ ଯାହା ଚାହିଆନ୍ତି ତାହା କରିଥାନ୍ତି । ମୋ ସାଥି ସହୋଦରମାନେ ତାଙ୍କ ପାଇଁ ପ୍ରାର୍ଥନା କରିବା ଆବଶ୍ୟକ ଏବଂ ନିଜର ଅବସାଦଗ୍ରସ୍ତ ତଥା ପଛରେ ରହି ଯାଇଥିବା ଭାଇଙ୍କୁ ନିଜର ଦୟା ଓ ଅନୁକମ୍ପାରୁ ବଞ୍ଚିତ କରନ୍ତୁ ନାହିଁ । ପ୍ରଭୁ ଇଚ୍ଛା କଲେ ମୁଁ ମଧ୍ୟ ତାଙ୍କ ପାଇଁ ପ୍ରାର୍ଥନା କରିବି । ମୁଁ ଚାହୁଥିଲି ଯେ, ତାଙ୍କର କେତେକ ପତ୍ର ନମୁନା ସ୍ୱରୂପ ଏହି ପୁସ୍ତକରେ ନକଲ କରି ଲୋକମାନଙ୍କୁ ଦେଖାଇବି କି ମୀର ଅବ୍‌ବାସ ଅଲୀଙ୍କ ଭକ୍ତି ଓ ନିଷ୍ଠାର ସ୍ତର କେଉଁଠି ରହିଛି ଏବଂ କେଉଁ ପ୍ରକାର ସ୍ୱପ୍ନ ଦେଖୁଥିବାର ସେ ସବୁବେଳେ ବ୍ୟକ୍ତ କରନ୍ତି । ଏବଂ କେଉଁ ଭଳି ବିନମ୍ରତା ଓ ସମ୍ମାନସୂଚକ ଶବ୍ଦ ପ୍ରୟୋଗ କରି ସେ ପତ୍ର ଲେଖୁଥିଲେ । କିନ୍ତୁ ଦୁଃଖର ବିଷୟ ଯେ, ଏହି ସ୍ୱଳ୍ପସଂଖ୍ୟକ ପୃଷ୍ଠା ବିଶିଷ୍ଟ ପୁସ୍ତକରେ ତାହା ଆଲୋଚନା କରିବା ପାଇଁ ସ୍ଥାନ ନାହିଁ । ପ୍ରଭୁ ଇଚ୍ଛା କଲେ ଅନ୍ୟ କୌଣସି ସମୟରେ ଆବଶ୍ୟକତା ଅନୁସାରେ ଲେଖାଯିବ । ଏହା ମନୁଷ୍ୟ ପରିବର୍ତ୍ତନର ଏକ ଦୃଷ୍ଟାନ୍ତ ଯେ, ସେହି ବ୍ୟକ୍ତି ଯାହାର ହୃଦୟ କନ୍ଦରରେ ସର୍ବଦା ସତ୍ୟନିଷ୍ଠତାର ଗୌରବ ଓ ତୀବ୍ରତା ଛାଇ ହୋଇ ରହୁଥିଲା ଏବଂ ନିଜ ପତ୍ରଗୁଡ଼ିକରେ ଏହି ବିନୀତ ସମ୍ବନ୍ଧରେ ଧରାପୃଷ୍ଠ ଉପରେ ଈଶ୍ୱରଙ୍କ ଖଲିଫା ବୋଲି ଲେଖୁଥିଲା, ଆଜି ତା'ର କିପରି ଏହି ଦଶା ହୋଇଛି । ସୁତରାଂ ପରମେଶ୍ୱରଙ୍କୁ ଭୟ କରୁଥାଅ ଓ ସର୍ବଦା ପ୍ରାର୍ଥନା କରୁଥାଅ କି ସେ କେବଳ ନିଜ କୃପାରୁ ତୁମମାନଙ୍କର ହୃଦୟକୁ ସତ୍ୟ ଉପରେ ପ୍ରତିଷ୍ଠିତ କରି ରଖନ୍ତୁ ଓ ଠୋକର ଖାଇବାରୁ ରକ୍ଷା କରନ୍ତୁ ।

ନିଜର ଦୃଢବଦ୍ଧତା ଉପରେ ଆଦୌ ଭରସା କର ନାହିଁ । କ'ଣ କେହି ପାରଦର୍ଶୀତା କ୍ଷେତ୍ରରେ **ହଜରତ ଉମର**ରଅଙ୍କ ଠାରୁ ବଳି ହୋଇପାରେ ? ଯାହାଙ୍କ ଜୀବନରେ କ୍ଷଣକ ପାଇଁ ହେଲେବି ବିଷମ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡିଥିଲା । ଯଦି ଈଶ୍ୱରଙ୍କ ହାତ ତାଙ୍କ ହାତକୁ ଧରିନେଇ ନଥାନ୍ତେ, ତା'ହେଲେ ଜଣା ନାହିଁ କ'ଣ ଯେ ଅବସ୍ଥା ହୋଇଥାନ୍ତା ? ମୋତେ ଯଦିଓ ମୀର ଅବ୍‌ବାସ ଅଲୀଙ୍କୁ ଠୋକର ଲାଗିଥିବା ଯୋଗୁଁ ବହୁତ ଦୁଃଖ ଅନୁଭବ ହେଲା, କିନ୍ତୁ  ପୁଣି ମୁଁ ଦେଖୁଛି ଯେବେକି ଯୀଶୁ ମସିହଙ୍କ ରୂପରେ ମୁଁ ଆସିଛି, ତେଣୁ ଏହା ଅବଶ୍ୟମ୍ଭାବୀ ଯେ, ମୋର କେତେକ ନିସ୍କପଟ ପ୍ରେମୀମାନଙ୍କ ଘଟଣାବଳୀ ମଧ୍ୟରେ ସେହି ନମୁନା ପ୍ରକଟିତ ହେବ । ଏକଥା ସ୍ପଷ୍ଟ ଯେ ହଜରତ ଯୀଶୁ ମସିହଙ୍କର କେତେକ ବିଶିଷ୍ଟ ଅନୁଚର ଯେଉଁମାନେ ତାହାଙ୍କର ଅନ୍ତରଙ୍ଗ ବନ୍ଧୁ ଥିଲେ, ତାଙ୍କ ପ୍ରଶଂସାରେ ଶତମୁଖ ଈଶ୍ୱରଙ୍କ ତରଫରୁ ଦୈବୀବାଣୀ ମଧ୍ୟ ପ୍ରାପ୍ତ ହୋଇ ସାରିଥିଲା କି ସେମାନେ ପରିଶେଷରେ ହଜରତ ଯୀଶୁ ମସିହଙ୍କ ଠାରୁ ବିମୁଖ ହୋଇ ଯାଇଥିଲେ । ଯୀହୁଦା ହଜରତ ମସିହଙ୍କ କିପରି ଜଣେ ଘନିଷ୍ଠ ବନ୍ଧୁ ଥିଲେ, ତାହା ସମସ୍ତଙ୍କୁ ଗୋଚର । ଯିଏ କି ସବୁବେଳେ ହଜରତ ମସିହଙ୍କ ସହିତ ଗୋଟିଏ ଥାଳୀରେ ବସି ଖାଉଥିଲେ ଓ ତାଙ୍କ ପ୍ରତି ବହୁତ ପ୍ରେମଭାବ  ପ୍ରକଟ କରୁଥିଲେ । ଏପରିକି ତାଙ୍କୁ ବୈକୁଣ୍ଠର ଦ୍ୱାଦଶତମ ସିଂହାସନ ଅର୍ପଣ ହେବାର ଶୂନ୍ୟବାଣୀ ମଧ୍ୟ ହୋଇଥିଲା । ସନ୍ଥ ପିତର ଯୀଶୁଙ୍କର ଏପରି ଜଣେ ଅନ୍ୟତମ ସହଚର ଥିଲେ, ଯାହାଙ୍କ ସମ୍ବନ୍ଧରେ ହଜରତ ଯୀଶୁ ମସିହ କହୁଥିଲେ ଯେ ସ୍ୱର୍ଗର ଚାବିକାଠି ତାଙ୍କରି ହାତରେ ଅଛି । ସେ ଯାହାକୁ ଚାହିବେ ସ୍ୱର୍ଗରେ ପ୍ରବେଶ କରାଇଦେବେ ଓ ଯାହାକୁ ଇଚ୍ଛା ସେଥିରୁ ବଞ୍ଚିତ ରଖିଦେବେ । କିନ୍ତୁ ପିତର ତାଙ୍କ ବ୍ୟକ୍ତିଗତ ଜୀବନରେ ଯାହା କର୍ମ କରି ଦେଖାଇ ଯାଇଛନ୍ତି, ତାହା ବାଇବେଲ ନୂତନ ସମାଚାରର ପାଠକ ଭଲ ଭାବେ ଜାଣନ୍ତି । ସେ ହଜରତ ଯୀଶୁ ମସିହଙ୍କ ସମ୍ମୁଖରେ ଛିଡ଼ା ହୋଇ ଓ ତାଙ୍କ ଆଡ଼କୁ ଅଙ୍ଗୁଳି ଦେଖାଇ ଉଚ୍ଚ ସ୍ୱରରେ କହିଲେ ଯେ 'ମୁଁ ଏହି ବ୍ୟକ୍ତିକୁ ଭର୍ତ୍ସନା କରୁଛି ଓ ଏହାକୁ ଅଭିଶାପ ଦେଉଛି' । ମୀର ସାହେବ ଏବେ ସେହି ସୋପାନରେ ପହଞ୍ଚି ଯାଇଛନ୍ତି । କାଲିକି କ'ଣ ହେବ ତାହା କାହାକୁ ଜଣା ? ମୀର ସାହେବଙ୍କ ଭାଗ୍ୟରେ ଯଦ୍ୟପି ଏହି ପଦସ୍ଖଳନ ହେବାର ଲେଖା ହୋଇଥିଲା ଏବଂ **أَصلها ثابتٌ ଅସ୍‌ଲୁହା ସାବିତୁନ୍‌**ର ସ୍ତ୍ରୀଲିଙ୍ଗ ଭିତ୍ତିକ ସର୍ବନାମ ମଧ୍ୟ ଏହି ଦିଗ ପ୍ରତି ଇଙ୍ଗିତ କରୁଥିଲା । କିନ୍ତୁ ବଟାଲଭ୍ୱୀ ସାହେବଙ୍କ ଭ୍ରମ ସୃଷ୍ଟିକାରୀ କଟୁବାକ୍ୟ ମୀର ସାହେବଙ୍କ ଦୂରାବସ୍ଥାକୁ ଆହୁରି ଅଧିକ ଦୂରକୁ ଠେଲିଦେଲା । ମୀର ସାହେବ ଜଣେ ଭୋଳା ବ୍ୟକ୍ତିତ୍ୱର ଅଧିକାରୀ ଯାହାଙ୍କୁ ଧର୍ମରେ ଥିବା ସୂକ୍ଷ୍ମ ବିଷୟର କିଛି ହେଲେ ଜ୍ଞାନ ନାହିଁ । ବଟାଲଭ୍ୱୀ ତଥା ଅନ୍ୟାନ୍ୟ

କେତେକ ଦୁଷ୍ଟ ଲୋକ ମଝିରେ ଫାଟ ସୃଷ୍ଟି କରି ଉତ୍ତେଜିତ ଭାଷା ଦ୍ୱାରା ସେମାନଙ୍କୁ ଉତ୍‌କ୍ଷିପ୍ତ କରିଦେଲେ । ଏଇ ଦେଖନ୍ତୁ ଅମୁକ ବିଷୟ ଇସଲାମର ସିଦ୍ଧାନ୍ତ ବିରୁଦ୍ଧ ଓ ଅମୁକ ଶବ୍ଦ ଅପମାନ ଜନକ ଉକ୍ତି । ମୁଁ ଶୁଣିଛି, ଶେଖ ବଟାଲଭ୍ୱୀ ଏହି ବିନୀତର ସମର୍ଥକମାନଙ୍କ ସମ୍ବନ୍ଧରେ ରାଣ ଖାଇ ସାରିଛନ୍ତି ଯେ, ମୁଁ ନିଶ୍ଚୟ ସେ ସମସ୍ତଙ୍କୁ ପଥଭ୍ରଷ୍ଟ କରିଦେବି । ତାହା ଏତେ ଅତିଶୟୋକ୍ତି ଥିଲା ଯେ ଶେଖ୍ ନଜଦୀଙ୍କ ଅପବାଦ ମଧ୍ୟ ସେମାନଙ୍କ କଥନରେ ପାଇବ ନାହିଁ, ଯଦ୍ୱାରା ସଦାଚାରୀମାନଙ୍କୁ ବାହାରେ ରଖାଯିବ । ଯଦିଓ ସେ କେତେକ ବିମୁଖ ହୋଇ ଯାଇଥିବା ନିଷ୍ଠାବାନ ବ୍ୟକ୍ତିଙ୍କ କାରଣରୁ ବହୁତ ଖୁସି ଅଛନ୍ତି । କିନ୍ତୁ ତାଙ୍କର ମନେରଖିବା ଉଚିତ ଯେ ଗଛର ଗୋଟିଏ ଡ଼ାଳ ଶୁଖିଗଲେ ସାରା ବଗିଚା ନଷ୍ଟ ହୋଇଯାଏ ନାହିଁ । ଯେଉଁ ଡ଼ାଳକୁ ଈଶ୍ୱର ଚାହାନ୍ତି ଶୁଷ୍କ କରିଦିଅନ୍ତି ତଥା ତାକୁ କାଟିଦିଅନ୍ତି ଓ ତା'ସ୍ଥାନରେ ଫଳ ଓ ପୁଷ୍ପରେ ଲଦି ହୋଇଥିବା ଅନ୍ୟ ଡ଼ାଳ ଉତ୍ପନ୍ନ କରିଦିଅନ୍ତି । ବଟାଲୁଭ୍ୱୀ ସାହେବ ମନେରଖନ୍ତୁ ଯେ ଯଦି ଏହି ଜମାଅତରୁ ଜଣେ ବ୍ୟକ୍ତି ବି ଅନ୍ତର ହୋଇଯାଏ, ତେବେ ଈଶ୍ୱର କୋଡ଼ିଏ ବ୍ୟକ୍ତିଙ୍କୁ ଆଣି ସେହି ସ୍ଥାନ ପୂରଣ କରିଦେବେ । ଏହି ଆୟତ ଉପରେ ବିଚାର କରନ୍ତୁ:

فَسَوْفَ يَأْتِي اللّٰهُ بِقَوْمٍ يُّحِبُّهُمْ وَيُحِبُّوْنَهٗٓ ۙ اَذِلَّةٍ عَلَى الْمُؤْمِنِيْنَ اَعِزَّةٍ عَلَى الْكٰفِرِيْنَ

**ଫସୌଫା ୟାତିଲ୍ଲାହୁ ବିକୌମିଁ ୟୁହିବ୍‌ବୁହୁମ୍ ୟୁହୁବ୍‌ବୁନହୁ; ଅଜିଲ୍ଲତିନ୍ ଅଲଲ୍ ମୁମିନୀନା ଅଇଜ୍ଜତିନ୍ ଅଲଲ୍ କାଫିରୀନ୍ ।** (ଅଲ୍ ମାଏଦା 5.55)

ଅର୍ଥାତ 'ଈଶ୍ୱର ଅବଶ୍ୟ ଏପରି ଲୋକଙ୍କୁ ନେଇ ଆସିବେ, ଯାହାଙ୍କୁ ସେ ପ୍ରେମ କରୁଥିବେ ଏବଂ ସେମାନେ ମଧ୍ୟ ତାଙ୍କୁ ପ୍ରେମ କରୁଥିବେ । ଏବଂ ସେମାନେ ବିଶ୍ୱାସକାରୀଙ୍କ ପ୍ରତି ସହାନୁଭୂତିଶୀଳ ତଥା ଅବିଶ୍ୱାସକାରୀଙ୍କ ପ୍ରତି ଅତ୍ୟନ୍ତ କଠୋର ହେବେ ।'

ପରିଶେଷରେ ଆମେ ପାଠକଗଣଙ୍କୁ ସ୍ପଷ୍ଟ କରୁଛୁ ଯେ, ମୀର ଅବ୍‌ବାସ ଅଲୀ ସାହେବ ୧୪ ଡ଼ିସେମ୍ବର ୧୮୯୧ ମସିହାରେ ବିଦ୍ରୋହ କରି ଏକ ଘୋଷଣାପତ୍ର ମଧ୍ୟ ପ୍ରକାଶ କଲେ ଯାହା ଅଭଦ୍ରାମୀ ଓ ଅପମାନସୂଚକ ଶବ୍ଦରେ ପରିପୂର୍ଣ୍ଣ ଥିଲା । ତେବେ ଆମକୁ ସେହିସବୁ କଟୁଶବ୍ଦରୁ କିଛିହେଲେ ମତଲବ୍ ନାହିଁ । ଯେତେବେଳେ ମନ ବିଗିଡ଼ିଯାଏ ତା' ସହିତ ଜିହ୍ୱା ମଧ୍ୟ ବିଗିଡ଼ି ଯାଇଥାଏ । ସେଇ ଘୋଷଣାପତ୍ରରେ ଆଲୋଚିତ ତିନୋଟି ବିଷୟର ଏଠାରେ ଉଲ୍ଲେଖ କରିବା ଆବଶ୍ୟକ ମନେ ହେଉଛି ।

**ପ୍ରଥମ:** ଏହି କି ଯେ ମୀର ସାହେବଙ୍କ ମନରେ ଦିଲ୍ଲୀରେ ହୋଇଥିବା ଶାସ୍ତ୍ରଗତ ବିତର୍କର ସ୍ଥିତି ଘଟଣାର ବିପରୀତ ହୋଇ ଯାଇଛି । ଏଥିଯୋଗୁଁ ସେହି ବିଭ୍ରାନ୍ତିର ଦୂରୀକରଣ ପାଇଁ ମୋର ଏହି ପତ୍ର ପର୍ଯ୍ୟାପ୍ତ ହେବ । କିନ୍ତୁ ସର୍ତ୍ତ ରହିଛି ଯେ ମୀର ସାହେବ ତାକୁ ଧ୍ୟାନପୂର୍ବକ ପାଠ କରିବେ ।

**ଦ୍ୱିତୀୟ:** ଭୂଲବଶତଃ ମୀର ସାହେବଙ୍କ ମନରେ ସମ୍ପୂର୍ଣ୍ଣ ରୂପେ ଏହି କଥା ବସିଯାଇଛି ଯେପରି କି ମୁଁ ଜଣେ ନାସ୍ତିକବାଦୀ ଲୋକ ଓ ଆଲୌକିକ କାଣ୍ଡକୁ ସ୍ୱୀକାର କରେ ନାହିଁ । 'ଲୈଲତୁଲ କଦର' ଅର୍ଥାତ ସର୍ବଶ୍ରେଷ୍ଠ ସୌଭାଗ୍ୟଶାଳୀ ରାତ୍ରୀର ମହତ୍ୱକୁ ମଧ୍ୟ ମାନୁ ନାହିଁ, ସେହିପରି ମୁଁ ଅବତାରତ୍ୱର ଦାବୀଦାର ମହାପୁରଷମାନଙ୍କର ଅପଯଶ ଓ ଦୁର୍ନାମ କରୁଛି । ପୁଣି ସର୍ବୋପରି ଇସଲାମୀୟ ଆସ୍ଥାରୁ ନିଜ ମୁହଁ ମୋଡ଼ି ନେଇଛି । ଏହିପରି ସେମାନଙ୍କ ଭ୍ରାନ୍ତ ଧାରଣାକୁ ଦୂର କରିବା ପାଇଁ ମୁଁ ସଂକଳ୍ପ କରିଛି ଯେ, ନିକଟ ଭବିଷ୍ୟତରେ ମୋ ନିକଟରୁ ଏହି ସଂକ୍ରାନ୍ତରେ ଏକ ସ୍ଥିତିବାନ ପୁସ୍ତକ ପ୍ରକାଶ ପାଇବ । ଯଦି ମୀର ସାହେବ ଧ୍ୟାନପୂର୍ବକ ସେହି ପୁସ୍ତକକୁ ଅଧ୍ୟୟନ କରିବେ, ତେବେ ଈଶ୍ୱରଙ୍କ ଆଶୀଷରୁ ନିଜର ନିରାଧାର ଦୁର୍ଭାବନା ମନରେ ପୋଷଣ କରିଥିବା ଯୋଗୁଁ ଅତ୍ୟନ୍ତ ଲଜ୍ଜିତ ହେବେ ।

**ତୃତୀୟ** : ମୀର ସାହେବ ନିଜର ସେହି ଘୋଷଣାପତ୍ରରେ ଆପଣା ବୈଶିଷ୍ଟ୍ୟ ପ୍ରକାଶ କରି ଲେଖିଛନ୍ତି, ଯେପରି କି ତାଙ୍କର ମୁହମ୍ମଦ ରସୁଲୁଲ୍ଲାଃ[ସଅ]ଙ୍କ ସହିତ ଦର୍ଶନ କରାଇ ଦେବାର ସାମର୍ଥ୍ୟ ଅଛି । ସୁତରାଂ ସେ ସେହି ଘୋଷଣାପତ୍ରରେ ଏହି ବିନୀୟ ସମ୍ବନ୍ଧରେ ଲେଖିଛନ୍ତି ଯେ, ଏହି ବିଷୟରେ ସେ ମୋର ମୁକାବିଲା କଲେ ନାହିଁ । କିନ୍ତୁ ଏହି ସନ୍ଦର୍ଭରେ ମୁଁ କହିଥିଲି କି ଆମେ ଦୁହେଁ କୌଣସି ଏକ ମସଜିଦ୍‌ରେ ବସିଯିବା, ତା'ପରେ ହୁଏତ ମୋତେ ସେ ମୁହମ୍ମଦ ରସୁଲୁଲ୍ଲାଃ[ସଅ]ଙ୍କର ଦର୍ଶନ କରାଇ ତାଙ୍କର ନିଜ ଦାବୀକୁ ପ୍ରମାଣିତ କାରାଇ ଦିଅନ୍ତୁ କିମ୍ବା ମୁଁ ତାଙ୍କର ଦର୍ଶନ କରାଇ ଏଥି ସମ୍ବନ୍ଧରେ ନିଷ୍ପତ୍ତି ଗ୍ରହଣ କରିବା । ମୀର ସାହେବଙ୍କର ଏହି ଲେଖା କେବଳ ମୋତେ ଆଶ୍ଚର୍ଯ୍ୟ ଚକିତ କରିଛି ତାହା ନୁହେଁ, ବରଂ ପ୍ରତ୍ୟେକ ହିତାହିତ ଜ୍ଞାନ ଥିବା ବ୍ୟକ୍ତିଙ୍କୁ ମଧ୍ୟ ଆଶ୍ଚର୍ଯ୍ୟରେ ପକାଇଛି ଯେ, ଯଦି ମୀର ସାହେବଙ୍କର ଏହା କରିବାର ସମାର୍ଥ୍ୟ ଓ ବିଶେଷତ୍ୱ ଥିଲା କି ସେ ଯେତେବେଳେ ଚାହିଁବେ ଅଲ୍ଲାଃଙ୍କ ରସୁଲଙ୍କୁ ଦର୍ଶନ କରିପାରିବେ ଏବଂ ଆବଶ୍ୟକୀୟ ବିଷୟରେ ମଧ୍ୟ ପ୍ରଶ୍ନ ପଚାରି ପାରିବେ । ବରଂ ଅନ୍ୟକୁ ମଧ୍ୟ ଏହା ଦେଖାଇ ପାରିବେ, ତେବେ ପ୍ରଶ୍ନ ଉଠୁଛି କି ଏହି ବିନୀତ ପ୍ରତି ମୁହମ୍ମଦୀୟ ସତ୍ୟ ସମର୍ଥନ ବିନା କିପରି ସେ ମୋର

ଦୀକ୍ଷା ଗ୍ରହଣ କଲେ । ପୁଣି କାହିଁକି ଦଶ ବର୍ଷ ପର୍ଯ୍ୟନ୍ତ ଧର୍ମନିଷ୍ଠଙ୍କ ଗୋଷ୍ଠୀରେ ସାମିଲ ହୋଇ ମୋ ସହିତ ନୀରବଚ୍ଛିନ୍ନ ସମ୍ପର୍କ ରଖିଲେ ?

କିନ୍ତୁ ଆଶ୍ଚର୍ଯ୍ୟ ଲାଗେ ଯେ, ଥରୁଟିଏ ହେଲେବି ଅଲ୍ଲାଃଙ୍କ ରସୁଲ ତାଙ୍କୁ ସ୍ୱପ୍ନରେ ଦେଖାଦେଲେ ନାହିଁ ଓ ତାଙ୍କ ପ୍ରତି ଏହା ସ୍ପଷ୍ଟ କଲେ ନାହିଁ କି ଏହି ମିଥ୍ୟାବାଦୀ, ଭଣ୍ଡ ଓ ବିଧର୍ମୀର ହାତରେ କାହିଁକି ବୈଅତ କରୁଛୁ ଏବଂ କାହିଁକି ନିଜେ ପଥଭ୍ରଷ୍ଟତାର ଫାଶରେ ପଡିଯାଇଛୁ ତଥା ନିଜକୁ ପାପ ପଙ୍କରେ ପକାଉଛୁ । କ'ଣ କେହି ବୁଦ୍ଧିମାନ ମୋ କଥା ବୁଝିପାରୁଛି ଯେ ଯେଉଁ ବ୍ୟକ୍ତି ଏପରି ଶକ୍ତିପ୍ରାପ୍ତ କରିବ କି କଥା କଥାରେ ରସୁଲୁଲ୍ଲାଃସଅଙ୍କ ନିକଟକୁ ଚାଲିଯିବ ଏବଂ ତାଙ୍କ ଆଦେଶକୁ କଡାକଡି ଭାବେ ପାଳନ କରିବ ତଥା ତାଙ୍କ ଠାରୁ ପରାମର୍ଶ ଲୋଡୁଥିବ । ପୁଣି ସେ କିପରି ଦଶ ବର୍ଷ ପର୍ଯ୍ୟନ୍ତ ଲଗାତାର ଏକ ପ୍ରଚଣ୍ଡ ମିଛୁଆ ଓ ଧୋକାବାଜର ହାବୁଡରେ ପଡି ତା'ର କବଳରେ ରହିବ । ସେ ଏପରି ଜଣେ ବ୍ୟକ୍ତିର ଅନୁଗାମୀ ହୋଇଯିବ ଯିଏକି ଅଲ୍ଲାଃ ଓ ତାଙ୍କ ରସୁଲଙ୍କ ପ୍ରତି ଶତ୍ରୁତା ଆଚରଣ କରୁଛି ଏବଂ ହଜରତ ମୁହମ୍ମଦସଅଙ୍କୁ ଅପମାନିତ କରି ନର୍କରେ ପଡ଼ିବା ଯୋଗ୍ୟ ହୋଇଯିବ ? ସବୁଠାରୁ ବଡ ଆଶ୍ଚର୍ଯ୍ୟର କଥା ହେଉଛି ଯେ ମୀର ସାହେବଙ୍କ କେତେକ ସାଥି କହିଛନ୍ତି ଯେ ସେ କେତେକ ଦିବ୍ୟ ସ୍ୱପ୍ନ ଆମ ନିକଟରେ ବର୍ଣ୍ଣନା କରିଛନ୍ତି, ଯେକି ସେମାନଙ୍କୁ କହିଛନ୍ତି ଯେ, ମୁଁ ମହାଭାଗଙ୍କୁ ସ୍ୱପ୍ନରେ ଦେଖିଲି । ସେ ଏହି ବିନୀତ ସମ୍ବନ୍ଧରେ ମଧ୍ୟ ଏପରି ସୂଚନା ପ୍ରକାଶ କରିଛନ୍ତି କି ଏହି ବ୍ୟକ୍ତି ବାସ୍ତବରେ ଅଲ୍ଲାଃଙ୍କ ଖଲିଫା ଓ ଧର୍ମରୁ ଆବିଳତା ବର୍ଜନକାରୀ । ଏବଂ ମୀର ସାହେବ ନିଜର ସ୍ୱପ୍ନାନୁଭୂତି ବର୍ଣ୍ଣନା କରିଥିବା କେତେକ ପତ୍ରରେ ଏହି ବିନୀତର ଦାବୀକୁ ସମର୍ଥନ କରିଥିଲେ ଓ ମୋତେ ମଧ୍ୟ ନିଜର ସ୍ୱୀକାରୋକ୍ତି ଲେଖିଥିଲେ । ବର୍ତ୍ତମାନ ଜଣେ ନ୍ୟାୟବନ୍ତ ବ୍ୟକ୍ତି ବୁଝିପାରିବ ଯେ, ଯଦି ମୀର ସାହେବ ରସୁଲୁଲ୍ଲାଃସଅଙ୍କୁ ସ୍ୱପ୍ନରେ ଦେଖି ପାରୁଛନ୍ତି, ତେବେ ଯାହାକିଛି ସେ ପୂର୍ବରୁ ଦେଖିଥିଲେ ତାହା ନିଶ୍ଚୟ ବିଶ୍ୱାସଯୋଗ୍ୟ ହୋଇଥିବ । ଯଦି ତାହାଙ୍କର ସେ ସବୁ ସ୍ୱପ୍ନ ବିଶ୍ୱାସଯୋଗ୍ୟ ନୁହେଁ ଓ ସେହି ସ୍ୱପ୍ନରେ ଶୈତାନର ଭାବନା ସାମିଲ ହୋଇଥିବ, ତେବେ ଏତାଦୃଶ ସ୍ୱପ୍ନ ଭବିଷ୍ୟତରେ ମଧ୍ୟ ବିଶ୍ୱାସଯୋଗ୍ୟ ହୋଇ ନପାରେ । ପାଠକଗଣ ଅବଶ୍ୟ ବୁଝିପାରୁଥିବେ ଯେ, ଅଲ୍ଲାଃଙ୍କ ବାର୍ତ୍ତାବହ ମୁହମ୍ମଦସଅଙ୍କ ଦର୍ଶନ ଲାଭ କରାଇବା ପରି ସାମର୍ଥ୍ୟ ରଖିଥିବାର ଦାବୀ ଘୋଷଣା କରିବାଟା କେତେଦୂର ବ୍ୟର୍ଥ ଓ ଅବାନ୍ତର କଥା । ପ୍ରାମାଣିକ ହଦିସରୁ ସ୍ପଷ୍ଟ ଜଣାପଡେ ଯେ, ଶୈତାନକୁ ଯଦି ରସୁଲୁଲ୍ଲାଃଙ୍କ ଦେହଧାରୀ ବେଶରେ ସ୍ୱପ୍ନରେ ଦେଖାଯାଏ, ତେବେ ସେହି ସ୍ୱପ୍ନ ସତ୍ୟ ଓ ପବିତ୍ର

ଧରାଯାଇପାରେ, ଯେଉଁଥିରେ ରସୁଲୁଲ୍ଲାଃ ରୂପରେ ଶୈତାନକୁ ସେମାନେ ଦେଖିଥିବେ । ନତୁବା ତାହା ଅବତାରଙ୍କ ବେଶରେ ଶୈତାନର ପ୍ରକଟ ହେବା କେବଳ ସତ୍ୟ ନୁହେଁ, ବରଂ ତାହା ତୁଚ୍ଛ ଘଟଣାବଳୀ ମଧ୍ୟରୁ ଗୋଟିଏ ବୋଲି ମାନିବାକୁ ହେବ । ଭର୍ତ୍ସିତ ଓ ତିରସ୍କୃତ ଶୈତାନ ତ ଈଶ୍ୱରଙ୍କ ରୂପ ଓ ତାଙ୍କ ସିଂହାସନର ଝଲକ ମଧ୍ୟ ଦେଖାଇ ଦିଏ । ତେବେ ପୁଣି ନବୀଙ୍କ ବେଶ ଧାରଣ କରିବା ତା'ପାଇଁ କେଉଁ କଷ୍ଟକର କଥା ? ଯଦି ଏହା ମାନି ନିଆଯାବ କି କୌଣସି ବ୍ୟକ୍ତିକୁ ମୁହମ୍ମଦ[ସଅ]ଙ୍କ ଦର୍ଶନ ଲାଭ ହେଲା, ତା'ହେଲେ ଏଥିରେ କିପରି ଆମେ ସନ୍ତୁଷ୍ଟ ହେବା ଯେ ଉକ୍ତ ଦର୍ଶନ ପ୍ରକୃତ ପକ୍ଷେ ଦିବ୍ୟ ରସୁଲଙ୍କ ସହିତ ସାକ୍ଷାତ ଦର୍ଶନ ହିଁ ଥିଲା । କାରଣ ସାମ୍ପ୍ରତିକ ଯୁଗରେ ମୁହମ୍ମଦ[ସଅ]ଙ୍କର ଅବିକଳ ଚେହେରା ତଥା ମୁଖାକୃତି କାହାକୁ ଜଣା ନାହିଁ । ଏତଦ୍ ବ୍ୟତୀତ କୌଣସି ରୂପ ଓ ଭୌତିକ କଳେବର ଧାରଣ କରି ପ୍ରକଟ ହେବା ଶୈତାନର କାର୍ଯ୍ୟ ବୋଲି ବହୁ ପରୀକ୍ଷିତ ଓ ପ୍ରମାଣସିଦ୍ଧ । ତେଣୁ ଚଳିତ ଯୁଗରେ ଲୋକମାନଙ୍କ ସକାଶେ ସତ୍ୟ ଓ ବାସ୍ତବ ଦର୍ଶନ କରିବାର ପରିଚୟ ହେଉଛି ଯେ, ସେଇ ଦର୍ଶନ ମିଳିବା ସହିତ କେତେକ ଏପରି ଚମତ୍କାର ଓ ବିଶେଷ ଲକ୍ଷଣ ମଧ୍ୟ ରହିଥିବା ଆବଶ୍ୟକ, ଯାହାକୁ ଦେଖି ଅଲୌକିକ ସ୍ୱପ୍ନ ତଥା ଦିବ୍ୟ ଦର୍ଶନ ଈଶ୍ୱରଙ୍କ ତରଫରୁ ହୋଇଥିବାର ବିଶ୍ୱାସ କରାଯିବ । ଉଦାହରଣ ସ୍ୱରୂପ ଈଶ୍ୱରଙ୍କ ବାର୍ତ୍ତାବହ ମୁହମ୍ମଦ[ସଅ] କୌଣସି ଶୁଭ ସନ୍ଦେଶ ଘଟିବା ପୂର୍ବରୁ ସୂଚନା ଦିଆଯିବ କିମ୍ବା ଆଗତପ୍ରାୟ ଘଟଣା ସମ୍ବନ୍ଧରେ ବତାଇ ଦିଆଯିବ ଅଥବା ପ୍ରଭୁଙ୍କ ଦ୍ୱାରା ଗୃହୀତ ହୋଇଥିବା କେତେକ ପ୍ରାର୍ଥନାର ପୂର୍ବାନୁମାନ କରାଯାଇ ପାରିବ । ପୁନଶ୍ଚ ପବିତ୍ର କୁରଆନର କେତେକ ପଙ୍କ୍ତିର ଗୂଢ ରହସ୍ୟ ଉନ୍ମୋଚନ କରି ଦର୍ଶାଇ ଦିଆଯିବ ଯାହା ପୂର୍ବରୁ କଦାପି ପ୍ରକାଶିତ ହୋଇ ନଥିବା । ତେବେ ନିଶ୍ଚିତ ରୂପେ ଏପରି ସ୍ୱପ୍ନକୁ ଯଥାର୍ଥ ବୋଲି ବୁଝାଯିବ । ଅନ୍ୟଥା ଯଦି ଜଣେ ବ୍ୟକ୍ତି ଦାବୀ କରି ବସିବ ଯେ ମୁହମ୍ମଦ[ସଅ] ମୋତେ ସ୍ୱପ୍ନରେ ଦେଖା ଦେଇଛନ୍ତି ଏବଂ ଏହା ମଧ୍ୟ କହିଯାଇଛନ୍ତି କି ଅମୁକ ଲୋକ ଅବିଶ୍ୱାସକାରୀ ଓ ବିଶ୍ୱାସଘାତକ । ତେବେ ଏକଥାର କିଏ ନିଷ୍ପତ୍ତି କରିବ ଯେ ଏହା ମୁହମ୍ମଦ[ସଅ]ଙ୍କ କଥନ ନା ଶୈତାନର ଅଥବା ସ୍ୱପ୍ନ ଦେଖିଥିବା ବ୍ୟକ୍ତି ସ୍ୱୟଂ ମନରୁ ଫାନ୍ଦି ଏହି ସ୍ୱପ୍ନକୁ ଚାଲାକି କରି ନିଜ ଆଡୁ ରଚନା କରିଛି । ଯଦି ମୀର ସାହେବଙ୍କୁ ସତରେ ଏପରି ଶକ୍ତି ପ୍ରାପ୍ତ ହୋଇଛି କି ରସୁଲୁଲ୍ଲାଃ ତାଙ୍କୁ ସ୍ୱପ୍ନରେ ଦେଖା ଦେଉଛନ୍ତି ତେବେ ଆମେ ମୀର ସାହେବଙ୍କୁ କଷ୍ଟ ଦେବାକୁ କାହିଁକି ବା ଇଚ୍ଛା କରିବୁ ? ସେ ଅବଶ୍ୟ ଦେଖାଇ ଦିଅନ୍ତୁ । ବରଂ ସେ ଯଦି ନିଜର ସ୍ୱପ୍ନ ଦର୍ଶନକୁ ପ୍ରମାଣସିଦ୍ଧ କରିଦିଅନ୍ତି ଏହଂ ଉପରୋକ୍ତ ଚାରୋଟି ଲକ୍ଷଣ ଦ୍ୱାରା ଏହି କଥା ସାବ୍ୟସ୍ତ କରିଦିଅନ୍ତି କି ବାସ୍ତବରେ ସେ ଆମ ପ୍ରିୟ ରସୁଲ[ସଅ]ଙ୍କୁ


ସ୍ୱପ୍ନରେ ଦେଖିଛନ୍ତି, ତେବେ ଆମେ ସ୍ୱୀକାର କରିନେବୁ । କିନ୍ତୁ ଯଦି ତାଙ୍କୁ ଆମ ସହିତ ମୁକାବିଲା କରିବା ପାଇଁ ଆଗ୍ରହ ଅଛି, ତେବେ ସେ ସିଧାସଳଖ ପ୍ରତିଦ୍ୱନ୍ଦିତାକୁ ଆସନ୍ତୁ, ଯାହାର ଆମେ ଏହି ଘୋଷଣାପତ୍ରରେ ଉଲ୍ଲେଖ କରିଛୁ । ଆମକୁ ତ ବ୍ୟବହାରିକ ରୂପେ ତାଙ୍କର ରସୁଲଙ୍କୁ ଦର୍ଶନ କରିବାରେ ଆପତ୍ତି ରହିଛି । ପୁଣି କିପରି ତାଙ୍କର ଅନ୍ୟମାନଙ୍କୁ ରସୁଲଙ୍କୁ ଦର୍ଶନ କରାଉଥିବାର ଘୋଷଣାକୁ ସ୍ୱୀକାର କରାଯାଇ ପାରିବ ? ପରୀକ୍ଷାର ପ୍ରଥମ ପାହାଚ ସ୍ୱରୂପ ମୀର ସାହେବ ସ୍ୱୟଂ ରସୁଲଙ୍କୁ ଦର୍ଶନ ପ୍ରାପ୍ତି କରିବାର ଦାବୀ ସତ୍ୟ କି ଅସତ୍ୟ, ତାହାର ପ୍ରଥମେ ନିଷ୍ପତ୍ତି ହୋଇଯାଉ । ଯଦି ସେ ସତ୍ୟବାଦୀ ତେବେ ନିଜର କୌଣସି ସ୍ୱପ୍ନ ବା ଦିବ୍ୟଦର୍ଶନ ଯାହାକି ସେ ସ୍ୱୟଂ ଦୃଶ୍ୟାବଲୋକନ କରିଥିବେ ପ୍ରଥମେ ତାହା ପ୍ରକାଶ କରନ୍ତୁ । ଯେଉଁଥିରେ ଏହା ବର୍ଣ୍ଣନା କରାଯାଇଥିବ ଯେ, ତାଙ୍କୁ ହଜୁରଙ୍କର ସାକ୍ଷାତ ଦର୍ଶନ ମିଳିଲା । ତତ୍‌ସହିତ ସେ ନିଜର ଦର୍ଶନ କରିବାର ଲକ୍ଷଣକୁ ଦର୍ଶାଇ ଅମୁକ ଭବିଷ୍ୟତବାଣୀ ଓ ପ୍ରାର୍ଥନା ଗୃହୀତ ହେବା ଆଧାରିତ ତଥ୍ୟ ଏବଂ ଗୂଢ ଭେଦ ଉନ୍ମୋଚିତ ହୋଇଥିବା ବିଷୟର ମଧ୍ୟ ବର୍ଣ୍ଣନା କରିଥିବେ । ତା'ପରେ ସେ ଲୋକମାନଙ୍କୁ ମୁହମ୍ମଦ[ସଅ]ଙ୍କ ଦର୍ଶନ ଲାଭ କରିବା ପାଇଁ ଆମନ୍ତ୍ରଣ କରନ୍ତୁ । ଏହି ବିନୀତ ସତ୍ୟର ସମର୍ଥନ ଉଦ୍ଦେଶ୍ୟରେ ଏଥିପାଇଁ ମଧ୍ୟ ପ୍ରସ୍ତୁତ ଅଛି ଯେ, ମୀର ସାହେବ ଦିବ୍ୟ ରସୁଲଙ୍କ ଦର୍ଶନ କରାଇ ଦେବାର ଚମ୍‌କାରୀତା ଦେଖାନ୍ତୁ । ସେ କାଦିୟାନ ଆସନ୍ତୁ, ଏଠାରେ ମସଜିଦ୍ ରହିଛି, ତାଙ୍କର ଯାତାୟତ ଓ ଖାଦ୍ୟପେୟର ସମସ୍ତ ଖର୍ଚ୍ଚ ଏହି ବିନୀତ ବହନ କରିବ । ମୁଁ ପ୍ରକାଶ୍ୟ ରୂପେ ସମସ୍ତ ପାଠକଙ୍କ ନିକଟରେ ସ୍ପଷ୍ଟ କରିବାକୁ ଚାହୁଁଛି ଯେ, ତାଙ୍କର ଏହା କେବଳ ବୃଥା ଆସ୍ଫାଳନ । ଯେତେ ଯାହା ବାହସ୍ଫୋଟ ମାରିଲେ ବି ସେ କିଛି ହେଲେ ଦେଖାଇ ପାରିବେ ନାହିଁ । ଯଦି ଆସିବେ ତେବେ ନିଜର ଦୋଷକୁ ପ୍ରକାଶ କରାଇବା ହିଁ ସାର ହେବ । ବୁଦ୍ଧିମାନ ବ୍ୟକ୍ତି ଚିନ୍ତା କରି ପାରୁଥିବେ ଯେ, ଯେଉଁ ବ୍ୟକ୍ତି ଦୀକ୍ଷା ଗ୍ରହଣ ପୂର୍ବକ ମୋର ଅନୁଗାମୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଛନ୍ତି । ଦୀର୍ଘ ଦଶବର୍ଷ ପର୍ଯ୍ୟନ୍ତ ଅନବରତ ଏହି ବିନୀତକୁ ଖଲିଫତୁଲ୍ଲାଃ (ଅଲ୍ଲାଃଙ୍କ ଖଲିଫା), ଇମାମ (ଅଧିନାୟକ) ଓ ମୁଜଦ୍ଦିଦ୍ (ସଂସ୍କାରକ) ରୂପେ ଅଭିହିତ କରିଛନ୍ତି । ନିଜର ମିଥ୍ୟା ସ୍ୱପ୍ନକୁ ବଖାଣିବାରେ ଲାଗିଛନ୍ତି । କିନ୍ତୁ ଏପରି ଦାବୀରେ କ'ଣ ସେ ସତ୍ୟବାଦୀ ? ମୀର ସାହେବଙ୍କ ଅବସ୍ଥା ଅତି ଶୋଚନୀୟ । ଈଶ୍ୱର ତାଙ୍କ ପ୍ରତି ଦୟା କରନ୍ତୁ । ଭବିଷ୍ୟତ ବାଣୀର ପ୍ରତୀକ୍ଷା କରୁଥାନ୍ତୁ, ଯାହା ପ୍ରକଟିତ ହେବ । ଇଜାଲା ଅୱ୍ହାମ୍‌ର ପୃ ୬୩୫ ଓ ୩୯୬କୁ ଧ୍ୟାନପୂର୍ବକ ଅଧ୍ୟୟନ କରନ୍ତୁ । ୧୦ ଜୁଲାଇ ୧୮୮୭ ମସିହାର ଘୋଷଣାପତ୍ରରେ ଲିଖିତ ଭବିଷ୍ୟତ ବାଣୀର ପ୍ରତୀକ୍ଷା କରନ୍ତୁ

ଯାହା ସହିତ ଏହି ଦୈବୀବାଣୀ ମଧ୍ୟ ଅବତୀର୍ଣ୍ଣ ହୋଇଛି ।

ويسئلونك أحق هو قل اى وربى انه لحق وما انتم بمعجزين زوجنا كها لا

مبدل لكلماتى وان يروا اية يعرضوا ويقولوا سحر مستمر

ଅର୍ଥାତ "ତୁମକୁ ପ୍ରଶ୍ନ କରୁଛନ୍ତି ଯେ କ'ଣ ଏକଥା ସତ୍ୟ ? ତୁମେ କହିଦିଅ 'ହଁ ମୋତେ ମୋହ ପାଳନକର୍ତ୍ତାଙ୍କ ରାଣ ଯେ, ଏହା ସତ୍ୟ ଏବଂ ତୁମେ ଏହାକୁ ଘଟିବାରୁ ଆଦୌ ରୋକିପାରିବ ନାହିଁ । ଆମେ ସ୍ୱୟଂ ତା'ସହିତ ତୁମକୁ ବିବାହ ବନ୍ଧନରେ ଆବଦ୍ଧ କରିଦେଇଛୁ । ମୋ କଥାକୁ କେହିହେଲେ ବଦଳାଇ ଦେଇ ପାରିବେ ନାହିଁ । ଏବଂ ସେମାନେ ଏହି ନିଦର୍ଶନ ଦେଖିବା ପରେ ମୁହଁ ଫେରାଇ ନେବେ ଏବଂ ଏହାକୁ ସ୍ୱୀକାର କରିବେ ନାହିଁ ତଥା କହିବେ ଯେ, ଏହା ଏକ ସମ୍ପୂର୍ଣ୍ଣ ପ୍ରତାରଣା ଅଥବା ପକ୍କା ଜାଦୁଗରର କୌଶଳ ।"



ତାଙ୍କ ଉପରେ ଶାନ୍ତି ଓ ନିରାପତ୍ତା ଅବତୀର୍ଣ୍ଣ ହେଉ ଯେ, ଆମର ଆଧ୍ୟାତ୍ମିକ ରହସ୍ୟକୁ ବୁଝିପାରିଛି ଓ ସତ୍‌ପଥକୁ ଅନୁସରଣ କରିଛି ।

ଆପଣଙ୍କର

ହିତାକାଙ୍କ୍ଷୀ, ସଦୁପଦେଶକ

ବିନୀତ

**ମିର୍ଜା ଗୁଲାମ ଅହମଦ କାଦିୟାନୀ**

୨୭ ଡ଼ିସେମ୍ବର ୧୮୯୧ ମସିହା

# ଏକ ସୂଚନା

ଏହି ବିନୀତ ହାତରେ ଦୀକ୍ଷା ଗ୍ରହଣ କରିଥିବା ସମସ୍ତ ଶୁଭଚିନ୍ତକଙ୍କ ଉପରେ ଏହା ସ୍ପଷ୍ଟ ହେଉ ଯେ ବୈଅତ କରିବା ଅଭିମୁଖ୍ୟ ହେଉଛି ସଂସାର ପ୍ରାପ୍ତିର ଲାଳସା ପ୍ରଶମିତ ହେଉ ଓ ଈଶ୍ୱର ତଥା ପ୍ରୀୟ ଅବତାର ହଜରତ ମୁହମ୍ମଦ[ସଅ]ଙ୍କ ପ୍ରତି ସଶ୍ରଦ୍ଧ ପ୍ରେମଭାବନା ହୃଦୟକୁ ବଶୀଭୂତ କରି ରଖୁ ଏବଂ ପାର୍ଥିବ ମୋହମାୟା ଏପରି ଉଭେଇଯାଉ କି ପରଲୋକର ଯାତ୍ରା ସହଜ ଓ ସୁଖମୟ ହେଉ । କିନ୍ତୁ ଏହି ଉଦ୍ଦେଶ୍ୟ ପ୍ରାପ୍ତି ନିମନ୍ତେ ସତ୍‌ସଙ୍ଗରେ ରହିବା ଓ ନିଜ ଆୟୁଷର ଏକ ଅଂଶ ଏହି ପଥରେ ବିନିଯୋଗ କରିବାର ଆବଶ୍ୟକତା ରହିଛି । ତଦ୍ୱାରା ଯଦି ଈଶ୍ୱର ଇଚ୍ଛା କରନ୍ତି, କୌଣସି ଅତ୍ୟନ୍ତ ସତ୍ୟ ସମ୍ବଳିତ ଓ ବିଶ୍ୱସନୀୟ ପ୍ରମାଣକୁ ଦେଖିନେବା ଦ୍ୱାରା ବିଶ୍ୱାସରେ ଦୁର୍ବଳତା ଓ ହୀନମନ୍ୟତା ତଥା ଆଳସ୍ୟ ଦୂର ହେବ ଏବଂ ସଂପୂର୍ଣ୍ଣ ଆସ୍ଥା ଉଦ୍ରେକ ହୋଇ ଏଥି ପ୍ରତି ପ୍ରବଳ ଆଗ୍ରହ ତଥା ରସିକତାପୂର୍ଣ୍ଣ ପ୍ରେମର ଉଚ୍ଛ୍ୱାସ ଜନ୍ମ ନେବ । ଏଥିପାଇଁ ସର୍ବଦା ଆତ୍ମଅନୁଶୀଳନ କରିବା ତଥା ପ୍ରାର୍ଥନା କରିବା ଆବଶ୍ୟକ, ଯଦ୍ୱାରା ଈଶ୍ୱର ଏପରି ସାମର୍ଥ୍ୟ ପ୍ରଦାନ କରନ୍ତୁ । ଏବଂ ଏହି ସାମର୍ଥ୍ୟ ହାସଲ ନହେବା ପର୍ଯ୍ୟନ୍ତ ଯେବେକି ଏହା ବେଳେବେଳେ ଅବଶ୍ୟ ମିଳିବା ଆବଶ୍ୟକ । କାରଣ ବୈଅତ କଲା ପରେ ଲୋକମାନଙ୍କ ସଂସ୍ପର୍ଶରେ ନଆସିବା କିମ୍ବା ବେଖାତିର ମନୋଭାବ ପୋଷଣ କରିବା ଦ୍ୱାରା ଏପିରି ବୈଅତ ପୂର୍ଣ୍ଣତଃ ସମସ୍ତ କଲ୍ୟାଣରୁ ବଞ୍ଚିତ ହୁଏ, ଯାହା କେବଳ ଏକ ଔପଚାରିକ ବିଧିରେ ପରିଣତ ହୋଇଯାଏ । ଯେହେତୁ ଶାରୀରିକ ଦୁର୍ବଳତା କିମ୍ବା ସ୍ୱଳ୍ପ ବ୍ୟୟ ଅଥବା ଦୂର ଯାତ୍ରା କାରଣରୁ ସମସ୍ତଙ୍କ ପକ୍ଷେ ଏହା ସମ୍ଭବ ହୁଏ ନାହିଁ ଯେ, ସେ ବିନୀତର ସତ୍‌ସଙ୍ଗରେ ଆସି ରହିବା କିମ୍ବା ସାକ୍ଷାତ କରିବା ପାଇଁ ବର୍ଷକରେ ଅନେକ ଥର କଷ୍ଟ ସ୍ୱୀକାର କରି ମୋ ନିକଟକୁ ଆସିବେ । କାରଣ ଭକ୍ତ ହୃଦୟରେ ଅଦ୍ୟାବଧି ସେପରି ଉଚ୍ଛ୍ୱସିତ ସ୍ନେହ ଓ ଶ୍ରଦ୍ଧା ଜାଗ୍ରତ ହୋଇ ନଥାଏ । ଯଦ୍ୱାରା ସେ ମୋର ଦର୍ଶନ କରିବାକୁ ଅତ୍ୟନ୍ତ କଷ୍ଟକର ପରିସ୍ଥିତିର ସମ୍ମୁଖୀନ ହୋଇପାରିବ ଏବଂ ବହୁତ କ୍ଷତି ସହ୍ୟ କରିପାରିବ । ସେହି ଆଭିମୂଖ୍ୟକୁ ଦୃଷ୍ଟିରେ ରଖି ବର୍ଷରେ ତିନିଦିନ ଏପରି ଏକ ଧର୍ମ ସମ୍ମିଳନୀ (ଜଲସା) ଅନୁଷ୍ଠିତ କରିବା ପାଇଁ ବ୍ୟବସ୍ଥା ଧାର୍ଯ୍ୟ କରାଯିବ । ଯେଉଁଥିରେ ଯଦି ଈଶ୍ୱର ଚାହିଁବେ, ତେବେ ସମସ୍ତ ନିଷ୍ଠାପର ଅନୁଗାମୀ ସୁସ୍ଥ ଥିବା ଓ ଫୁରସତ ମିଳୁଥିବା ଅବସରରେ ତଥା କୌଣସି ବଡ଼ ଧରଣର ପ୍ରତିବନ୍ଧକ ନଥିବା ପରିସ୍ଥିତିରେ ସେଠାରେ ନିର୍ଦ୍ଧାରିତ ତିଥିରେ ହାଜର ହୋଇପାରିବେ । ସେଥିଯୋଗୁଁ ମୋ ବିଚାରରେ ସେହି ତିଥି ୨୭ ଡ଼ିସେମ୍ବର ଠାରୁ

୨୯ ଡ଼ିସେମ୍ବର ପର୍ଯ୍ୟନ୍ତ ନିର୍ଦ୍ଧାରିତ କରାଯାଉ । ଅର୍ଥାତ ଆଜିର ଦିନ ପରେ ଯାହା ୨୦ ଡ଼ିସେମ୍ବର ୧୮୯୧ମସିହା, ଏହି ଭକ୍ତ ସମାଗମର ଆୟୋଜିତ ହେଉ । ଭବିଷ୍ୟତରେ ଯଦି ଆମ ଜୀବନରେ ୨୭ ଡ଼ିସେମ୍ବର ଆସେ, ତେବେ ଯଥାଶକ୍ତି ସମସ୍ତ ବନ୍ଧୁ ପ୍ରିୟଜନଙ୍କୁ କେବଳ ଅଲ୍ଲାଃଙ୍କ ସକାଶେ ଆଧ୍ୟାତ୍ମିକ ତତ୍ତ୍ୱ ଶୁଣିବା ଓ ସାମୁହିକ ପ୍ରାର୍ଥନାରେ ଅଂଶଗ୍ରହଣ କରିବା ନିମନ୍ତେ ସେହି ନିର୍ଦ୍ଦିଷ୍ଟ ତାରିଖରେ ଆସି ପହଞ୍ଚିବା ଆବଶ୍ୟକ । ଏହି ଜଲସା ଏପରି ସତ୍ୟ ଓ ଜ୍ଞାନର ରହସ୍ୟ ଉପରେ ଆଧାରିତ ହେବ ତଥା ସେଠାରେ ଗୂଢ ମର୍ମ ଭିତ୍ତିକ ଦୀକ୍ଷାନ୍ତ ପ୍ରବଚନ ଶୁଣିବାର କାର୍ଯ୍ୟକ୍ରମ ରହିବ, ଯାହା ବିଶ୍ୱାସ ଓ ଆଧ୍ୟାତ୍ମିକ ଜ୍ଞାନ ବୃଦ୍ଧି କରିବାରେ ସହାୟକ ହୋଇଥାଏ । ଏତଦ୍ ଭିନ୍ନ ସେପରି ବନ୍ଧୁପରିଜନଙ୍କ ପାଇଁ ବିଶେଷ ପ୍ରାଥନାର ବ୍ୟବସ୍ଥା ରହିବ ତଥା ଯଥାସାଧ ଦୟାମୟ ଈଶ୍ୱରଙ୍କ ସମକ୍ଷରେ ଆକୁଳ ଗୁହାରୀ କରାଯିବ ଯେ ଈଶ୍ୱର ସେମାନଙ୍କୁ ଭଗବତ ପ୍ରେମ ପ୍ରତି ଆକର୍ଷିତ କରାଇ ନିଜ ଶ୍ରାପୟରରେ ସ୍ଥାନ ଦେବାପାଇଁ ତାହାକୁ ସ୍ୱୀକାର କରନ୍ତୁ ଏବଂ ସେମାନଙ୍କ ଅନ୍ତରରେ ପବିତ୍ର ପରିବର୍ତ୍ତନ ଆଣନ୍ତୁ । ଏହି ଜଲସା ଆୟୋଜନ କରିବାର ଅନ୍ୟ ଏକ ଉପକାର ହେଉଛି ଯେ, ପ୍ରତ୍ୟେକ ନୂତନ ବର୍ଷରେ ଯେତେ ନବ ଆଗନ୍ତୁକ ଦୀକ୍ଷାଧାରୀ ଭାଇଭଉଣୀମାନେ ଜମାଆତରେ ପ୍ରବେଶ କରିଥିବେ, ସେମାନେ ନିର୍ଦ୍ଧାରିତ ତିଥିରେ ଉପସ୍ଥିତ ରହି ନିଜର ପୂର୍ବତନ ଭ୍ରାତାମାନଙ୍କ ମୁଖ ଦର୍ଶନ କରିବେ । ତତ୍‌ପରେ ପରସ୍ପର ମଧ୍ୟରେ ପ୍ରେମଭାବ ଓ ପରିଚୟ ଆଦାନ ପ୍ରଦାନର ସୌହାର୍ଦ୍ଦ୍ୟପୂର୍ଣ୍ଣ ବାତାବରଣ ସୃଷ୍ଟି ହୋଇ ପାରିବ ଏବଂ ସେମାନଙ୍କ ସମ୍ପର୍କ ବୃଦ୍ଧି ହେବ । ସେହି ଦିନଗୁଡ଼ିକରେ ଯେଉଁ ଭାଇର ସ୍ୱର୍ଗବାସ ହୋଇଯିବ, ସେହି ଜଲସାରେ ତାଙ୍କର ମୋକ୍ଷପ୍ରାପ୍ତି ପାଇଁ ପ୍ରାର୍ଥନା କରାଯିବ । ପୁନଶ୍ଚ ସମସ୍ତ ଭାଇମାନଙ୍କୁ ଆଧ୍ୟାତ୍ମିକ ରୂପେ ଐକ୍ୟବଦ୍ଧ କରିବା ଉଦ୍ଦେଶ୍ୟରେ ସେମାନଙ୍କ ମଧ୍ୟରେ ଥିବା ମତଭେଦ ଓ ପର ଆପଣା ଭେଦଭାବ ତଥା ଅନ୍ୟର ଛିଦ୍ରାନ୍ୱେଷକୁ ଦୂର କରିବା ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରାଯିବ । ସେହି ଆଧ୍ୟାତ୍ମିକ ସମାବେଶରେ ଆହୁରି ଅନେକ ଆଧ୍ୟାତ୍ମିକ କଲ୍ୟାଣ ସାଧିତ ହେବ, ଯାହାର ଆଭାସ ଈଶ୍ୱର ଇଚ୍ଛା କଲେ କେବେ କେବେ ପ୍ରକାଶ ହୋଇ ଚାଲିଥିବ । ସମ୍ବଳହୀନ ଲୋକମାନଙ୍କ ପାଇଁ ଏହା ଉଚିତ ହେବ ଯେ, ଯଦି ପ୍ରଥମରୁ ହିଁ ଏହି ଜଲସାରେ ଯୋଗ ଦେବାକୁ ସେମାନେ ଚିନ୍ତା କରନ୍ତି ଏବଂ ସହଜ ଉପାୟରେ ସଂଚୟ କରି ଅଳ୍ପ କିଛି କିଛି ଅର୍ଥ ଯାତ୍ରାଖର୍ଚ୍ଚ ପାଇଁ ପ୍ରତିଦିନ କିମ୍ବା ମାସିକ ଜମା କରିଚାଲନ୍ତି, ତେବେ ଅତି ସହଜରେ ସେହି ସଂଚିତ ଅର୍ଥରେ ଯାତ୍ରାପଥ ସୁଗମ ହୋଇଯିବ । ଯେପରି ଲାଗିବ ଯାତ୍ରାଟି ମାଗଣା ହୋଇଗଲା । ଯଦି ଲୋକମାନଙ୍କ ଭିତରୁ ଯେଉଁମାନେ

ମୋର ଏହି ପରାମର୍ଶ ଗ୍ରହଣ କରିବେ ଓ ମୋତେ ଯଦି ସ୍ୱତନ୍ତ୍ର ଭାବେ ଲିଖିତ ଆକାରରେ ତତ୍‌କ୍ଷଣାତ ସୂଚୀତ କରନ୍ତି, ତେବେ ତାହା ଅତି ଉତ୍ତମ ହେବ । ଯଦ୍ୱାରା ଏକ ଅଲଗା ସୂଚୀରେ ସେ ସମସ୍ତ ଶ୍ରଦ୍ଧାଳୁଙ୍କର ନାମ ସୁରକ୍ଷିତ ରହିବ । ସେମାନେ ନିଜର ସାମର୍ଥ୍ୟ ଓ ସମ୍ବଳ ଅନୁସାରେ ଏହି ପବିତ୍ର ସମାବେଶରେ ନିର୍ଦ୍ଧାରିତ ତିଥିରେ ହାଜର ହେବା ସକାଶେ ତଥା ନିଜ ଜୀବନର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ସଂକଳ୍ପ କରିନିଅନ୍ତୁ । ତତ୍‌ସହିତ ନିଜର ତନ ମନ ଧନ ସେହି ମାର୍ଗରେ ଉତ୍ସର୍ଗ କରିବାର ପଣ ନେଇ ଉପସ୍ଥିତ ହୋଇଯାଆନ୍ତୁ । କେବଳ ସେହି ପରିସ୍ଥିତି ଉପୁଯିବା ବ୍ୟତୀତ ଯେତେବେଳେ ମଧ୍ୟ କୌଣସି ସମସ୍ୟା ଦେଖା ଦେବ, ଏପରି କି ଯାତ୍ରାପଥରେ ପ୍ରତିବନ୍ଧକ ସୃଷ୍ଟି ହୋଇଯିବ ଯାହା ନିଜ ଶକ୍ତି ବହିର୍ଭୂତ ହୋଇଥିବ । ଏବେ ଯେଉଁ ୨୭ ଡ଼ିସେମ୍ବର ୧୮୯୧ ମସିହାକୁ ଧର୍ମଗତ ପରାମର୍ଶ ଗ୍ରହଣ ହେତୁ ଏହି ଜଲସା ଧାର୍ଯ୍ୟ କରାଯାଇଛି, ସେଥିରେ ଚଳିତ ବର୍ଷ ଯୋଗ ଦେବା ପାଇଁ ଯେତେ ସଂଖ୍ୟକ ଶ୍ରଦ୍ଧାଳୁ କେବଳ ଅଲ୍ଲାଃଙ୍କ ସାନିଧ୍ୟ ପ୍ରାପ୍ତି ଉଦ୍ଦେଶ୍ୟରେ ଯାତ୍ରାକାଳୀନ ପୀଡ଼ା ସହ୍ୟ କରୁଛନ୍ତି, ଈଶ୍ୱର ସେମାନଙ୍କୁ ଉତ୍ତମ ପ୍ରତିଫଳ ପ୍ରଦାନ କରନ୍ତୁ ଏବଂ ସେମାନଙ୍କର ପ୍ରତ୍ୟେକ ପଦକ୍ଷେପର ପୁଣ୍ୟଫଳ ସେମାନଙ୍କୁ ପ୍ରଦାନ କରନ୍ତୁ । ତଥାସ୍ତୁ ।

**ଘୋଷଣା** : ଆମ ନିକଟରେ କେତେ ସଂଖ୍ୟକ ପୁସ୍ତିକା 'ଫତାଃ ଇସଲାମ୍' ଏବଂ 'ତୌଜି ମରାମ୍' ଉପଲବ୍ଧ ଅଛି । ଯାହାର ମୂଲ୍ୟ ପ୍ରତିଖଣ୍ଡ ଏକଟଙ୍କା ରଖାଯାଇଛି ଏବଂ କେତେ ଖଣ୍ଡ ଇଜାଲା ଅଓ୍ୱହାମ୍ ପୁସ୍ତକ ମଧ୍ୟ ରହିଛି, ଯାହାର ମୂଲ୍ୟ ତିନିଟଙ୍କା ଧାର୍ଯ୍ୟ କରାଯାଇଛି (ଡ଼ାକ ଖର୍ଚ୍ଚ ଅଲଗା) । ଆଗ୍ରହୀ ବ୍ୟକ୍ତି ଏଗୁଡିକୁ କିଣି ପାରନ୍ତି । ଆମର ଠିକଣା ହେଉଛି : କାଦିୟାନ, ଜିଲ୍ଲା-ଗୁରୁଦାସପୁର । ଏହି ପୁସ୍ତକଗୁଡିକର ଲେଖକଙ୍କ ଠାରୁ କିମ୍ବା ଯଦି ପଟିଆଲାର ମୀର ନାସୀର ନଓ୍ୱାବ ସାହେବ ନକ୍ସା ଅଙ୍କନକାରୀଙ୍କ କାର୍ଯ୍ୟାଳୟରୁ ହାସଲ କରିପାରିବେ । ବିଶେଷତଃ ଏହି ପୁସ୍ତକଗୁଡ଼ିକୁ ପଞ୍ଜାବ ପ୍ରେସ, ସିଆଲକୋଟରେ ମୌଲବୀ ଗୁଲାମ କାଦିର ସାହେବ ଫସିହ ମାଲିକ ଓ ମୁଦ୍ରକଙ୍କ ନିକଟରୁ ମଧ୍ୟ ମଗାଇ ପାରିବେ ।